୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

E-mail : sambadkalikanews@gmail.com

● ବର୍ଷ–୩୩ ● ସଂଖ୍ୟା–୧୭୨ ● ୨୨ ଜୁଲାଇ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-172 ● 22nd July 2026, Wednesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ହକି ବିଶ୍ୱକପ୍ ୨୦୨୬ ପାଇଁ ଭାରତୀୟ ଦଳ ଘୋଷଣା : ଓଡ଼ିଶାର ୨ ଷ୍ଟାର୍ ଖେଳାଳି ସାମିଲ



## ୪୫୭୩ କୋଟିର ୨୩ ପ୍ରକଳ୍ପ ପ୍ରସ୍ତାବକୁ ଏସ୍‌ଡବ୍ଲ୍ୟୁସିଏ’ର ମଞ୍ଜୁରୀ

# ଏଚ୍‌ସିଏଲ୍ ସ୍ଥାପନ କରିବ ଗ୍ଲୋବାଲ ଡେଭେଲପମେଣ୍ଟ ସେଣ୍ଟର

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୮ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକରେ ଏଚସିଏଲର ପ୍ରକଳ୍ପ ସମେତ ୪୫୭୩.୮୭ କୋଟି ଟଙ୍କା ନିବେଶରେ କାର୍ଯ୍ୟକାରୀ ହେବାକୁ ଥିବା ୨୩ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଦେଶର ଅଗ୍ରଣୀ ସୂଚନା ପ୍ରଯୁକ୍ତି (ଆଇଟି) କମ୍ପାନୀ ଏଚସିଏଲ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ଖୋର୍ଦ୍ଧାରେ ୭୩୦ କୋଟି ଟଙ୍କା ନିବେଶରେ ଏକ ଗ୍ଲୋବାଲ୍ ଡେଭେଲପମେଣ୍ଟ ସେଣ୍ଟର ସ୍ଥାପନ କରିବ। ଗତବର୍ଷ ଏପ୍ରିଲରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୋଏଡ଼ାରେ କମ୍ପାନୀ କାର୍ଯ୍ୟାଳୟ ପରିଦର୍ଶନ କରିବା ସମୟରେ ଓଡ଼ିଶାରେ ଏକ କ୍ୟାମ୍ପସ ସ୍ଥାପନ କରିବାକୁ ଏଚ୍‌ସିଏଲ୍‌କୁ ପ୍ରସ୍ତାବ ଦେଇଥିଲେ।



ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା ହେଲେ ରାଜ୍ୟରେ ୨୨,୮୭୩ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବୈଠକରେ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ଅନୁଗୋଳ, ବଲାଙ୍ଗୀର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୂଆପଡ଼ା, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଗ୍ରୋଇଂ ଟ୍ରି ଅଏଲ୍ ଆଣ୍ଡ୍ ରିଫାଇନାରୀ କମ୍ପାନୀ ୨୫୦ କୋଟି ଟଙ୍କା ନିବେଶ କରି ନୂଆପଡ଼ାରେ ଏକ ଖାଇବା ତେଲ କାରଖାନା ଓ କଟକରେ ଏକ ଡାଏରୀ ପ୍ରକଳ୍ପ ପ୍ରତିଷ୍ଠା କରିବ। ସେହିପରି ପୋଷାକ ଉତ୍ପାଦନ କ୍ଷେତ୍ରରେ ରିଚା ଗ୍ଲୋବାଲ୍ ଏକ୍ସପୋର୍ଟସ୍ କମ୍ପାନୀ ୮୪.୪୫ କୋଟି ଟଙ୍କା, ଆସ୍ଥା କଟନ୍ସ ୧୨୪.୫୦ କୋଟି ଟଙ୍କା, ଏସ୍‌ପିଏଲ୍ ଇଣ୍ଡଷ୍ଟ୍ରିଜ୍ ୫୦ କୋଟି ଟଙ୍କା ଓ ଏସ୍‌ଏପିଏଲ୍ ଇଣ୍ଡଷ୍ଟ୍ରିଜ୍ ୨୫୪ କୋଟି ଟଙ୍କା ନିବେଶ କରିବେ। ସେଥିରୁ ତିନିଟି ପ୍ରକଳ୍ପ ପୁରୀରେ ଓ ଗୋଟିଏ ବଲାଙ୍ଗୀରରେ ହେବ। ଏସିଏମ୍‌ଇ କ୍ଲିନଟେକ୍ ସଲ୍ୟୁସନ୍ସ ତରଫରୁ ୭୭୮ କୋଟି ଟଙ୍କା ନିବେଶରେ ଗଞ୍ଜାମ ଜିଲ୍ଲାରେ ଏକ ଆଲ୍‌କାଲାଇନ୍ ଇଲେକ୍ଟ୍ରୋଲାଇଜର୍ କାରଖାନା ମଧ୍ୟ ସ୍ଥାପନ କରିବ।

ଡିଅନ୍ ରିଭରସାଇଡ୍ ଟାଉନସିପର ୨୭୫.୮୯ କୋଟି ଟଙ୍କାର ହସ୍ପିଟାଲ୍ ପ୍ରକଳ୍ପକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଥିଲା। କଟକରେ ବିଶ୍ୱ ଆଣ୍ଡ୍ ଜିତ୍ ମଲ୍ଟି କମ୍ପ୍ଲେକ୍ସ, ସମ୍ବଲପୁରରେ ଜେଏଏସ୍ ଟାୱାର୍ସ ଏଲ୍‌ଏଲପି ଓ ଖୋର୍ଦ୍ଧାରେ ଶ୍ରୀକ୍ରିଷ୍ଣା ଇଷ୍ଟେଟ୍ସ ଆଣ୍ଡ୍ କନଷ୍ଟ୍ରକ୍ସନର ପଞ୍ଚତାରକା ହୋଟେଲ୍ ଓ ରିସୋର୍ଟ ପ୍ରକଳ୍ପକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଛି। ଢେଙ୍କାନାଳ ଓ ସୁନ୍ଦରଗଡ଼ରେ ଦୁଇଟି ଲଜିଷ୍ଟିକ୍ସ ପାର୍କ କରିବାରେ ଶ୍ରୀ ଜୟବାଲାଜୀ ଏଗ୍ରୋପ୍ରଡକ୍ଟସ୍ ଓ ଲିଙ୍ଗରାଜ ଟ୍ରାନ୍ସଲଜିଷ୍ଟିକ୍ସ ଯଥାକ୍ରମେ ୧୨୦ କୋଟି ଟଙ୍କା ଓ ୧୫୦ କୋଟି ଟଙ୍କା ନିବେଶ କରିବେ। ଟାଟା ଷ୍ଟିଲ୍ ତରଫରୁ କେନ୍ଦୁଝରରେ ଏକ ରେଲୱେ ସାଇଡିଂ ନିର୍ମାଣରେ ୧୬୫.୩୦ କୋଟି ଟଙ୍କା ବିନିଯୋଗ କରାଯିବ। *(ପୃଷ୍ଠା ୭ରେ)*

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା

# ଦୋଷୀଙ୍କୁ କଠୋରତମ ଦଣ୍ଡ ଦେବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୨୧।୭

ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଏବେ ସାରା ଦେଶରେ ହଇଚଇ। ଏହି ଘଟଣାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ସିଜେପି (କକ୍ରୋଚ୍ ଜନତା ପାର୍ଟି) ଆନ୍ଦୋଳନ ଜାରି ରଖିଛି। ସିଜେପିର ‘ଚଲୋ ସଂସଦ’ ପଦଯାତ୍ରା ସମୟରେ ପୁଲିସ ସହ ବ୍ୟାପକ ସଂଘର୍ଷ ହୋଇଥିବାବେଳେ ଲାଠିମାଡ଼ରେ ଅନେକ ଆନ୍ଦୋଳନକାରୀ ଆହତ ହୋଇଛନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ପ୍ରଥମ ଥର ପାଇଁ ମତ ରଖି ଦୋଷୀମାନଙ୍କୁ କଠୋରତମ ଦଣ୍ଡ ଦେବାକୁ ଆହ୍ୱାନ କରିଛନ୍ତି। ପ୍ରଶ୍ନପତ୍ର ଲିକ୍ ରୋକିବା ଦେଶର ସାମୂହିକ ଉତ୍ତରଦାୟିତ୍ୱ ବୋଲି ସେ କହିଛନ୍ତି।

ସୋମବାର ଏନଡିଏ ସଂସଦୀୟ ଦଳର ‘ମଙ୍ଗଳ ମିଳନ’ ବୈଠକରେ ପ୍ରଧାନମନ୍ତ୍ରୀ ଏହି ମନ୍ତବ୍ୟ ଦେଇଥିବା ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ମଙ୍ଗଳବାର ସୂଚନା ଦେଇଛନ୍ତି। ରିଜିଜୁ କହିଛନ୍ତି, ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ମିଳିତ ଭାବେ ଏକ ସୁରକ୍ଷିତ ଓ ତ୍ରୁଟିମୁକ୍ତ ପରୀକ୍ଷା ବ୍ୟବସ୍ଥା ଗଠନ କରିବାକୁ ଆହ୍ୱାନ କରିଛନ୍ତି। ସେ ଏନଡିଏର ସହଯୋଗୀ ଦଳମାନଙ୍କୁ ଏକତା ବଜାୟ



ରଖିବାକୁ ଅନୁରୋଧ କରିଥିବାବେଳେ ବିରୋଧୀ ଦଳମାନଙ୍କୁ ମଧ୍ୟ ଗଠନମୂଳକ ସହଯୋଗ ପାଇଁ ଆହ୍ୱାନ କରିଛନ୍ତି। ରାଜନୈତିକ ମତଭେଦ ଥାଇପାରେ, କିନ୍ତୁ ଦେଶର ଭବିଷ୍ୟତ ଓ ଯୁବପିଢ଼ିର କଲ୍ୟାଣ ପାଇଁ ସମସ୍ତ ସାଂସଦଙ୍କର ସମାନ ଦାୟିତ୍ୱ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ନିଟ୍ ପ୍ରଶ୍ନପତ୍ର ଲିକ୍ ଖବର ମିଳିବା ମାତ୍ରେ ସରକାର ତୁରନ୍ତ ପଦକ୍ଷେପ ନେଇଥିଲେ। ଘଟଣାରେ ସମ୍ପୃକ୍ତ ଅନେକଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିବିଆଇ ମାମଲାର ମୁଖ୍ୟ ଅଭିଯୁକ୍ତ ରସାୟନ ବିଜ୍ଞାନ ଅଧ୍ୟାପକଙ୍କୁ ଗିରଫ କରିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରଭାବିତ ନ ହେବା ପାଇଁ ବିଳମ୍ବ ନ କରି ପୁନଃପରୀକ୍ଷା କରାଯାଇଥିଲା। *(ପୃଷ୍ଠା ୭ରେ)*

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ଉଚିତ୍ : ନବୀନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୭

ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ହୋଇଥିବା ବିଭିନ୍ନ ଅନିୟମିତତା ଏବଂ ପ୍ରଶାସନିକ ତ୍ରୁଟିରେ ସିଧାସଳଖ ଜଡ଼ିତ ଥିବା ଦର୍ଶାଇ, ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବା ଉଚିତ୍ ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ନୂଆଦିଲ୍ଲୀ ଗସ୍ତରେ ଥିବା ଶ୍ରୀ ପଟ୍ଟନାୟକ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ବିଜୁ ଜନତା ଦଳର ସମସ୍ତ ସାଂସଦମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଦିଲ୍ଲୀ ସ୍ଥିତ ନବୀନଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି, ଆଗାମୀ ସଂସଦୀୟ *(ପୃଷ୍ଠା ୭ରେ)*

## ଅଗଷ୍ଟ ୩-୫ ଯାଏଁ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଅଗଷ୍ଟ ୩ରୁ ୫ ତାରିଖ ପର୍ଯ୍ୟନ୍ତ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ଅବସରରେ ସେ ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁରରେ ଆୟୋଜିତ ବିଭିନ୍ନ ସରକାରୀ, ଶିକ୍ଷାନୁଷ୍ଠାନ ଓ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।ରାଷ୍ଟ୍ରପତିଙ୍କ *(ପୃଷ୍ଠା ୭ରେ)*

## ଆଗାମୀ ପଞ୍ଚାୟତ, ପୌର ନିର୍ବାଚନ ପ୍ରସ୍ତୁତି ନେଇ ନିର୍ବାଚନ ଆୟୋଗଙ୍କ ବୈଠକ

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ଆଗାମୀ ୨୦୨୭ ମସିହାରେ ରାଜ୍ୟରେ ହେବାକୁ ଥିବା ତ୍ରି-ସ୍ତରୀୟ ପଞ୍ଚାୟତ ଓ ପୌର ସଂସ୍ଥା ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକ ଉଚ୍ଚସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସମସ୍ତ ପୌର ନିଗମର ଆୟୁକ୍ତ(କମିଶନର),ସମସ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଏବଂ ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟରମାନେ ସାମିଲ ହୋଇଥିଲେ। ଆଗାମୀ ନିର୍ବାଚନ ପରିଚାଳନା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆୟୁକ୍ତ ସମସ୍ତ ଜିଲ୍ଲାପାଳଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି।

ବୈଠକରେ କୁହାଯାଇଥିଲା ଯେ, ଦ୍ୱାରକୁ ଦ୍ୱାର ସର୍ଭେ ମାଧ୍ୟମରେ ପ୍ରକୃତ ସ୍ଥିତି ଅନୁଯାୟୀ ବୁଥ୍ ଭିତ୍ତିକ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଏହା ସହିତ ପ୍ରତ୍ୟେକ ଘରକୁ କ୍ରମିକ ଘର ନମ୍ବର ପ୍ରଦାନ, ଗୋଟିଏ ପରିବାରର ସମସ୍ତ ଯୋଗ୍ୟ ଭୋଟରଙ୍କୁ କ୍ରମାନୁସାରେ ତାଲିକାଭୁକ୍ତ କରିବା, ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ଆଇନଗତ ପ୍ରକ୍ରିୟାରେ ସାମିଲ କରାଯିବାକୁ ଆଲୋଚନା ହୋଇଥିଲା।

ସର୍ଭେ ପାଇଁ ପ୍ରତ୍ୟେକ ଦଳରେ ସମ୍ପୃକ୍ତ ବୁଥ୍ ଲେଭେଲ୍ ଅଫିସର (ବିଏଲଓ)ଙ୍କୁ ଟିମ୍ ଲିଡର ଭାବେ ନିଯୁକ୍ତ କରାଯିବ। ତାଙ୍କୁ ଦୁଇଜଣ ଅଙ୍ଗନୱାଡ଼ି କର୍ମୀ ସହଯୋଗ କରିବେ। ଆବଶ୍ୟକ ସ୍ଥଳେ ଆଶା କର୍ମୀ, ଜଳ ସାଥୀ କିମ୍ବା ସ୍ୱଚ୍ଛ ସାଥୀଙ୍କୁ ମଧ୍ୟ ଦଳରେ ସାମିଲ କରାଯିବ। ବ୍ଲକ ଓ ସହରାଞ୍ଚଳ ସ୍ତରରେ ସୁପରଭାଇଜର ଏବଂ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନେ *(ପୃଷ୍ଠା ୭ରେ)*

## ଧାରଣା ସ୍ଥଳରୁ ରାହୁଲ ଗାନ୍ଧୀଙ୍କୁ ଉଠାଇ ନେଲା ପୋଲିସ



ନୂଆଦିଲ୍ଲୀ, ୨୧।୭

ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନରେ ବସିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ସମାଜବାଦୀ ପାର୍ଟି ମୁଖିଆ ଅଖିଳେଶ ଯାଦବ ଏବଂ ଅନ୍ୟାନ୍ୟ ଅନେକ ନେତାଙ୍କୁ ପୋଲିସ ଅଟକ ରଖିଛି। ପୋଲିସ ସମସ୍ତ ନେତାଙ୍କୁ ବସରେ ବସାଇ ପ୍ରଦର୍ଶନ ସ୍ଥଳରୁ ଦୂରକୁ ନେଇଯାଇଛି। ଅଟକ ହେବା ପରେ ରାହୁଲ ଗାନ୍ଧୀ କହିଛନ୍ତି, “ମୋଦୀ ଜୀ, ଯେତେ ବଳପ୍ରୟୋଗ କରିବାର ଅଛି କରନ୍ତୁ, ନିଜର ସମ୍ପୂର୍ଣ୍ଣ ଶକ୍ତି ଲଗାଇଦିଅନ୍ତୁ, ଛାତ୍ରଛାତ୍ରୀଙ୍କ ନ୍ୟାୟର ଏହି ଲଢ଼େଇ ଆଉ ଅଟକିବ ନାହିଁ।”

ରାହୁଲ ଗାନ୍ଧୀ କହିଛନ୍ତି, “ଗିରଫ କରନ୍ତୁ, ଜେଲରେ ପୁରାନ୍ତୁ, କିଛି ଫରକ ପଡ଼ିବ ନାହିଁ। ମୋଦୀ ସରକାରଙ୍କ କ୍ଷମତାର ଶକ୍ତିଠାରୁ ଆମ ସତ୍ୟାଗ୍ରହର ଶକ୍ତି ଅନେକ ବଡ଼। ଆମ ପିଲାମାନଙ୍କ ସହ ହୋଇଥିବା ଅତ୍ୟାଚାରର ହିସାବ ତ ଦେବାକୁ ହିଁ ପଡ଼ିବ।”

ସମାଜବାଦୀ ପାର୍ଟି ମୁଖିଆ ଅଖିଳେଶ ଯାଦବ ମଧ୍ୟ ଏହି ଧାରଣାରେ ସାମିଲ ହୋଇଥିଲେ। *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ୟୁକ୍ରେନ୍ ଛାଡୁଥିବା ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣରେ ୪ ଭାରତୀୟଙ୍କ ମୃତ୍ୟୁ, ରୁଷର ପ୍ରଭାରୀ ରାଷ୍ଟ୍ରଦୂତଙ୍କୁ ତଲବ କଲା ଭାରତ।
- ଲୋକସଭା ବାଚସ୍ପତିଙ୍କୁ ଭେଟିଲେ ରାହୁଲ ଗାନ୍ଧୀ।
- ଇଣ୍ଟରନ୍ୟାସନାଲ ବର୍ଡର ପାର କରିବାକୁ ଚେଷ୍ଟା କରୁଥିବା ପାକିସ୍ତାନୀ ବ୍ୟକ୍ତିଙ୍କୁ ଗିରଫ କଲା ବିଏସଏଫ।
- ଆଫଗାନିସ୍ତାନରେ ବନ୍ୟା, ୨୦ ମୃତ, ୮୦ରୁ ଅଧିକ ଆହତ, ୧୦୦ ନିଖୋଜ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୨୨ (+୭୬)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୨୨୦ (+୭୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୮୧୬ (+୫୭)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (+୦)

## ବିରୋଧୀଙ୍କ ହଙ୍ଗାମା ଜାରି : ସଂସଦର ଉଭୟ ଗୃହ ଦିନକ ପାଇଁ ମୁଲତବୀ

ନୂଆଦିଲ୍ଲୀ, ୨୧।୭

ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ମଧ୍ୟ ବିରୋଧୀଙ୍କ ହଙ୍ଗାମା। ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍. ଇ. ଇ. ଟି.) ପ୍ରଶ୍ନପତ୍ର ଲିକ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ସେମାନଙ୍କ ହଙ୍ଗାମା ଜାରି ରଖିଥିବାରୁ ଅନେକ ବାଧାବିଘ୍ନ ପରେ ବୁଧବାର ଦିନ ଉଭୟ ଗୃହକୁ ସକାଳ ୧୧ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା।

ମଙ୍ଗଳବାର ସକାଳ ୧୧ଟାରେ ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ସଦସ୍ୟମାନେ ହଙ୍ଗାମା ଜାରି ରଖିଥିଲେ, ଯାହାଫଳରେ ପ୍ରଥମେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏବଂ ପରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଅପରାହ୍ନ ୨ଟାରେ *(ପୃଷ୍ଠା ୭ରେ)*

## ଆମେରିକା-ଇରାନ ଯୁଦ୍ଧ

# ହର୍ମୁଜ ଷ୍ଟ୍ରେଟରେ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ, ଲାଗିଲା ନିଆଁ

ତେହେରାନ, ୨୧।୭

ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ଅନ୍ତର୍ଜାତୀୟ ଜଳପଥ ହର୍ମୁଜ୍ ଷ୍ଟ୍ରେଟରେ ଉତ୍ତେଜନା ବୃଦ୍ଧି ପାଇଛି। ଦୁଇଟି ତୈଳ ଟ୍ୟାଙ୍କର ଉପରେ ଗୁଳି ଚାଳନା ହୋଇଥିବା ଇରାନ ନିଶ୍ଚିତ କରିଛି। ୟୁ. କେ. ମେରିଟାଇମ୍ ଅପରେସନ୍ କହିଛି ଯେ ଏ ସଂକ୍ରାନ୍ତରେ ଅନେକ ରିପୋର୍ଟ ପାଇଛି। ସୋମବାର ଅପରାହ୍ନରେ ଓମାନର ଲିମା ଉପକୂଳରେ ହର୍ମୁଜ ଷ୍ଟ୍ରେଟରେ ଏକ ଅଜ୍ଞାତ କ୍ଷେପଣାସ୍ତ୍ର ଏକ ତୈଳ ଟ୍ୟାଙ୍କରକୁ ଧକ୍କା ଦେଇଥିଲା ବୋଲି ରିପୋର୍ଟରେ କୁହାଯାଇଛି। ଏହି ଏଜେନ୍ସି ପାରସ୍ୟ ଉପସାଗର, ଉତ୍ତର ଭାରତ ମହାସାଗର ଏବଂ ଲୋହିତ ସାଗରରେ ଜାହାଜ ଚଳାଚଳ ଉପରେ ନଜର ରଖିଛି।

ସି. ଏନ୍. ଏନ୍. ଏବଂ ଅଲ୍ ଜଜିରା ରିପୋର୍ଟ କରିଛନ୍ତି ଯେ ୟୁକେ ମେରିଟାଇମ୍ ଅପରେସନ୍ ମଙ୍ଗଳବାର ସକାଳେ ଟ୍ୟାଙ୍କରର ମାଲିକ ସିପିଂ କମ୍ପାନୀର ସୁରକ୍ଷା ଅଧିକାରୀ (ସି. ଏସ୍. ଓ.) ଙ୍କ ସହ କଥା ହୋଇଥିଲେ। ସି. ଏସ୍. ଓ. କହିଛନ୍ତି, ‘ନାବିକମାନେ ଜାହାଜ ଛାଡ଼ି ଦେଇଛନ୍ତି ଏବଂ ବର୍ତ୍ତମାନ ଲାଇଫ୍ ବୋଟ୍‌ରେ ଅଛନ୍ତି।’ ଏହାର କିଛି ସମୟ ପୂର୍ବରୁ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ (ଆଇ. ଆର. ଜି. ସି.) ଦାବି କରିଥିଲା ଯେ ହର୍ମୁଜ୍ ଷ୍ଟ୍ରେଟ୍‌ର ଅସୁରକ୍ଷିତ ଦକ୍ଷିଣ ମାର୍ଗ ଦେଇ ଯିବାକୁ ଚେଷ୍ଟା କରୁଥିବାବେଳେ ଦୁଇଟି ତୈଳ ଟ୍ୟାଙ୍କର ବିସ୍ଫୋରଣ ପରେ ନିଆଁ ଲାଗିଯାଇଥିଲା। ଆଇଆରଜିସି ଦାବି କରିଥିଲା ଯେ ନିୟମ ଅମାନ୍ୟ କରିଥିବାରୁ ଏହି ଟ୍ୟାଙ୍କରଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିଲା।

ବ୍ରିଟେନର ସାମୁଦ୍ରିକ ବାଣିଜ୍ୟ କାର୍ଯ୍ୟକଳାପ କହିଛି ଯେ କୌଣସି ପରିବେଶଗତ ପ୍ରଭାବ ବିଷୟରେ କୌଣସି ରିପୋର୍ଟ ନାହିଁ। ଏହାପୂର୍ବରୁ ରବିବାର ଦିନ ଓମାନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଉପକୂଳରେ ଦୁଇଟି ଜାହାଜକୁ କ୍ଷେପଣାସ୍ତ୍ର ଧକ୍କା ଦେଇଥିଲା। ଇତି ମଧ୍ୟରେ, ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) ଏକ୍ସ ପୋଷ୍ଟରେ ରିପୋର୍ଟ କରିଛି ଯେ ମଙ୍ଗଳାବର ରାତି ୯ଟା (ପୂର୍ବ ସମୟ) ରେ ଆମେରିକା ସେନା ଇରାନ ବିରୋଧରେ ଆଉ ଏକ ରାଉଣ୍ଡ ଷ୍ଟ୍ରାଇକ୍ ସମାପ୍ତ କରିଛି। ସେନା ଇରାନର ସାମରିକ କମାଣ୍ଡ ସେଣ୍ଟର, ସାମୁଦ୍ରିକ କ୍ଷମତା, କ୍ଷେପଣାସ୍ତ୍ର, ଡ୍ରୋନ୍ ଉତକ୍ଷେପଣ ସ୍ଥଳ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଉପରେ ଆକ୍ରମଣ କରିଥିଲା।




## ଏକାଳ ପଖାଳ



ହଜାର ହଜାର ସ୍କୁଲ ଚାଲିଛି
ଶିକ୍ଷକ ନିଯୁକ୍ତ ଜଣେ
ଆମ ଓଡ଼ିଶାରେ ଏଇମିତି ହୁଏ
ସତ ପୂରା ମା’...ରାଣେ
ଶିକ୍ଷା ବିକାଶଟା ସତ ଗୁଣେ
ଏମିତି ଯଦି ଚାଲିଲା ଭାଇନା
ସଫଳତା ଏକା ବାଣେ ।

# ଅଶୋଧିତ ତୈଳ ୧୨୦ ଡଲାରକୁ ବଢ଼ିବା ନେଇ ଆକଳନ କଲା ଗୋଲ୍ଡମ୍ୟାନ୍ ସକ୍ସ



ନୂଆଦିଲ୍ଲୀ, ୨୧।୭

ଆମେରିକା ଓ ଇରାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ପ୍ରଭାବରେ ଯଦି ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ଦୀର୍ଘଦିନ ବନ୍ଦ ରହିବ ତେବେ ଅଶୋଧିତ ତୈଳର ବ୍ୟାରେଲ ପ୍ରତି ଦାମ୍ ୧୨୦ ଡଲାରକୁ ବୃଦ୍ଧି ପାଇବା ଆଶଙ୍କା ରହିଛି ବୋଲି ଗୋଲ୍ଡମ୍ୟାନ୍ ସକ୍ସ ପୂର୍ବାନୁମାନ କରିଛି। ଦୁଇ ଦେଶ ଭିତରେ ପୁଣି ଯୁଦ୍ଧ ଆରମ୍ଭ ହେବାର କିଛି ଦିନ ଭିତରେ ତେଲ ଦର ୯୧ ଡଲାରକୁ ବୃଦ୍ଧି ପାଇଛି।

ଚଳିତ ବର୍ଷର ଚତୁର୍ଥ ତ୍ରୈମାସିକ କିମ୍ବା ଆସନ୍ତା ବର୍ଷ ସୁଦ୍ଧା ବ୍ରେଣ୍ଟ କ୍ରୁଡର ବ୍ୟାରେଲ ପିଛା ଦର ୮୦ ଡଲାର କିମ୍ବା ୭୫ ଡଲାରକୁ ହ୍ରାସ ପାଇବାର ସମ୍ଭାବନା ଥିବା ଗୋଲ୍ଡମ୍ୟାନ୍ ସକ୍ସ କହିଛି। କିନ୍ତୁ ସବୁ କିଛି ଲୋହିତ ସାଗରରେ ଜାହାଜ କିଭଳି ଚଳାଚଳ କରୁଛି ତାହା ଉପରେ ନିର୍ଭର କରିବ। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପାଇଁ ଏହି ବାଟ ଦେଇ ଜାହାଜ ଠିକ୍ ଭାବେ ଚଳାଚଳ କରିପାରୁନାହିଁ। ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ସହ ଆମଦାନୀ କରୁଥିବା ଦେଶଗୁଡ଼ିକୁ ଏହି ଜଳପଥ ଯୋଡ଼ିଥାଏ। ତାହା ଉପରେ ଇରାନ ଓ ଆମେରିକା ଆକ୍ରମଣ କରିବା ଯୋଜନାରେ ରହୁଥିବାରୁ କୌଣସି ସିପିଂ କମ୍ପାନୀ ସେହି ବାଟ ଦେଇ ନିଜ ଜାହାଜ ପଠାଇବାକୁ ଚାହୁଁନାହାନ୍ତି। ସେଭଳି ପରିସ୍ଥିତିରେ ତୈଳ ଓ ଗ୍ୟାସ୍ ଯୋଗାଣ *(ପୃଷ୍ଠା ୭ରେ)*

## ଭୁବନେଶ୍ୱର-କଟକରେ ପ୍ରବଳ ବର୍ଷା ୨୪ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ରାଜଧାନୀରେ ପ୍ରବଳ ବର୍ଷା । ଘଡ଼ଘଡ଼ି ବିଜୁଳି ସାଙ୍ଗକୁ ବର୍ଷା ପବନ। ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି । ଅପରାହ୍ନରେ ଟୁଇନସିଟିରେ ପ୍ରବଳ ବର୍ଷା ହୋଇଛି । ଫଳରେ ଅନେକ ସ୍ଥାନରେ କିଛି ସମୟ ପାଇଁ ଟ୍ରାଫିକ୍ ଜାମ୍ ସ୍ଥିତି ହୋଇଥିଲା । ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ଲାଗିରହିଥିବାବେଳେ ଜନଜୀବନ ପ୍ରଭାବିତ ହୋଇଥିଲା ।

ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାନେଇ ପାଣିପାଗ କେନ୍ଦ୍ର ଆଲର୍ଟ ଜାରି କରିଥିବାବେଳେ ଉତ୍ତର ଓଡ଼ିଶାର ସବୁ ଜିଲ୍ଲା ଏବଂ ଉପକୂଳ ଓଡ଼ିଶାର କିଛି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ବୁଧବାର ବି ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଅପରପକ୍ଷେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ଥିବା ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟରୁ ଏକ ଟ୍ରଫ୍ ଦକ୍ଷିଣ ଓଡ଼ିଶା, ଦକ୍ଷିଣ ଛତିଶଗଡ଼, ତେଲଙ୍ଗାନା, ମଧ୍ୟ ମହାରାଷ୍ଟ୍ର, ମରାଠାୱାଡ଼ା ଓ ଦକ୍ଷିଣ ଗୁଜରାଟ ଦେଇ ଉତ୍ତର-ପୂର୍ବ ଆରବ ସାଗର ପର୍ଯ୍ୟନ୍ତ ଲମ୍ବିଛି। *(ପୃଷ୍ଠା ୭ରେ)*





# ଅସୁରକ୍ଷିତ ବିଦ୍ୟାଳୟ:ପାଚେରୀ ନିର୍ମାଣ ପାଇଁ ଦାବି



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନାହିଁ ପାଚେରୀ, ନାହିଁ ଗେଟ୍। ଅସୁରକ୍ଷିତ ଅବସ୍ଥାରେ ଚାଲିଛି ବିଦ୍ୟାଳୟ। ବିଦ୍ୟାଳୟ ପଛପଟେ ଅଧାପନ୍ତରିଆ ପାଚେରୀ ଥିବା ବେଳେ ସମ୍ମୁଖ ପଟେ ନାହିଁ ପାଚେରୀ କିମ୍ବା ପ୍ରବେଶ ଗେଟ୍। ଫଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଏଭଳି ଅବ୍ୟବସ୍ଥା ନବରଙ୍ଗପୁର ଜିଲ୍ଲା ରାଇଘର ସଦର ମହକୁମା ଅନ୍ତର୍ଗତ କୋଦଭାଟା ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବିଦ୍ୟାଳୟ ନିକଟରେ ଯାନବାହନ ଚଳାଚଳ ସହ ରହିଥିବାରୁ ପାଚେରୀ ଓ ଗେଟ୍ ନଥିବା ଯୋଗୁ ଛାତ୍ରଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ବିଦ୍ୟାଳୟ ସମ୍ମୁଖରେ ପାଚେରୀ ଓ ଗେଟ୍ ନଥିବାରୁ ଅସାମାଜିକ ଲୋକଙ୍କ ପ୍ରବେଶ ସହିତ ଗାଈ, କୁକୁର ଭଳି ପଶୁମାନେ ବିଦ୍ୟାଳୟ ପରିସରକୁ ପ୍ରବେଶ କରିବାର ଆଶଙ୍କା ରହିଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନାହିଁ। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ସୁରକ୍ଷା ପାଇଁ ତୁରନ୍ତ ପାଚେରୀ ଓ ପ୍ରବେଶ ଗେଟ୍ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ନେବାକୁ ଅଭିଭାବକ ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ସୁଭଦ୍ରା ଶକ୍ତି ବଜାର:୫ କୋଟିର ପ୍ରକଳ୍ପ ଆରମ୍ଭରେ ବିଳମ୍ବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଆର୍ଥିକ ସଶକ୍ତିକରଣ କରିବା ଲକ୍ଷ୍ୟରେ ନିର୍ମିତ ବ୍ରହ୍ମପୁରରେ ସୁଭଦ୍ରା ଶକ୍ତି ବଜାର ଉଦ୍ଘାଟନର ପାଖାପାଖି ୬ ମାସ ବିତିଯାଇଥିଲେ ମଧ୍ୟ ଏଯାବତ୍ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଖୋଦ୍ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପର ଉଦ୍ଘାଟନ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଏଠାରେ ଗୋଟିଏ ବି ଦୋକାନ ଖୋଲିନାହିଁ କି କୌଣସି ବ୍ୟବସାୟିକ କାର୍ଯ୍ୟକଳାପ ଆରମ୍ଭ ହୋଇନାହିଁ। ବଜାର ପରିଚାଳନା ନେଇ ସ୍ପଷ୍ଟ ନୀତି ପ୍ରସ୍ତୁତ ହୋଇନଥିବାରୁ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛି। ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ କମାପଲ୍ଲୀ ଛକ ନିକଟରେ ଏକ ଏକର ଜମି ଉପରେ ଏହି ଆଧୁନିକ ବଜାର ନିର୍ମାଣ କରାଯାଇଛି। ଗତ ଜାନୁଆରୀ ୩୦ ତାରିଖରେ ସୁଭଦ୍ରା ଶକ୍ତି ବଜାର ଉଦ୍ଘାଟିତ ହୋଇଥିଲା। ଉଦ୍ଘାଟନ ପରେ ଅଳ୍ପ ସମୟ ମଧ୍ୟରେ ଏହା ଚାଲୁ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ସାଢ଼େ ୫ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ବଜାରଟି ଖୋଲିପାରିନାହିଁ। କମାପଲ୍ଲୀ ଛକରୁ ଟାଟାବେଞ୍ଜ ଛକକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା କଡ଼ରେ ନିର୍ମିତ ଏହି ପ୍ରକଳ୍ପରେ ମାର୍କେଟ୍ କମ୍ପ୍ଲେକ୍ସ, ସୁଭଦ୍ରା ଶକ୍ତି କାଫେ, ପାର୍କିଂ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ରହିଛି। ଗ୍ରାଉଣ୍ଡ ଫ୍ଲୋର୍ ସମେତ ଦୁଇ ମହଲା ବିଶିଷ୍ଟ ଏହି ମାର୍କେଟ୍ କମ୍ପ୍ଲେକ୍ସରେ ମୋଟ୍ ୨୪ଟି ଦୋକାନ ଓ ଆଉଟ୍‌ଲେଟ୍ ରହିଛି। ପ୍ରତ୍ୟେକ ମହଲାରେ ୧୨ଟି ଲେଖାଏଁ ଦୋକାନ ରହିଥିବା ବେଳେ ପ୍ରତ୍ୟେକ ଦୋକାନର କ୍ଷେତ୍ରଫଳ ୧୪ ବର୍ଗମିଟର ରହିଛି। କେବଳ ୧୪୨ ବର୍ଗମିଟର ଅଞ୍ଚଳରେ ସ୍ୱତନ୍ତ୍ର ଭାବେ ସୁଭଦ୍ରା ଶକ୍ତି କାଫେ ନିର୍ମାଣ କରାଯାଇଛି। ଏଠାରେ ଏକକାଳୀନ ୪୦ ଜଣ ବାସି ଖାଦ୍ୟ ଗ୍ରହଣ କରିପାରିବେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ସ୍ଥାନୀୟ ଉତ୍ପାଦ ଏଠାରେ ବିକ୍ରି କରିବାକୁ ଯୋଜନା ରହିଛି। ଏହି ବଜାର ମାଧ୍ୟମରେ ସହର ଓ ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ, ଖାଦ୍ୟ ସାମଗ୍ରୀ, ହସ୍ତତନ୍ତ ବସ୍ତ୍ର, ଗୃହୋପଯୋଗୀ ଦ୍ରବ୍ୟ ସମେତ ବିଭିନ୍ନ ଉତ୍ପାଦର ସ୍ଥାୟୀ ବିପଣନ ବ୍ୟବସ୍ଥା କରିବାକୁ ସରକାର ଲକ୍ଷ୍ୟ ରହିଛି। ଏହାଦ୍ୱାରା ମହିଳାମାନଙ୍କ ରୋଜଗାର ବୃଦ୍ଧି ସହ ଆର୍ଥିକ ସ୍ୱାବଲମ୍ବନ ହାସଲ କରିବାର ଯୋଜନା ଥିଲା। କିନ୍ତୁ ପରିଚାଳନା ନୀତି ଚୂଡ଼ାନ୍ତ ହୋଇନଥିବାରୁ ଦୋକାନ ବଣ୍ଟନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇନାହିଁ। ଏହି ପ୍ରକଳ୍ପର ପରିଚାଳନା କେଉଁ ସଂସ୍ଥା କରିବ, ଦୋକାନ କେଉଁ ଆଧାରରେ ବଣ୍ଟନ କରାଯିବ ଏବଂ କେବେଠାରୁ ବଜାର କାର୍ଯ୍ୟକ୍ଷମ ହେବ, ସେନେଇ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଫଳରେ ବହୁ କୋଟି ଟଙ୍କାରେ ନିର୍ମିତ ଏହି ଆଧୁନିକ ପ୍ରକଳ୍ପ ବ୍ୟବହାର ଅପେକ୍ଷାରେ ପଡ଼ିରହିଛି। ସହରବାସୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନଙ୍କ ମତରେ ପ୍ରକଳ୍ପର ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ ଥିବା ସତ୍ତ୍ୱେ କେବଳ ପରିଚାଳନାଗତ ବିଳମ୍ବ ଯୋଗୁ ଏହା କାମରେ ଲାଗିପାରୁନାହିଁ। ତେଣୁ ଦୋକାନ ବଣ୍ଟନ ପ୍ରକ୍ରିୟା ଶୀଘ୍ର ଶେଷ କରି ବଜାରକୁ କାର୍ଯ୍ୟକ୍ଷମ କରିବାପାଇଁ ସାଧାରଣରେ ଦାବି ଜୋର୍ ଧରିଛି।

# ରାସ୍ତା କଡ଼ରେ କୁକୁଡ଼ା କଟା:ଦୁର୍ଗନ୍ଧରେ ଅତିଷ୍ଠ ଜନସାଧାରଣ, ବଢ଼ୁଛି ଅସନ୍ତୋଷ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ସହର ସମେତ ପୁରୁଣା ବଜାର ଥାନା ଅଞ୍ଚଳରେ ଦିନକୁ ଦିନ ଅବ୍ୟବସ୍ଥିତ ଭାବେ ବଢ଼ୁଥିବା କୁକୁଡ଼ା ଦୋକାନ ଏବେ ସାଧାରଣ ଲୋକଙ୍କ ପାଇଁ ଭୟଙ୍କର ସମସ୍ୟାର କାରଣ ହୋଇପଡ଼ିଛି। ରାସ୍ତା କଡ଼ରେ ସର୍ବସାଧାରଣ ସ୍ଥାନରେ କୁକୁଡ଼ା କାଟାଯାଉଥିବାରୁ ଅଞ୍ଚଳରେ ଅସହ୍ୟ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏହାର ପ୍ରଭାବରେ ଦୋକାନୀ, ପଥଚାରୀ, ସ୍ଥାନୀୟ ବାସିନ୍ଦା ଓ ଛୋଟ ଛୋଟ ଶିଶୁମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତା ଉପରେ ଖୋଲାମେଲା ଭାବେ କୁକୁଡ଼ା କାଟାଯାଉଥିବା ବେଳେ, ତାହାର ବର୍ଜ୍ୟବସ୍ତୁ ଓ ରକ୍ତ ଡ୍ରେନ୍ ଓ ରାସ୍ତାରେ ପଡ଼ିରହୁଛି। ଫଳରେ ପରିବେଶ ଦୂଷିତ ହେବା ସହ ମାଛି, ମଶା ଓ ଅନ୍ୟାନ୍ୟ କୀଟପତଙ୍ଗର ଉତ୍ପାତ ବଢ଼ିବାରେ ଲାଗିଛି। ଏହି ପରିସ୍ଥିତି ଆଗାମୀ ଦିନରେ ଜନସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ଆଣିପାରେ ବୋଲି ସ୍ଥାନୀୟ ଲୋକମାନେ ଚିନ୍ତା ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ଏନେଇ ବାରମ୍ବାର ମ୍ୟୁନିସିପାଲିଟି ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ସଠିକ୍ ପଦକ୍ଷେପ ନିଆଯାଇନାହିଁ। ଅଧିକାରୀ ମାନଙ୍କ ନୀରବତା ଓ ଅବହେଳାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶ୍ନ ଉଠୁଛି ସହରର ମଧ୍ୟଭାଗରେ ଏଭଳି ଅସ୍ୱଚ୍ଛ ପରିବେଶରେ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ସତ୍ତ୍ୱେ କାହିଁକି ପ୍ରଶାସନ ଚୁପ୍। ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ ହେଉଥିବା ବେଳେ କାହା ସ୍ୱାର୍ଥରେ ଏହାକୁ ଅଣଦେଖା କରାଯାଉଛି। ସ୍ଥାନୀୟ ଜନସାଧାରଣଙ୍କ ଦାବି ହେଉଛି ଯେ, ତୁରନ୍ତ ଏହି ଅଞ୍ଚଳରେ ଅବୈଧ ଭାବେ ଚାଲୁଥିବା କୁକୁଡ଼ା କଟା ବନ୍ଦ କରାଯାଇ ସ୍ୱଚ୍ଛତା ନିୟମ ଅନୁସରଣ କରାଯାଉ। ନହେଲେ ଆଗାମୀ ଦିନରେ ଲୋକମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସତର୍କ କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ଭଦ୍ରକ ମ୍ୟୁନିସିପାଲିଟି, ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ଏହି ଗୁରୁତର ସମସ୍ୟା ଉପରେ କେବେ ଦୃଷ୍ଟି ଦେଉଛନ୍ତି ଏବଂ ସାଧାରଣ ଲୋକଙ୍କୁ ଦୁର୍ଗନ୍ଧ ଓ ଅସ୍ୱଚ୍ଛ ପରିବେଶରୁ କେବେ ମୁକ୍ତି ମିଳୁଛି।



# କଟକ ଜିଲ୍ଲାପାଳଙ୍କ ଜନ ଶୁଣାଣି:୯୩ ଅଭିଯୋଗ ଗ୍ରହଣ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍‌ୱାନ୍ କକ୍ଷ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦାତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୯୩ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୮୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୬ଗୋଟି ସାମୁହିକ ଅଭିଯୋଗ ରହିଥିବା ବେଳେ ଅଭିଯୋଗ ଶୁଣାଣି ଶିବିରରେ ୩ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସେହିପରି ୩ ଜଣଙ୍କୁ ମଧ୍ୟ ରେଡକ୍ରସ୍ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ପୋଲିସ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କଟକ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଭତ୍ତା ତଥା ଶିକ୍ଷା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# କାମରେ ଲାଗୁନି ସରକାରୀ ବିଦ୍ୟାଳୟକୁ ଦିଆଯାଇଥିବା ଟ୍ୟାବ୍

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ କାମରେ ଲାଗୁନି ସରକାରୀ ବିଦ୍ୟାଳୟକୁ ଦିଆଯାଇଥିବା ଟ୍ୟାବ୍। କିଏ ଘରେ ପକାଇ ରଖିଛନ୍ତି ତ ଆଉ କିଏ ବିଦ୍ୟାଳୟ ଆଲମାରିରେ। ୩ ବର୍ଷ ତଳେ ଡିଜିଟାଲ୍ ଶିକ୍ଷଣ ପ୍ରଣାଳୀରେ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ଟ୍ୟାବ୍ ଦିଆଯାଇଥିଲା। ଏହି ଯୋଜନା ତ୍ୱରାନ୍ୱିତ କରାଯାଇନଥିବାରୁ ଟ୍ୟାବ୍ ଏବେ ଖେଳନା ଭଳି ପଡିରହିଛି। ତତ୍କାଳୀନ ସରକାର ନୂଆ ଯୋଜନା ଆରମ୍ଭ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ କିପରି ଡିଜିଟାଲ୍ ଶିକ୍ଷଣ ପ୍ରଣାଳୀରେ ଗଣିତ, ଭାଷା ଓ ୟୁଟ୍ୟୁବ୍‌ରୁ ବିଭିନ୍ନ ଶିକ୍ଷାଲାଭ କରିବେ, ତାହାର ଏହାର ମୂଳ ଲକ୍ଷ୍ୟ ଥିଲା। ଏଥିଲାଗି ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ଟ୍ୟାବ୍ ଦିଆଯାଇଥିଲା। ଯେଉଁ ସ୍କୁଲରେ ଟିଭି ରହିଛି, ସେଥିରେ ଟ୍ୟାବ୍ ସଂଯୋଗ କରି ପିଲାଙ୍କୁ ଶିକ୍ଷା ଦେବାକୁ କୁହାଯାଇଥିଲା। ଟ୍ୟାବ୍ ମିଳିବାରୁ ଶିକ୍ଷକମାନେ ଖୁସି ହୋଇଯାଇଥିଲେ। ହେଲେ ଏଥିରେ ଏଭଳି ବ୍ୟବସ୍ଥା ଥିଲା ଯେ ଅନ୍ୟ ଟ୍ୟାବ୍ ଭଳି ହ୍ୱାଟ୍ସଆପ୍ ଓ ଫେସ୍‌ବୁକ୍ ବ୍ୟବହାର କରାଯାଇପାରିବନାହିଁ। ଏକ ସ୍ୱତନ୍ତ୍ର ଆପ୍ ଦିଆଯାଇଥିଲା। ସେଥିରୁ ହିଁ ଗଣିତ ଓ ଭାଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପଢାଯାଇପାରିବ। ଟ୍ୟାବ୍ ପାଇବାର କିଛିଦିନ ଏହାକୁ କିଛି ଶିକ୍ଷକ ବ୍ୟବହାର କଲେ। ପରେ ବିଭିନ୍ନ କାରଣରୁ ଏହା ପଡି ରହିଲା। ଜଣେ ଶିକ୍ଷକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଏହାକୁ ବ୍ୟବହାର କରିବା ସମ୍ପର୍କରେ ଶିକ୍ଷକମାନଙ୍କୁ ତାଲିମ୍ ଦିଆଯାଇନଥିଲା। ଘରକୁ ନେବା ଆଣିବାରେ ସମସ୍ୟା ହେଲା। ସୁରକ୍ଷା ନଥିବାରୁ ବିଦ୍ୟାଳୟ ରଖି ପାରିଲେନି। ସବୁଠୁ ବଡ଼ ସମସ୍ୟା ହେଲା, ଗୋଟିଏ ଛୋଟିଆ ଟ୍ୟାବ୍‌ରେ ପିଲାଙ୍କୁ କିପରି ଶିକ୍ଷା ଦେବେ। ଦୂରରେ ରଖି ପିଲାଙ୍କୁ ଶିକ୍ଷା ଦେଇପାରିଲେନିକି ନିକଟରେ ୫ରୁ ଅଧିକ ପିଲାଙ୍କୁ ଠିଆ କରିପାରିଲେନି। ସେହିପରି ଅଧିକାଂଶ ବିଦ୍ୟାଳୟରେ ବିଦ୍ୟୁତ ନଥିବାରୁ ଚାର୍ଜିଂ ସମସ୍ୟା ହେଲା। ଏସବୁ କାରଣରୁ ଶିକ୍ଷକମାନେ ଏହାକୁ ବ୍ୟବହାର କଲେନି। ରହି ରହି ନଷ୍ଟ ହୋଇଗଲାଣି। କେତେକ ଶିକ୍ଷକ ଏହାକୁ ଏବେ ବ୍ୟକ୍ତିଗତ କାମରେ ବ୍ୟବହାର କରୁଛନ୍ତି। ଯେଉଁ ଉଦ୍ଦେଶ୍ୟରେ ଏହି ଯୋଜନା କରାଯାଇଥିଲା, ତାହା ଫସର ଫାଟିଛି। ସବୁଠୁ ବଡ଼ ସମସ୍ୟା ହେଲା, ଗୋଟିଏ ଛୋଟିଆ ଟ୍ୟାବ୍‌ରେ ପିଲାଙ୍କୁ କିପରି ଶିକ୍ଷା ଦେବେ। ଟ୍ୟାବ୍ ମିଳିବାରୁ ଶିକ୍ଷକମାନେ ଖୁସି ହୋଇଯାଇଥିଲେ। ହେଲେ ଏଥିରେ ଏଭଳି ବ୍ୟବସ୍ଥା ଥିଲା ଯେ ଅନ୍ୟ ଟ୍ୟାବ୍ ଭଳି ହ୍ୱାଟ୍ସଆପ୍ ଓ ଫେସ୍‌ବୁକ୍ ବ୍ୟବହାର କରାଯାଇପାରିବନାହିଁ।





# ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟ ପ୍ରଦାନରେ ଅବହେଳା କଲେ ହେବ କାର୍ଯ୍ୟାନୁଷ୍ଠାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଆର୍‌ଏମ୍‌ସି ସଭା ଗୃହରେ ଅବସରପ୍ରାପ୍ତ ବିସିସିବି କର୍ମଚାରୀ ସଂଘର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସତ୍ୟଜିତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ଉପସଭାପତି ଦିଲ୍ଲୀପ କୁମାର ପ୍ରଧାନ, ଆଇନ୍ ପରାମର୍ଶଦାତା ଧୀରେନ କୁମାର ସାହାଣୀ, ପୂର୍ବତନ ସଭାପତି ରାଜେଶ୍ୱର ବାରିକ, ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁ, ସହ ସମ୍ପାଦକ ରାଧାକାନ୍ତ ଦାନି ମଞ୍ଚାସୀନ ଥିଲେ। ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କ ବିଭିନ୍ନ ବକେୟା ପ୍ରାପ୍ୟ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ପ୍ରଦାନ କରୁ ନଥିବା ହେତୁ ବୈଠକରେ ସଭ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କର୍ମଚାରୀଙ୍କ ହାୟର ପେନ୍‌ସନ୍ ପ୍ରଦାନ, ଷଷ୍ଠ ବେତନ କମିଶନର ବକେୟା ପ୍ରାପ୍ୟ ପ୍ରଦାନ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଡିଭିଜନାଲ୍ ଶ୍ରମ କମିଶନର କର୍ମଚାରୀ ମାନଙ୍କ ଅଭିଯୋଗ ସମ୍ପର୍କରେ ଦେଇଥିବା ଆଦେଶ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କ ବିଭିନ୍ନ ପ୍ରାପ୍ୟ ପ୍ରଦାନ କରିବାରେ ବ୍ୟାଙ୍କ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କଲେ ଆଇନ୍ ଅଦାଲତର ଆଶ୍ରୟ ନିଆଯିବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଉକ୍ତ ବୈଠକରେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କର ଅବସର ପ୍ରାପ୍ତ କର୍ମଚାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୧୭ ବର୍ଷ ଧରି ପୁଅର ଫେରିବା ବାଟକୁ ଚାହିଁବସିଛନ୍ତି ବାପା-ମା'

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଏକମାତ୍ର ପୁଅର ଫେରନ୍ତା ବାଟକୁ ଚାହିଁ ଚାହିଁ ବାହୁନି ବାହୁନି କାନ୍ଦୁଛନ୍ତି ବାପା ଆଉ ମାଆ। ୧୭ ବର୍ଷ ହେଲେ ଆଖିରୁ ସୁଖୁନାହିଁ ଲୁହ। ୧୭ ବର୍ଷ ହେଲା ଗୌରବ କେଉଁଆଡେ ଚାଲିଯାଇଛି। ତେବେ ଗୌରବର ନିଖୋଜକୁ ଏବେ ୧୭ ବର୍ଷ ପୁରି ଯାଇଥିଲେ ମଧ୍ୟ ଗୌରବର ଖୋଜ ଖବର ଏଯାଏଁ ମିଳିପାରିନି। ଯାହାକୁ ନେଇ ବାପା ମାଙ୍କର ଆଖିରୁ ଏବେ ହଜିଯାଇଛି ନିଦ। ଏକମାତ୍ର ପୁଅର ଶୂନ୍ୟତା ତାଙ୍କୁ ଦେଉଛି ଅନେକ ଯନ୍ତ୍ରଣା। ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ସାପଗଡ଼ିଆ ଅଞ୍ଚଳରେ ରହୁଛନ୍ତି ଅକ୍ଷୟ ଧଳ ସ୍ତ୍ରୀ ବିମଳା ଓ ଏକମାତ୍ର ପୁଅ ଗୌରବକୁ



ନେଇ ଏକ ଛୋଟ ସଂସାର। ଅକ୍ଷୟ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ଜନ୍ମରୁ ସେ ମୁକ ବଧିର। ନିଜର ଛୋଟ ଏକ ଚାଳିଆ ଦୋକାନରେ ଜଳଖିଆ ଦୋକାନରେ ଯାହା ରୋଜଗାର ହୁଏ ସେଥିରେ ପୁଅର ପାଠପଢା ସାଙ୍ଗକୁ ପରିବାର ଚଳେ। ଛୋଟ ସଂସାରଟି ହସଖୁସିରେ ବିତୁଥିବା ବେଳେ ସେଇ ହସଖୁସି ଛୋଟ ସଂସାରରେ କଳା ବାଦଲ ଖେଳିଆସିଲା। ହଠାତ୍ ପୁଅ ଗୌରବ କେଉଁଆଡେ ଚାଲିଗଲା। ଏକମାତ୍ର ପୁଅ ବାପା ମାଙ୍କର ସାହା ଆଉ ଭରସା ଥିଲାବେଳେ ସବୁ ସ୍ୱପ୍ନ ସବୁ ଆଶା, ଆକାଂକ୍ଷା ଉଭେଇ ଗଲା। ଏବେବି ପୁଅର ଫେରନ୍ତା ବାଟକୁ ଚାତକ ପକ୍ଷୀପରି ଚାହିଁ ବସିଛନ୍ତି କୋଳ ଶୂନ୍ୟ ବାପା ଆଉ ମା'। ୧୭ ବର୍ଷ ଧରି ହରେଇଥିବା ପୁଅର ଅପେକ୍ଷା ଯେ କେତେ ଦୁର୍ବିବହ ତାହା କେବଳ ଅଙ୍ଗେ ନିଭେଇଥିବା ମଣିଷ ହିଁ ତାହା ବୁଝିପାରିବ। ତେବେ ପୁଅକୁ ଫେରାଇ ଆଣିବାକୁ ସରକାରଙ୍କୁ ଆକୁଳ ନିବେଦନ କରିଥିବା ବେଳେ ଏପଟେ ଯାଜପୁର ରୋଡ଼ ଥାନାର ଦ୍ୱାରସ୍ଥ ହୋଇଛନ୍ତି ବାପା ଆଉ ମା'।

# ସମବାୟ ସମିତି ନିର୍ଦ୍ଦେଶକଙ୍କ ପରଲୋକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ବ୍ଲକ୍ ବିଶିମୁଣ୍ଡା ପଞ୍ଚାୟତ ସମବାୟ ସମିତିର ନିର୍ଦ୍ଦେଶକ ରଣବୀର ମହାନନ୍ଦଙ୍କ ହଠାତ୍ ବିୟୋଗ ଘଟିଛି। ସେ ବିଜେପି ଯୁବ ନେତା ତଥା ବିଜେପି ଏସ୍‌ସି ସେଲ୍ ଜିଲ୍ଲା ଉପସଭାପତି ଆନନ୍ଦ ମହାନନ୍ଦଙ୍କ ବାପା ଅଟନ୍ତି। ତାଙ୍କ ବିୟୋଗ ଖବର ପ୍ରକାଶ ପାଇବା ପରେ ସୋନପୁର ଜିଲ୍ଲା ତଥା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଅମାୟିକ, ମିଷ୍ଟଭାଷୀ ତଥା ସମାଜସେବୀ ବ୍ୟକ୍ତି ଭାବରେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ସୂଚନା ଅନୁଯାୟୀ ସେ ସୋନପୁରରୁ ଫେରି ତାଙ୍କ ଚାଷ ଜମିକୁ ଯିବାବେଳେ ହଠାତ୍ ହୃଦ୍‌ଘାତର ଶିକାର ହୋଇଥିଲେ। ତୁରନ୍ତ ତାଙ୍କୁ ମେଡିକାଲ୍‌କୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବଡ଼ପୁଅ ଆଜାଦ୍ ମହାନନ୍ଦ ପୋଲିସ ବିଭାଗରେ ରାଉରକେଲା ଠାରେ କାର୍ଯ୍ୟରତ ଥିବାବେଳେ ରଥଯାତ୍ରା ପାଇଁ ପୁରୀ ଡ୍ୟୁଟିରେ ଥିଲେ। ଖବରପାଇ ସକାଳୁ ପହଞ୍ଚିବା ପରେ ଅଲେଖ ମହିମା ଧର୍ମ ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ରାଜନୈତିକ, ସାମାଜିକ ଓ ସମବାୟ ସଂଗଠନ ସହିତ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଗଭୀର ଶୋକ ପ୍ରକାଶ କରିବା ସହ ଶେଷକୃତ୍ୟରେ ସାମିଲ୍ ହୋଇ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

# ଶାନ୍ତିପୂର୍ଣ୍ଣ ଧାରଣାକୁ ଆପ୍‌ର ସମର୍ଥନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଆମ୍ ଆଦ୍‌ମୀ ପାର୍ଟି କେନ୍ଦ୍ରାପଡା ଶାଖା ତରଫରୁ ଶିକ୍ଷାବିତ୍ ଏବଂ ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକଙ୍କ ଏବଂ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚାଲିଥିବା ଶାନ୍ତିପୂର୍ଣ୍ଣ ଧାରଣାକୁ ସମର୍ଥନ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି କେନ୍ଦ୍ରାପଡା ଆମ୍ ଆଦମୀ ପାର୍ଟି ଶାଖା ତରଫରୁ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳିବା ଏବଂ ଦେଶରେ ଶିକ୍ଷାର ବଜାରୀକରଣ ପାଇଁ ଉଦ୍ୟମ କରିବାକୁ ଧାରଣାକାରୀମାନେ ଦୃଢ ନିନ୍ଦା କରିବା ସହିତ ଭ୍ରଷ୍ଟାଚାରୀ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଧାରଣା ସ୍ଥଳରୁ ସୋନମ୍ ୱାଙ୍ଗଚୁକଙ୍କୁ ପୋଲିସ୍ ଯେଉଁଭଳି ଭାବରେ ଅଗଣତାନ୍ତ୍ରିକ ଭାବେ ବଳ ପୂର୍ବକ ଉଠାଇ ନେଲା ତାହାର ଦୃଢ ନିନ୍ଦା କରିଛନ୍ତି। ଛାତ୍ରଛାତ୍ରୀମାନେ ୱାଙ୍ଗଚୁକଙ୍କୁ ଦୃଢ ସମର୍ଥନ ଜଣାଇବା ସହ ବାରମ୍ବାର ନିଟ୍ ପରୀକ୍ଷା ସମେତ ଅନ୍ୟାନ୍ୟ ପ୍ରବେଶିକା ପରୀକ୍ଷା ଓ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ନିରୀହ ଛାତ୍ରଛାତ୍ରୀମାନେ ଦେଶରେ ଆତ୍ମହତ୍ୟା କରିବା ଘଟଣା ଜନସମାଜକୁ ଆନ୍ଦୋଳନ କରୁଥିବାବେଳେ କେନ୍ଦ୍ରସରକାର ଏ ନେଇ ନୀରବ ରହିବା, ଶିକ୍ଷା ମାଫିଆଙ୍କୁ ପରୋକ୍ଷ ଭାବରେ ସମର୍ଥନ ଦେଉଥିବାର ସ୍ପଷ୍ଟ ସଂକେତ ମିଳୁଛି। ଆମ୍ ଆଦମୀ ପାର୍ଟି କେନ୍ଦ୍ରାପଡା ଶାଖା ତରଫରୁ ଏକ ଶୋଭାଯାତ୍ରାରେ ଆସି ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବାନାମ୍ବର ସାହୁ, କୁମୁଦ କୁମାର ରାଉତ, ରୁଦ୍ର ପ୍ରସାଦ ବେହେରା, ଭରତ ଚନ୍ଦ୍ର ଷଡଙ୍ଗୀ, ଜାନକୀ ସେଠୀ, ପଦ୍ମନୀ ବାହାଦୁର୍, ସତ୍ୟରଞ୍ଜନ ପରିଡା, ମହମ୍ମଦ ତହିଦୁର୍ ରହେମାନ୍, ସେକ୍ ମହମ୍ମଦ ଇସ୍‌ମାଇଲ୍ ପ୍ରମୁଖ ଉପସ୍ଥିତ ଥିଲେ।

# ସୁସ୍ଥ ଜୀବନଶୈଳୀ ଓ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ





**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କଟାବାହାଲ ଗ୍ରାମପଞ୍ଚାୟତ ଠାରେ ପଲ୍ଲୀ ଆଲୋକ ପାଠାଗାରର ଆୟୋଜନ ଓ ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁଙ୍କ ସହଯୋଗରେ ସମୁଦାୟ ନେତୃବୃନ୍ଦଙ୍କ ପାଇଁ ସ୍ୱାସ୍ଥ୍ୟ ଓ ପୁଷ୍ଟି ବିଷୟକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଟାବାହାଲ ଗ୍ରାମପଞ୍ଚାୟତର ସରପଞ୍ଚ ଅର୍ପିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେଆଇସିଡିଏସ୍ ସୁପରଭାଇଜର ସବିତା ଚେର୍ଲିଆ, କମ୍ୟୁନିଟି ହେଲ୍‌ଥ ଅଫିସର, ଋତୁପର୍ଣ୍ଣା ରାଉତ ଏବଂ ନିରୁପମା ସ୍ୱାଇଁ ଉପସ୍ଥିତ ଥିଲେ। ଏଥିରେ ସମୁଦାୟ ନେତୃବୃନ୍ଦ, ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରଶ୍ମିତା ବରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରକଳ୍ପ ସଂଯୋଜକ ହୀରାଲାଲ ମିଶ୍ର କାର୍ଯ୍ୟକ୍ରମର ପ୍ରସଙ୍ଗ ଉପସ୍ଥାପନ କରିବା ସହ ପ୍ରଶିକ୍ଷଣର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ନିରୁପମା ସ୍ୱାଇଁ ସ୍ୱାସ୍ଥ୍ୟର ସଂଜ୍ଞା, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ପୁଷ୍ଟି ଏବଂ ସନ୍ତୁଳିତ ଖାଦ୍ୟର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଋତୁପର୍ଣ୍ଣା ରାଉତ ସୁସ୍ଥ ଜୀବନଶୈଳୀ, ସୁସ୍ଥ ଖାଦ୍ୟାଭ୍ୟାସ ଏବଂ ବିଭିନ୍ନ ରଙ୍ଗର ପୁଷ୍ଟିକର ଖାଦ୍ୟ ସମ୍ମିଳିତ ଖାଦ୍ୟ ଥାଳିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଅତିଥି ଅର୍ପିତା ପଣ୍ଡା ନିଜ ଅନୁଭୂତି ବାଣ୍ଟିବା ସହ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଓ ପୁଷ୍ଟି ଯୋଜନାର ସୁଫଳ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଜଣାଇଥିଲେ। ସବିତା ଚେର୍ଲିଆ ଆଇସିଡିଏସ୍ କାର୍ଯ୍ୟକ୍ରମ ଓ ମା' ଓ ଶିଶୁମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ହୀରାଲାଲ ମିଶ୍ର ଅଂଶଗ୍ରହଣମୂଳକ ପଦ୍ଧତିରେ ସ୍ଥାନୀୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ପରିସ୍ଥିତି, ଖାଦ୍ୟ ଗୋଷ୍ଠୀ, ସନ୍ତୁଳିତ ଖାଦ୍ୟ ଏବଂ କୁପୋଷଣ ନିରାକରଣରେ ସମୁଦାୟର ଭୂମିକା ଉପରେ ଆଲୋଚନା କରିଥିଲେ। ପରିଶେଷରେ ରଶ୍ମିତା ବରିକ ଧନ୍ୟବାଦ ଅର୍ପଣ କରି ସମସ୍ତ ଅତିଥି, ସମ୍ବଳ ବ୍ୟକ୍ତି ଓ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ବିଏମ୍‌ସିର ଚଢ଼ଉ:ସିଲ୍ ହେଲା ହୋଟେଲ 'ଭାଗ୍ୟଶ୍ରୀ'

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଖାଦ୍ୟ ସୁରକ୍ଷା ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଥିବା ଅଭିଯୋଗରେ ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ୍ ନିକଟରେ ଥିବା ହୋଟେଲ୍ ଭାଗ୍ୟଶ୍ରୀ ଉପରେ ବିଏମ୍‌ସିର ଖାଦ୍ୟ ନିରାପତ୍ତା ବିଭାଗ ଅଚାନକ୍ ଚଢ଼ଉ କରିଛି। ଯାଞ୍ଚ ସମୟରେ ବାସି ଖାଦ୍ୟ, ଖାଦ୍ୟରେ ହାନିକାରକ ରଙ୍ଗର ବ୍ୟବହାର ଓ ଅତ୍ୟନ୍ତ ଅପରିଷ୍କାର ପରିବେଶରେ ରୋଷେଇ ହେଉଥିବା ଦେଖିବାକୁ ମିଳିଥିଲା। ଏହାପରେ ବିଭାଗ ପକ୍ଷରୁ ବିପୁଳ ପରିମାଣର ଖାଦ୍ୟ ସାମଗ୍ରୀ ନଷ୍ଟ କରାଯିବା ସହ ହୋଟେଲ୍‌କୁ ସିଲ୍ କରାଯାଇଛି। ସୂଚନା ମୁତାବକ, ହୋଟେଲ୍‌ରେ ବାସି ଖାଦ୍ୟ ପରିବେଷଣ କରାଯାଉଥିବା ନେଇ ବିଏମ୍‌ସିର ଖାଦ୍ୟ ନିରାପତ୍ତା ବିଭାଗ ନିକଟରେ ଅଭିଯୋଗ ପହଞ୍ଚିଥିଲା। ଅଭିଯୋଗକୁ ଗୁରୁତର ସହ ନେଇ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଏକ ସ୍ୱତନ୍ତ୍ର ଟିମ୍ ହୋଟେଲ୍‌ରେ ଚଢ଼ଉ କରିଥିଲେ। ଯାଞ୍ଚ୍ ବେଳେ ବିଭିନ୍ନ ପାତ୍ରରେ ବହୁ ପରିମାଣର ବାସି ଖାଦ୍ୟ ମହଜୁଦ୍ ଥିବା ଦେଖାଯାଇଥିଲା। ଏଥିସହ ବିଭିନ୍ନ ଖାଦ୍ୟ ସାମଗ୍ରୀରେ ଆକର୍ଷଣୀୟ ଦେଖାଇବା ପାଇଁ ହାନିକାରକ ରଙ୍ଗ ମିଶାଯାଉଥିବା ମଧ୍ୟ ଅଧିକାରୀ ମାନେ ଠାବ କରିଥିଲେ। ଯାଞ୍ଚ ସମୟରେ ରୋଷେଇଶାଳର ପରିବେଶ ମଧ୍ୟ ଅତ୍ୟନ୍ତ ଅପରିଷ୍କାର ଥିବା ଦେଖାଦେଇଥିଲା। ରୋଷେଇ ଘର ପାଖରେ ଖୋଲା ଡ୍ରେନ୍ ଥିବାରୁ ସଂକ୍ରମଣର ଆଶଙ୍କା ବଢ଼ିଥିବା ବେଳେ ଖାଦ୍ୟ ପ୍ରସ୍ତୁତି ଓ ସଂରକ୍ଷଣରେ ମଧ୍ୟ ସ୍ୱାସ୍ଥ୍ୟବିଧି ପାଳନ କରାଯାଉନଥିବା ଜଣାପଡ଼ିଥିଲା। ଏପରି ପରିସ୍ଥିତିରେ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଥିବା ମତ ପ୍ରକାଶ କରିଥିଲେ। ଚଢ଼ଉ ପରେ ବିଭାଗ ପକ୍ଷରୁ ବାସି ଓ ରଙ୍ଗ ମିଶା ଖାଦ୍ୟ ସାମଗ୍ରୀକୁ ତୁରନ୍ତ ନଷ୍ଟ କରାଯାଇଥିଲା। ହୋଟେଲ୍‌ର ଫୁଡ୍ ଲାଇସେନ୍ସ ଥିଲେ ମଧ୍ୟ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣର ଏକାଧିକ ନିୟମ ଉଲ୍ଲଂଘନ ହୋଇଥିବାରୁ ହୋଟେଲ୍‌କୁ ସିଲ୍ କରାଯାଇଥିଲା। ଆଗାମୀ ଦିନରେ ସହରର ବିଭିନ୍ନ ହୋଟେଲ୍, ରେଷ୍ଟୁରାଣ୍ଟ ଓ ଖାଦ୍ୟ ପ୍ରତିଷ୍ଠାନରେ ଏଭଳି ଆକସ୍ମିକ ଚଢ଼ଉ ଜାରି ରହିବ ବୋଲି ଖାଦ୍ୟ ନିରାପତ୍ତା ବିଭାଗ ସୂଚନା ଦେଇଛି। ଏହି ଘଟଣା ପରେ ସହରର ଖାଦ୍ୟ ବ୍ୟବସାୟୀଙ୍କ ମଧ୍ୟରେ ଚର୍ଚ୍ଚା ସୃଷ୍ଟି ହୋଇଥିବା ବେଳେ ଖାଦ୍ୟର ଗୁଣବତ୍ତା ଓ ସ୍ୱଚ୍ଛତା ପ୍ରତି କୌଣସି ପ୍ରକାରର ଅବହେଳା ବରଦାସ୍ତ କରାଯିବନାହିଁ ବୋଲି ବିଭାଗ ପକ୍ଷରୁ କଡ଼ା ସନ୍ଦେଶ ଦିଆଯାଇଛି।

# କେନ୍ଦ୍ରର ନୂତନ ଶିକ୍ଷାନୀତି ବାତିଲ ଦାବିରେ ବିକ୍ଷୋଭ





**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଥିବା ସମସ୍ତ ବାମପନ୍ଥୀ ଦଳ ଶାଖା ଓ ଶ୍ରମିକ ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରାରେ ଆସି ସଭା କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ବାତିଲ୍ କରିବା, ପରୀକ୍ଷା ପରିଚାଳନାରେ ବ୍ୟର୍ଥ ଏନ୍‌ଟିଏ ବନ୍ଦ କରିବା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦାବି ଓ ବିଶିଷ୍ଟ ପରିବେଶବିତ୍ ବୈଜ୍ଞାନିକ ସୋନମ୍ ୱାଂଚୁକ, ନେହା ଅମିନ୍, ମନୀଷ, ପ୍ରତିଭା, ଅନିକେତ ମାଡଙ୍ଗ ପ୍ରମୁଖ ଆମରଣ ଅନଶନ ଚଳାଇଲେ। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ମଂଚୁଙ୍କ ସ୍ୱାସ୍ଥ୍ୟ ପ୍ରତି ଉଦ୍‌ବେଗ ପ୍ରକାଶ କଲାପରେ ସରକାରଙ୍କ ପକ୍ଷରୁ କୌଣସି ଆଲୋଚନା ନକରି ହଠାତ୍ ଜୁଲାଇ ୧୮ ତାରିଖ ସକାଳ ୬ଟା ବେଳେ ଦିଲ୍ଲୀ ପୋଲିସ୍ ବଳ ପୂର୍ବକ ଅନଶନକାରୀଙ୍କୁ ଉଠାଇନେଲା। ନିରସ୍ତ୍ର ଛାତ୍ରଛାତ୍ରୀଙ୍କୁ ଦିଲ୍ଲୀ ପୋଲିସର ଲାଠି ଚାଳନା ସହ ଆକ୍ରମଣ କଲେ। ଏହାର ପ୍ରତିବାଦରେ ଅଭିଜିତ୍ ଦିପକେ ଓ ବାମପନ୍ଥୀ ଛାତ୍ରଛାତ୍ରୀମାନେ ଧାରଣାରେ ସାମିଲ୍ ହୋଇଛନ୍ତି। ଜିଲ୍ଲାର ସମସ୍ତ ବାମପନ୍ଥୀ ଦଳ ଓ ଶ୍ରମିକ ସଂଗଠନ ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିରେ ସିପିଆଇର ରାଜ୍ୟ ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସମ୍ପାଦକ ବିକାଶ ଚନ୍ଦ୍ର ବେଉରା, ସିପିଆଇଏମ୍‌ର ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବିଶିଷ୍ଟ ଶ୍ରମିକ ନେତା ମୁକ୍ତାର ଖାଁ, ଅଧ୍ୟାପକ ଅଜୟ ସାମଲ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟନେତା ବାବାଜୀ ଧଳ, ସିଆଇଟିୟୁର ଜଗତ ଜୀବନ ଦାସ, ସିପିଆଇର ଆଦିକନ୍ଦ ରାଉଳଙ୍କ ସମେତ ସୀତାକାନ୍ତ ନାୟକ, ନରୋତ୍ତମ ପ୍ରାର୍ଥ ସାରଥୀ ପ୍ରମୁଖ ଯୋଗଦେଇ ଶିକ୍ଷାମନ୍ତ୍ରୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

32 YEARS
ସମ୍ବାଦ କଳିକା

# ଅପାର ଆଇଡି ସଂପୂର୍ଣ୍ଣ ଇଚ୍ଛାଧୀନ

ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅପାର (ଅଟୋମେଟଡ୍ ପରମାନେଣ୍ଟ ଏକାଡେମିକ ଆକାଉଣ୍ଟ୍ ରେଜିଷ୍ଟ୍ରି) ଆଇଡି ସଂପୂର୍ଣ୍ଣ ଇଚ୍ଛାଧୀନ ବୋଲି ଓଡ଼ିଶା ହାଇକୋର୍ଟ ଦେଇଥିବା ଏକ ରାୟ ସହ ଏକମତ ହୋଇଛନ୍ତି ସୁପ୍ରିମ୍‌କୋର୍ଟ । ଓଡ଼ିଶା ହାଇକୋର୍ଟଙ୍କ ଏହି ରାୟକୁ ଆଧାର କରି ସୁପ୍ରିମ୍‌କୋର୍ଟ ଅପାର ଆଇଡି ବ୍ୟବସ୍ଥାକୁ ସାରା ଦେଶରେ ଇଚ୍ଛାଧୀନ ବା ଅପଟ୍-ଆଉଟ୍' ମଡେଲ୍‌ରେ ଲାଗୁ କରିବାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ)କୁ ନିର୍ଦ୍ଦେଶ ଦେବାକୁ ଯାଉଛନ୍ତି । ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୋମାଲ୍ୟା ବାଗ୍‌ଚି ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ହାଇକୋର୍ଟଙ୍କ ରାୟରେ ସହମତି ପ୍ରକାଶ କରିଛନ୍ତି । ଛାତ୍ରଛାତ୍ରୀଙ୍କ ପାଇଁ ଅପାର ଆଡି ହାସଲ କରିବା ବାଧ୍ୟତାମୂଳକ କରାଯାଇଥିବା ଅଭିଯୋଗ କରି ଅଭିଷେକ ବକ୍ସି ନାମକ ଜଣେ ବ୍ୟକ୍ତି ସୁପ୍ରିମକୋର୍ଟରେ ଏହି ମାମଲା ଦାୟର କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ଯୁକ୍ତିରେ ଦର୍ଶାଇଥିଲେ ଯେ, ଅପାର ଆଇଡି ଯୋଜନାକୁ ଇଚ୍ଛାଧୀନ ବୋଲି କୁହାଯାଉଥିଲେ ମଧ୍ୟ ବ୍ୟବହାରିକ କ୍ଷେତ୍ରରେ ଏହା ବାଧ୍ୟତାମୂଳକ ହୋଇପଡ଼ିଛି । ବିଶେଷ କରି ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସିବିଏସ୍‌ଇ ରେକର୍ଡରେ ସାମିଲ ହେବା ପାଇଁ ଆଧାର-ଲିଙ୍କଡ୍ ଅପାର ଆଇଡି ବାଧ୍ୟତାମୂଳକ କରାଯାଇଛି, ଯାହାକି ଛାତ୍ରଛାତ୍ରୀଙ୍କ ଗୋପନୀୟତାର ଅଧିକାରକୁ ଉଲ୍ଲଂଘନ କରୁଛି । ସୁପ୍ରିମକୋର୍ଟ ଏହି ଅବସରରେ କହିଛନ୍ତି ଯେ, ସମ୍ପ୍ରତି ଦେଶରେ ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ଲାଗୁ ହୋଇଛି । କୌଣସି କର୍ତ୍ତୃପକ୍ଷ ଏହି ଆଇନକୁ ଉଲ୍ଲଂଘନ କରିପାରିବେ ନାହିଁ । ଓଡ଼ିଶା ହାଇକୋର୍ଟ ଯେଉଁ 'ଅପଟ୍-ଆଉଟ୍' ବ୍ୟବସ୍ଥା (ଅର୍ଥାତ୍ ଛାତ୍ରଛାତ୍ରୀ ଚାହିଁଲେ ଏଥିରୁ ବାଦ୍ ପଡ଼ିପାରିବେ) ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ତାହାକୁ ସାରା ଦେଶରେ କାର୍ଯ୍ୟକାରୀ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେବାକୁ ଯାଉଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅପାର ଆଇଡି ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା 'ୱାନ୍ ନେସନ୍, ୱାନ୍ ଷ୍ଟୁଡେଣ୍ଟ ଆଇଡି' ଅଧୀନରେ ଆସୁଛି । ଅପାର ହେଉଛି ୧୨ ଅଙ୍କ ବିଶିଷ୍ଟ ଏକ ସ୍ୱତନ୍ତ୍ର ଆଜୀବନ ଏକାଡେମିକ୍ ପରିଚୟ ନମ୍ବର । ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମାର୍କସିଟ୍, ସାର୍ଟିଫିକେଟ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମର ରେକର୍ଡ ଡିଜି ଲକରରେ ସଂରକ୍ଷିତ ରଖାଯାଏ । ଏହି ନିଷ୍ପତ୍ତି ଦ୍ୱାରା ଛାତ୍ରଛାତ୍ରୀମାନେ ଏବେ ଏହି ସେବାରେ ସାମିଲ ହେବେ କି ନହେବେ ସେ ନେଇ ନିଷ୍ପତ୍ତି ନେଇପାରିବେ, ଯାହା ତଥ୍ୟ ସୁରକ୍ଷା ଦୃଷ୍ଟିରୁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### "ଚୋରିକଲା ଲୋକର ଗୋଟିଏ ପାପ ଚୋରି ଗଲା ଲୋକର କୋଟିଏ ପାପ"

ଶ୍ରଦ୍ଧେୟ ଭକ୍ତବୃନ୍ଦ ଗୋଟିଏ ଛୋଟିଆକଥା ମୁଁ ଆଜି ତୁମକୁ କହୁଛି ଧ୍ୟାନ ଦେଇ ଶୁଣ, ଚୋରୀ କରିବା ଗୋଟିଏ ପାପ କିନ୍ତୁ ଯାହାର ଚୋରି ଗଲା ତାହାର କୋଟୀଏ ପାପ। ଏହାର ଅର୍ଥ କଣ ? ଏହାର ଅର୍ଥ ହେଉଛି ଚୋର ଚୋରୀ କରି ଚାଲିଗଲା କିନ୍ତୁ ଚୋରି ଗଲା ଲୋକର ସମସ୍ତଙ୍କ ଉପରେ ସନ୍ଦେହ ବଢିଚାଲିଲା । ସେହି ସନ୍ଦେହ ହିଁ ମହାପାପ । ଚୋରିଠାରୁ ଭୟଙ୍କର ମହାପାପ ହୋଇଥାଏ । ଜଣେ ସାଧାରଣ ନିଷ୍ପାପୀ ଉପରେ ସନ୍ଦେହ କରିବା ଅର୍ଥ ଈଶ୍ୱରଙ୍କୁ ସନ୍ଦେହ କରିବା ସହିତ ସମାନ । ଗୁରୁଙ୍କୁ ସନ୍ଦେହ କରିବା ସହିତ ସମାନ । ଏଣୁ ହେ ଭକ୍ତ ହେ ଶିଷ୍ୟ ପ୍ରତ୍ୟେକ ଶବ୍ଦକୁ ପ୍ରଥମେ ସ୍ଥିର ଚିତ୍ତରେ ବିଚାର କର । ଯାହା ହୋଇଯାଇଛି ତା ଉପରେ ନିଜେ ନିଜକୁ ପ୍ରଥମେ ସମୀକ୍ଷା କର । ଅନ୍ୟ ଉପରେ ଦୋଷ ଲଦିବା ପୂର୍ବରୁ ନିଜର ତୃଟିକୁ ପ୍ରଥମେ ଉଦ୍ଧାର କର, ବା ଆବିଷ୍କାର କର ଆଉ ଯଦି ତୁମେ ତୁମର ତ୍ରୁଟିକୁ ଆବିଷ୍କାର କରିଦେଲ ଦେଖିବ ଚୋର ବହୁତ ବାଟରେ ନାହାଁ ସେ ହିଁ ତୁମରି ପାଖରେ ଅଛି । ତେଣୁ ଖୋଜିବା ପୂର୍ବରୁ ବୁଝିବା ଶିଖ, କାହାର ସନ୍ଦହର ପାତ୍ର ହୁଅନାହିଁ କି କାହାକୁ ସନ୍ଦହ ଦୃଷ୍ଟିରେ ଦେଖନାହିଁ । କାରଣ ତୁମକୁ ଆହୁରି କଷ୍ଟ ଭୋଗିବାକୁ ପଡିବ । ତେଣୁ ସାବଧାନ, ନଚେତ୍ ଠକିଯିବଟି । ହରି ଓଁ ।

◆◆

# ଗୁଣ୍ଡିଚା 'ବିଜେ'ରେ ଲକ୍ଷ୍ମୀ-ନାରାୟଣ କଳି ଏକ ଆଲୋଚନା



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଏକମାତ୍ର ଦେବତା, ଯାହାଙ୍କ ପାଖରେ ଆମ ଓଡିଆ ଜୀବନଶୈଳୀ, ଚଳଣି, ରୀତି-ନୀତିର ପ୍ରତିଛାୟା ଦେଖିବାକୁ ମିଳିଥାଏ। ତାଙ୍କର ମାନବୀୟ ଲୀଳା ଅତି ଚମତ୍କାର। ସେଗୁଡିକ ଆଶ୍ଚର୍ଯ୍ୟ ହେଲେବି ଅବର୍ଣ୍ଣନୀୟ ଓ ହୃଦୟସ୍ପର୍ଶୀ। ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ 'ରଥ ଯାତ୍ରା' ହେଉଛି ପ୍ରଧାନ ଯାତ୍ରା। ଏହି ଗୁଣ୍ଡିଚା ଯାତ୍ରାରେ ମହାପ୍ରଭୁ ନିଜ ସୁହାଗୀ ଭଉଣି ସୁଭଦ୍ରାକୁ ନେଇ ନବଦିନ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିଲେ। ଫଳରେ 'ମହାଲକ୍ଷ୍ମୀ' ଅଭିମାନ କରିବା ସହ ନିଜ ଅତି ପ୍ରିୟ ବାନ୍ଧବ ଜଗନ୍ନାଥଙ୍କ ସହିତ କଳି କରିଥିଲେ। ଯାହାକୁ ସମ୍ବଲପୁର ଜିଲ୍ଲାର "ବିପ୍ର ମହେଶ୍ୱର" ନିଜର 'ଗୁଣ୍ଡିଚା ବିଜେ' କବିତାରେ ଦାସୀ, ଲକ୍ଷ୍ମୀ ଓ ଶ୍ରୀଜଗନ୍ନାଥଙ୍କ ଭିତରେ ହୋଇଥିବା ଅଭିମାନର କଥୋପକୋଥନ ଛଳରେ 'ଶ୍ରୀ ଗୁଣ୍ଡିଚା ଯାତ୍ରା'ର ବିବରଣୀ ଓ ଲକ୍ଷ୍ମୀଙ୍କର ବିରହ ବେଦନା ଆଦି ବିଷୟ କୁ ଅତି ଚିତ୍ତାକର୍ଷକ ଭାବେ ବର୍ଣ୍ଣନା କରିଛନ୍ତି। ନିଜ ଭଗିନୀ ଓ ଜ୍ୟେଷ୍ଠ ଭ୍ରାତା ବଳଦେବଙ୍କ ସହ ନବଦିନାତ୍ମକ ଯାତ୍ରା ସମୟରେ ମହଲକ୍ଷ୍ମୀ ମନ ସନ୍ତାପରେ ନିଜର ଅତି ପ୍ରିୟ ସଖୀ ବିମଳାକୁ ଡକାଇ ନିଜର ମନର କଥା ଖୋଲି କହିଛନ୍ତି। ଲକ୍ଷ୍ମୀଙ୍କ ମନ କଥା ଶୁଣି ବିମଳା ତାଙ୍କର ବ୍ୟଥିତ ହୃଦୟର ଭାବକୁ ଅନୁଭବ କରି କହିଛନ୍ତି ସଖୀ ବ୍ୟସ୍ତ ହୁଅନାହିଁ ମହାପ୍ରଭୁଙ୍କୁ ମୋହିତ କରି ଫେରାଇ ଆଣିବା ପାଇଁ ମନ୍ତ୍ର ଧୂଳି ଦେଇଛନ୍ତି। ଏହାର ପଞ୍ଚମୀ ଦିନ ଦାସୀ ଓ ପରିଚାରୀମାନଙ୍କୁ ଭାଳି ହାନ୍ଦୋଳା ସଜ କରିବା ପାଇଁ ଆଦେଶ ଦେଇଛନ୍ତି। କିଛି ସମୟ ପରେ କ୍ରୋଧାନ୍ୱିତ ହୋଇ ନିଜର ଅନୁଗତ ଦାସୀମାନଙ୍କୁ ଧରି ରଥଯାତ୍ରାରେ ବିଘ୍ନ ସୃଷ୍ଟି କରିବା ପାଇଁ ବଡଦେଉଳରୁ ବାହାରି ଯାଇଛନ୍ତି ମା' ଲକ୍ଷ୍ମୀ।

ଲକ୍ଷ୍ମୀଙ୍କ ଆଗମନ ସମୟକୁ ତିନି ରଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଯାଇଥିଲେ ହେଁ ରଥଯାତ୍ରାର ସେ ଆନନ୍ଦ-ଉଲ୍ଲାସ ଲକ୍ଷ୍ମୀଙ୍କୁ ଯେମିତି ବିଷ ତୁଲ୍ୟ ମନେ ହେଉଥିଲା। ସେ ଶ୍ରୀଗୁଣ୍ଡିଚା ନଅରରେ ପହଞ୍ଚି ପରିଛା ଓ ସେବକ ମାନଙ୍କୁ ମାଡ ମାରି, ଗଜପତିଙ୍କ ପତାଫେରା ଚିରି, ରଥର ଅନିକିଳି ଭାଙ୍ଗିଦେଇ କ୍ରୋଧରେ ଶ୍ରୀଜଗନ୍ନାଥଙ୍କୁ ଭେଟିବା ପାଇଁ ମନ୍ଦିର ଭିତରେ ପ୍ରବେଶ କରିଛନ୍ତି ଏବଂ ବହୁ ଗାଳି ଦେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲକ୍ଷ୍ମୀଙ୍କ କୋପ ଦେଖି ଜଗନ୍ନାଥ ତାଙ୍କ ଆଗକୁ ଯିବା ପାଇଁ ଭରସି କରି ପାରିନାହାଁନ୍ତି। ବାଧହୋଇ ପ୍ରଭୁ ମାର୍କଣ୍ଡେଶ୍ୱର, ଯମେଶ୍ୱର ଓ ନାଉକେଶ୍ୱରଙ୍କୁ ଡକାଇ ଲକ୍ଷ୍ମୀଙ୍କୁ ବୁଝା ସୁଝା କରିବା ପାଇଁ ଅନୁରୋଧ କରିଥିଲେ। ଯଦିଓ ଲକ୍ଷ୍ମୀ ଠାକୁରାଣୀ ସେମାନଙ୍କ ଅନୁରୋଧ ରକ୍ଷାକଲେ ସତ, କିନ୍ତୁ ନଅର ଭିତରକୁ ଯାଇ ଶ୍ରୀଜଗନ୍ନାଥଙ୍କ ପାର୍ଶ୍ୱରେ ଉପସ୍ଥିତ ହୋଇ ବିମଳା ପ୍ରଦତ୍ତ ମନ୍ତ୍ର ଧୂଳି ତିନିଥର ପକାଇ କ୍ରୋଧରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲେ। ମହାପ୍ରଭୁ ଜଗନ୍ନାଥ ଯିଏ ଜଗତକୁ ନିଜର ମୋହିନୀ ଶକ୍ତିରେ ବିମୋହିତ କରନ୍ତି ସେ ଆଜି ସେ ମନ୍ତ୍ର ଧୂଳିର ପ୍ରଭାବରେ ପ୍ରଭାବିତ ହୋଇ ବିରହ ବେଦନା ଅନୁଭବ କରିଥିଲେ। ବାହୁଡା ଦଶମୀ ଦିନ ରଥଗୁଡିକ ପ୍ରତ୍ୟାବର୍ତ୍ତନ ସମୟରେ ମାଉସୀ ମା'ମନ୍ଦିର ପାଖରେ ପହଞ୍ଚିବା ପରେ ସେଠାରେ ବିଧି ଅନୁସାରେ "ପୋଡ ପିଠା" ଲାଗି ହୋଇଥାଏ। ପରେ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ଟଣାହୋଇ ସିଂହଦ୍ୱାର ନିକଟରେ ପହଞ୍ଚିଥାଏ। ଯେତେବେଳେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗଜପତିଙ୍କ ନଅର ପାଖରେ ପହଞ୍ଚେ, ଲକ୍ଷ୍ମୀ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ଚାହାଁଣୀ ମଣ୍ଡପରେ ଠିଆହୋଇ ଜଗନ୍ନାଥଙ୍କ ରଥକୁ ଚାହାଁନ୍ତି ଓ ପଟୁଆରରେ ଶ୍ରୀନଅର ପାଖକୁ ବିଜେ କରନ୍ତି। ଗଜପତି ମହାରାଜା ନିଜେ ଲକ୍ଷ୍ମୀଙ୍କ ସହ ନନ୍ଦିଘୋଷ ରଥ ପାଖକୁ ଯାଆନ୍ତି। ସେଠାରେ ଲକ୍ଷ୍ମୀ-ନାରାୟଣ ଭେଟ ହୁଏ ଓ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ସିଂହଦ୍ୱାରକୁ ପାଛୋଟି ନିଅନ୍ତି। ଦ୍ୱାଦଶୀ ଦିନ ମହାପ୍ରଭୁଙ୍କୁ ପହଣ୍ଡି ବିଜେ କରାଯାଇ ରତ୍ନ ସିଂହାସନକୁ ନିଆଯାଏ। କିନ୍ତୁ କବି ବିପ୍ର ମହେଶ୍ୱର ନିଜର ଶବ୍ଦର ଚାତୁରୀରେ ଶ୍ରୀଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀଙ୍କ କଳିକୁ ଅତି ସୁନ୍ଦର ଭାବରେ ଲୋକାଚାର ଢଙ୍ଗରେ ବର୍ଣ୍ଣନା କରିଛନ୍ତି ଯାହା ହେଲା:- "ଲକ୍ଷ୍ମୀ ବୋଲନ୍ତି ଆଲୋ ଦାସୀ ଯାଅ, ନିର୍ବନ୍ଧ କରି କବାଟ ପକାଅ/ ଆସି ଦେଢଶୂର ପଶନ୍ତୁ ଘରେ, ଥାଉ କଳାମୁଖ ବେଢା ବହାରେ"।

ଲକ୍ଷ୍ମୀ ଠାକୁରାଣୀଙ୍କ ଆଦେଶରେ ଦାସୀମାନେ ଦ୍ୱାର ବନ୍ଦ କରିଦେଇଥିଲେ। ମହାପ୍ରଭୁ ଦାସୀମାନଙ୍କୁ କବାଟ ଖୋଲିବା ପାଇଁ କହିବାରୁ ; ଦାସୀମାନେ କହିଲେ ହେ ପ୍ରଭୁ ! ଆପଣଙ୍କର ଆଉ ବଡଦେଉଳରେ କି କାର୍ଯ୍ୟ ଲୋକେ ଆପଣଙ୍କୁ 'ଲକ୍ଷ୍ମୀପତି' ବୋଲି କହିଥାନ୍ତି। କିନ୍ତୁ ଆପଣ ଲକ୍ଷ୍ମୀଙ୍କୁ ସାଙ୍ଗରେ ନନେଇ ନିଜର ସୁହାଗୀ ଭଉଣୀକୁ ନେଇ ଯାତ୍ରା କରିଥିବାରୁ ଆପଣ ଆଉ ଲକ୍ଷ୍ମୀପତି ହେବାର ଯଥାର୍ଥ କିଛି ନାହିଁ। ଲକ୍ଷ୍ମୀଙ୍କ କି ଅବଗୁଣ ଦେଖି ଆପଣ ତାଙ୍କୁ ଉପେକ୍ଷା କରି ଯାତ୍ରା କଲେ। 'ବିପ୍ର ମହେଶ୍ୱର'ଏଭଳି ଏକ ପ୍ରସଙ୍ଗକୁ ଯେପରି ଭାବରେ ବର୍ଣ୍ଣନା କରିଛନ୍ତି ତାହା ପ୍ରକୃତରେ ଆମର ଦୈନନ୍ଦିନ ଜୀବନରେ ପତି ପତ୍ନୀଙ୍କ ନିଛକ କଳହ ତଥା ଅଭିମାନର ନିଛକ ପରିଚୟ ବହନ କରେ। ତାଙ୍କ ଭାଷାରେ:- "ବିଜେ କଲ ଯେବେ ଭକ୍ତଙ୍କ ହିତେ, ଗୁଣ୍ଡିଚା ବୋଲି ଶୁଭିଲା ଜଗତେ/ କିମ୍ପାଇ ନ ନେଲ କି ଗୁଣ ଧରି, ସେତ ସଉଭାଗୀ ଅର୍ଦ୍ଧାଙ୍ଗ ନାରୀ, ଗଲେ କମଳିଣୀ/ ଗୁଣ୍ଡିଚା ଯାତ୍ରାକି ହୁଅନ୍ତା ହାନୀ"। ଏହିଭଳି ବିଭିନ୍ନ ପଂକ୍ତିରେ କବି ଲକ୍ଷ୍ମୀ-ନାରାୟଣଙ୍କ କଳିକୁ ଅତି ନମନୀୟ ଢଙ୍ଗରେ ଚିତ୍ରଣ କରିଛନ୍ତି। ଆବାହମାନ କାଳରୁ ନିଜର କାର୍ଯ୍ୟ ସାଧନ ନିମନ୍ତେ ଲାଞ୍ଚ କାରବାର ଚାଲିଥିଲା ଯାହାର ଜ୍ୱଳନ୍ତ ଉଦାହରଣ ପ୍ରଭୁ ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀଙ୍କ କଳି ! ଯେତେବେଳେ ମହାପ୍ରଭୁ ଉପାୟ ଶୂନ୍ୟ ହୋଇ କବାଟ ଖୋଲିବା ନିମନ୍ତେ ଦାସୀମାନଙ୍କୁ ଲାଞ୍ଚ ଦେଲେ, ସେତେବେଳେ ଦାସୀମାନେ ଲକ୍ଷ୍ମୀଙ୍କ ଆଗରେ ଚାଟୁବାକ୍ୟ କହି କବାଟ ଖୋଲିବା ପାଇଁ ଅଧିଆ ହେଲେ। ଶେଷରେ ଲକ୍ଷ୍ମୀଙ୍କ ଆଦେଶରେ କବାଟ ଖୋଲିଲେ। ''ଯୁବତୀରେ ହାରି ପଙ୍କଜ ନେତ୍ର, କଥାଏ ଦିଶିଲା ଶ୍ରୀଦିବ୍ୟ ଚିତ୍ତ / ଲାଞ୍ଚ ଦେଲେ ଦାସୀମାନଙ୍କୁ ଧନ, କମଳାଙ୍କୁ କହି ପ୍ରିୟ ବଚନ/ ଦାସୀ ଲାଞ୍ଚ ପାଇ- ଅତି ବେଗେ ଦେଲେ କବାଟ ଫେଇ"। ଏହା ଜଗନ୍ନାଥ ସଂସ୍କୃତିର ଉତ୍କର୍ଷ ଦୃଷ୍ଟାନ୍ତ ଯାହା ଉତ୍କଳୀୟ ଜନମାନସରେ ଧର୍ମଚେତନା ପ୍ରତି ସମ୍ବେଦନଶୀଳତାର ଭାବ ବହନ କରୁଛି।

# କେରଳର ବିଶ୍ୱପ୍ରସିଦ୍ଧ ପଦ୍ମନାଭ ସ୍ୱାମୀଙ୍କ ମନ୍ଦିର-୩



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଅତୀତରେ କେବଳ ନାଦୁଭିଲ ମାଧୋମ୍ ସ୍ୱାମୀୟାରମାନଙ୍କୁ ହିଁ ଟ୍ରାଭାଙ୍କୋରର ମହାରାଜା ପୁଷ୍ପାଞ୍ଜଳି ସ୍ୱାମୀୟାର ରୂପେ ନିଯୁକ୍ତି ନେଉଥିଲେ। ଆନିଯାହାମ୍ ଥିରୁନାଲ ମାର୍ଥଣ୍ଡା ବର୍ମା ଏତରା ଯୋଗମ୍‌ର ଅଧିକାରକୁ ହ୍ରାସ କରିଥିଲେ। ପରବର୍ତ୍ତୀ ସମୟରେ ଏତରା ଯୋଗମ୍‌ର ସେ ପରାମର୍ଶଦାତା ରୂପେ କାର୍ଯ୍ୟ କଲେ। Naduvil Madhomଙ୍କ ବ୍ୟତୀତ Munchira Madhom ତାଙ୍କ ଶାସନ କାଳ ସମୟରେ Pushpanjali Swamiyarsମାନଙ୍କୁ ନିଯୁକ୍ତି ପ୍ରଦାନ କରିବାର ଅଧିକାର ପାଇଲେ। ନିକଟ ଅତୀତରେ Uthradom Thiruval Marthanda Varma Thrikkaikathଙ୍କ madhom ଏବଂ Thekkର Madhome Swamiyarsମାନଙ୍କୁ Pushpanjali ଅଧିକାର ପ୍ରଦାନ କରିଥିଲେ। ଡିସେମ୍ବର ୨୦୧୩ରେ Uthardom Thirunal Marthanda Varmaଙ୍କର ମୃତ୍ୟୁ ପରେ ତାଙ୍କର ନାତି Moolam Thiruval Rama Varma ଜାନୁୟାରୀ ୨୦୧୪ରେ Travancoree ମହାରାଜା ହେଲେ। Ettara Yogam ତାଙ୍କ ନିର୍ଦ୍ଦେଶରେ Moolam Thirunalଙ୍କୁ Travancoreର ମହାରାଜା ଓ ମନ୍ଦିରର ରକ୍ଷା କର୍ତ୍ତା ରୂପେ ନିର୍ଦ୍ଦେଶ ପ୍ରଦାନ କରିଥିଲେ ଏବଂ ଏହି ନିର୍ଦ୍ଦେଶପତ୍ରରେ ହସ୍ତାକ୍ଷର କରିଥିଲେ Pushpanjali Swamiyar Maravanchery Thekkedathu Neelakanta Bhratikal। ପଦ୍ମନାଭ ସ୍ୱାମୀ ମନ୍ଦିରର କୁଳଶେଖର ମଣ୍ଡପମ୍ ଠାରେ ଏହି ଉତ୍ସବ ପାଳିତ ହୋଇଥିଲା।

ମନ୍ଦିରରେ ଥିବା ନଥି (ରେକର୍ଡ଼):
ଖ୍ରୀ.ଅ. ୧୪୨୫ ସମୟରେ ମନ୍ଦିର ପରିସରରେ ନିର୍ମାଣ କରାଯାଇଥିବା ନଥି ବା ରେକର୍ଡ଼ କକ୍ଷ ମନ୍ଦିରର ଲମ୍ବା ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା। ସେତେବେଳେ ତତ୍କାଳୀନ ବେନାଦ୍ ରାଜା ବୀର ଇରାବୀ ବର୍ମାଙ୍କ ଦ୍ୱାରା ନିର୍ମିତ ଏହି କକ୍ଷରେ ମନ୍ଦିର ଭିତରର ରେକର୍ଡ଼କୁ ଅଭିଲେଖନ କରିବା ପାଇଁ ତିଆରି ହୋଇଥିଲା। ମଥିଲାକମ୍‌ରେ ଥିବା ରେକର୍ଡ଼ର ଏକ ବଡ଼ ଅଂଶ (ପ୍ରାୟ ୩୦ଲକ୍ଷ ଦସ୍ତାବିଦ) ୧୮୬୭ ମସିହାରେ ଅଭିଲେଖାଗାର ବିଭାଗକୁ ଦାନ କରାଯାଇଥିଲା। ତାମିଲ୍ ଓ ପୁରାତନ ମାଲାୟାଲମ୍ ଭାଷାରେ ଲେଖାଯାଇଥିବା ଏହି ରେକର୍ଡ଼କୁ ବହୁ ବିଦ୍ୱାନ ପଣ୍ଡିତମାନେ ଅନୁବାଦ କରିଥିଲେ। ଏହି ଅନୁବାଦିତ ରେକର୍ଡ଼ ଦୁର୍ଲଭ ଥିଲେ ମଧ୍ୟ ଏଥିରୁ ମନ୍ଦିର ଓ ଏହାର ସାଂସ୍କୃତିକ ଉତ୍ସବ ଉପରେ ବହୁ ତଥ୍ୟ ମିଳିଥାଏ।
ବାକି ୩୦ଲକ୍ଷ ଦସ୍ତାବିଦ୍ ଅକାମୀ ହୋଇ ଅଭିଲେଖାଗାର ବିଭାଗରେ ପଡ଼ି ରହିଛି। ଟ୍ରାଭାଙ୍କୋର ରାଜପରିବାରର ସଦସ୍ୟ ତଥା ମନ୍ଦିର ଉପରେ ଲିଖିତ ଏକ ପୁସ୍ତକର ଲେଖକ Ashratri Thirunal Gourva Lakshmi Bayiଙ୍କ ମତ ଅନୁସାରେ ମନ୍ଦିରରେ ଦୁଇ ପ୍ରକାରର ନଥି ଲେଖକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଗୋଟିଏ ବର୍ଗର ଲେଖକ ମନ୍ଦିର ପ୍ରଶାସକମାନଙ୍କର (ଯେଉଁଥିରେ ତତ୍କାଳୀନ ରାଜା ମଧ୍ୟ ଅନ୍ତର୍ଭୁକ୍ତ) ଦେଣନେଣ ଓ କାର୍ଯ୍ୟବାହୀର ବିବରଣୀମାନ ନଥିରେ ଲେଖୁଥିବାବେଳେ ଅନ୍ୟ ବର୍ଗର ଲେଖକ ପ୍ରତିଦିନର ମନ୍ଦିର କାର୍ଯ୍ୟ ବିଷୟରେ ଲେଖିବା ସହ ସେହି ସବୁକୁ ସଂରକ୍ଷିତ କରି ରଖୁଥିଲେ। ମନ୍ଦିର ସମ୍ପତ୍ତିର ହିସାବ ରଖିବା, ରାଜସ୍ୱ ସଂଗ୍ରହ ଓ ଖର୍ଚ୍ଚର ହିସାବ ରଖିବା ସହିତ ଅନ୍ୟ କାର୍ଯ୍ୟଗୁଡ଼ିକର ରେକର୍ଡ଼ ମଧ୍ୟ ଲିପିବଦ୍ଧ ହେଉଥିଲା।

ମନ୍ଦିର ସମ୍ପତ୍ତି:
ମନ୍ଦିର ଏବଂ ଏହାର ସମସ୍ତ ସମ୍ପତ୍ତି ଭଗବାନ ପଦ୍ମନାଭ ସ୍ୱାମୀଙ୍କର ଯାହାକି ଦୀର୍ଘକାଳ ପର୍ଯ୍ୟନ୍ତ ଟ୍ରାଭାଙ୍କୋର ରାଜପରିବାରର ଅଧ୍ୟକ୍ଷତାରେ ଏକ ଟ୍ରଷ୍ଟଦ୍ୱାରା ନିୟନ୍ତ୍ରିତ ହେଉଥିଲା। କିନ୍ତୁ ବର୍ତ୍ତମାନ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସେମାନଙ୍କୁ ପରିଚାଳନା ଦାୟିତ୍ୱରୁ ମୁକ୍ତ କରିଦେଇଛନ୍ତି। ଜୁନ୍ ୨୦୧୧ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ମନ୍ଦିରର ଗୁପ୍ତ କୋଠରିଗୁଡ଼ିକୁ ଖୋଲି ସେଥିରେ ଥିବା ବସ୍ତୁଗୁଡ଼ିକୁ ଅନୁସନ୍ଧାନ କରିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ଅଗ୍ନିଶମ ସେବାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ଦିରରେ ସର୍ବମୋଟ ୬ଟି ଭୂତଳ କକ୍ଷ ରହିଛି ଯାହାକୁ କ୍ରମାନ୍ୱୟରେ "ଇ" ରୁ "ଋ" ପର୍ଯ୍ୟନ୍ତ କରାଯାଇଛି। ଭୂତଳ କକ୍ଷ 'ଏ' (Vaults ଇ) ଏବଂ 'ବି' (ଇ)କୁ ବହୁ ବର୍ଷ ଧରି ଖୋଲାଯାଇ ନଥିଲା ବେଳେ, ଭୂତଳ କକ୍ଷ ଉ ରୁ ଋକୁ ସମୟାନୁସାରେ ଥରକୁ ଥର ଖୋଲାଯାଇଥିଲା। ମନ୍ଦିରର ଦୁଇ ସେବକ ଭୂତଳ କକ୍ଷ ଉ ରୁ ଋ ପର୍ଯ୍ୟନ୍ତ ୪ଗୋଟିର ସଂରକ୍ଷକ ଅଛନ୍ତି। ଭୂତଳ କକ୍ଷ ଉ ରୁ ଋକୁ ଖୋଲିବା ଓ ତା ଭିତରେ ଥିବା ବସ୍ତୁଗୁଡ଼ିକୁ ବ୍ୟବହାର କଲାବେଳେ ମନ୍ଦିରର ବର୍ତ୍ତମାନ ପ୍ରଥା, କାର୍ଯ୍ୟପନ୍ଥା ଓ ବିଧିକୁ ପାଳନ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଠିକ୍ ସେହିଭଳି ଭୂତଳ କକ୍ଷ ଇ ଓ ଇକୁ କେବଳ ସେଥିରେ ଥିବା ବସ୍ତୁ ସମୂହକୁ ତାଲିକାଭୁକ୍ତ କରି ବନ୍ଦ କରିଦେବା ଉଦ୍ଦେଶ୍ୟରେ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମନ୍ଦିରର ସେହିସବୁ ଭୂତଳ କକ୍ଷ ସମ୍ପତ୍ତିର ସମୀକ୍ଷା କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଏକ ସାତ ଜଣିଆ କମିଟି ନିଯୁକ୍ତି କରିଥିଲେ। ଭୂଗର୍ଭସ୍ଥ ଏହି କକ୍ଷରେ ଥିବା ବହୁ ଧରଣର ବସ୍ତୁ ସମୂହର ସଂଖ୍ୟା ନିରୂପଣ କରିବା ଏହି କମିଟିର ଦାୟିତ୍ୱ ଥିଲା। ସୁନା, ଗହଣା ଏବଂ ଅନ୍ୟ ମୂଲ୍ୟବାନ ବସ୍ତୁ ସମ୍ବନ୍ଧୀୟ ମନ୍ଦିର ସମ୍ପତ୍ତିର ଏକ ସବିଶେଷ ସୂଚୀ ଏପର୍ଯ୍ୟନ୍ତ ପ୍ରସ୍ତୁତ କରାଯାଇପାରିଲା ନାହିଁ।
ଅନୁସନ୍ଧାନରୁ ଜଣାଯାଏ ଯେ ତାହା ମଧ୍ୟରେ ରହିଛି ଶହ ଶହ ହୀରା, ରୁବି ଏବଂ ମୂଲ୍ୟବାନ ପଥର ଖଚିତ ୩.୫ଫୁଟ ଲମ୍ବ ଖାଣ୍ଟି ସୁନାର ମହାବିଷ୍ଣୁଙ୍କର ଏକ ବିଗ୍ରହ। ତାହାସହ ରହିଛି ୧୮ଫୁଟ ଲମ୍ବର ଖାଣ୍ଟି ସୁନା ନିର୍ମିତ ଏକ କଡ଼ି, ୫୦୦ କିଗ୍ରା ଓଜନର ଏକ ସୁନା ବିଡ଼ା, ୩୬ କି.ଗ୍ରା.ର ଏକ ଓଢ଼ଣା, ବହୁ ମୂଲ୍ୟ ପଥରରେ ଆବୃତ ୧୨୦୦ଟି ସୁନାର ସିକ୍‌କା କଡ଼ି, ସୁନାର କଳାକୃତିରେ ଭରା ଅନେକ ବସ୍ତ୍ର, ହାର, ହୀରା, ରୁବି, ମଣି, ମରକତ, ରତ୍ନ ଏବଂ ଅନ୍ୟ ମୂଲ୍ୟବାନ ଧାତୁ ନିର୍ମିତ ବସ୍ତୁମାନ। ସେହିପରି ଦେବତାମାନଙ୍କର ଉତ୍ସବ ସମୟର ପୋଷାକ ଯାହା ୩୦ କିଲୋଗ୍ରାମ ଓଜନର ସୁନା ନିର୍ମିତ ହେବାସହ ରୁବି ଓ ମଣିରେ ଖଚିତ, ସୁନାର ନଡ଼ିଆ ଗୁଳା ଏବଂ ୧୮ ଶତାବ୍ଦୀର ନେପୋଲିଓନଙ୍କ ସମୟର ବହୁ ମୁଦ୍ରାର ସନ୍ଧାନ ମିଳିପାରିଛି। ଭାରତର ପୂର୍ବତନ ହିସାବ ନିୟନ୍ତ୍ରକ ଓ ସମୀକ୍ଷକ ବିନୋଦ ରାୟଙ୍କ ମତରେ ଖୋଲାଯାଇଥିବା କୋଠରି ଇରେ ୮୦୦ କି.ଗ୍ରା. ଓଜନ ସୁନାର ମୁଦ୍ରା, ଯାହା ଖ୍ରୀ.ପୂ. ୨୦୦ ସମୟରୁ ରହିଆସିଛି। ପ୍ରତ୍ୟେକ ମୁଦ୍ରାର ମୂଲ୍ୟ ବର୍ତ୍ତମାନର ଦର ଅନୁସାରେ ୨.୭୦କୋଟିରୁ ଅଧିକ ହେବ। ୧୮ଫୁଟ ଲମ୍ବର ଦେବତାଙ୍କ ପାଇଁ ଉଦ୍ଦିଷ୍ଟ ଏକ ଖାଣ୍ଟି ରାଜଗାଦିର ସନ୍ଧାନ ମିଳିଛି ଯାହା ଶହ ଶହ ହୀରା ଓ ମୂଲ୍ୟବାନ ପଥରରେ ଖଚିତ। ବିଭିନ୍ନ ରିପୋର୍ଟ ଅନୁସାରେ ହୀରା ଓ ମୂଲ୍ୟବାନ ପଥରରେ ଖଚିତ ଅତି କମ୍‌ରେ ତିନିଗୋଟି ସୁଦୃଢ଼ ସୁନା ମୁକୁଟ ମଧ୍ୟ ସେଥିରେ ରହିଛି। ଅନ୍ୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଶହ ଶହ ସଂଖ୍ୟାର ଖାଣ୍ଟି ସୁନାର ଚୌକି ଏବଂ ହଜାର ହଜାର ସୁନା ପାତ୍ର ଓ ଜାର୍ ଏହି କୋଠରି ଇ ଓ ଏହାର ପାର୍ଶ୍ୱ ପ୍ରକୋଷ୍ଠରୁ ମିଳିଥିବାର ଉଲ୍ଲେଖ ରହିଛି। (କ୍ରମଶଃ)

# ଟଚ୍ ଥେରାପି: ଆସ୍ଥାର ଅନନ୍ୟ ଦିଗନ୍ତ



ସଂଯୁକ୍ତା ଦାଶ
ସହାୟକ ମହାପ୍ରବନ୍ଧକ
(ଅବସରପ୍ରାପ୍ତ)
ଭାରତୀୟ ରିଜର୍ଭ ବ୍ୟାଙ୍କ୍
ମୋ-୮୪୨୦୮୯୬୫୪୬

ଆଜିକାଲି ସୁସ୍ଥ ସୁନ୍ଦର ଓ ସୁଦୀର୍ଘ ଜୀବନ ବଞ୍ଚିବାର ନିଶା ପ୍ରତିଟି ମଣିଷକୁ ସ୍ୱାସ୍ଥ୍ୟ-ମନସ୍କ କରିଛି । ସେଥିପାଇଁ ବୟସ ନିର୍ବିଶେଷରେ ଅଧିକ ସଂଖ୍ୟକ ସ୍ତ୍ରୀ ପୁରୁଷ ନିଜକୁ ସୁସ୍ଥ ସବଳ ଏବଂ ଯୁବକ ସୁଲଭ ସୁନ୍ଦର ସୁଠାମ ଶରୀର ବିଶିଷ୍ଟ। ତଥା ଅଧିକ ଶକ୍ତି ସମ୍ପନ୍ନ ସ୍ୱାସ୍ଥ୍ୟ ଗଠନ ପାଇଁ ବିଭିନ୍ନ ପ୍ରକାର ଥେରାପି ବା ଚିକିତ୍ସା ପଦ୍ଧତିର ଆଶ୍ରୟ ନେଉଛନ୍ତି । ପ୍ରଚଳିତ ଅନେକ ଥେରାପି ଭିତରେ ଟଚ୍ ଥେରାପି ବା ସ୍ପର୍ଶ ଚିକିତ୍ସା ଏକ ଅନନ୍ୟ ଚିକିତ୍ସା ପଦ୍ଧତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଟଚ୍ ଥେରାପି କେବଳ ଶରୀରର ଚିକିତ୍ସା ନୁହେଁ, ଏହା ମନ, ଭାବନା ଓ ଆତ୍ମାକୁ ସୁସ୍ଥ କରିବାର ଏକ ସୁନ୍ଦର ପ୍ରୟାସ। ସ୍ନେହ, ସହାନୁଭୂତି ଓ ସକାରାତ୍ମକ ଶକ୍ତି ମାଧ୍ୟମରେ ଏହି ଥେରାପି ଜୀବନକୁ ଦେଇଥାଏ ନୂଆ ଆଶା ଓ ଶାନ୍ତିର ଅନୁଭୂତି। କାରଣ, ମନୁଷ୍ୟ ଜୀବନରେ ସ୍ପର୍ଶର ମହତ୍ତ୍ୱ ଅପାର । ଜନ୍ମର ପ୍ରଥମ ମୁହୂର୍ତ୍ତରୁ ଏକ ଶିଶୁ ମାଆର ସ୍ନେହଭରା ସ୍ପର୍ଶ ମାଧ୍ୟମରେ ସୁରକ୍ଷା, ଭଲପାଇବା ଓ ଆଶ୍ୱାସନା ଅନୁଭବ କରେ । ସ୍ପର୍ଶ କେବଳ ଶାରୀରିକ ସଂସ୍ପର୍ଶ ନୁହେଁ, ଏହା ମନୁଷ୍ୟର ଭାବନା, ଆବେଗ ଓ ମାନସିକ ସମ୍ପର୍କର ଏକ ନିରବ ଭାଷା। ଏହି ସ୍ନିଗ୍ଧ ଓ ସକାରାତ୍ମକ ସ୍ପର୍ଶକୁ ଆଧାର କରି ଗଢ଼ିଉଠିଛି "ସ୍ପର୍ଶ ଚିକିତ୍ସା" ବା "Touch Therapy"। ସ୍ପର୍ଶ ଚିକିତ୍ସା ହେଉଛି ଏକ ସମଗ୍ର ଆରୋଗ୍ୟ ପ୍ରଣାଳୀ, ଯାହା ମାନସିକ ଚାପ ହ୍ରାସ କରିବା, ମନକୁ ଶାନ୍ତ କରିବା ଏବଂ ଶରୀରର ସ୍ୱାଭାବିକ ଆରୋଗ୍ୟ କ୍ଷମତାକୁ ସକ୍ରିୟ କରିବାରେ ସହାୟକ ହୁଏ । ଆଜିର ବ୍ୟସ୍ତ, ଯାନ୍ତ୍ରିକ ଏବଂ ନିଃସଙ୍ଗ ଜୀବନରେ ମନୁଷ୍ୟ ମାନଙ୍କ ମଧ୍ୟରେ ଭାବନାତ୍ମକ ଦୂରତା ବଢୁଥିବାବେଳେ, ସ୍ପର୍ଶ ଚିକିତ୍ସା ମନୁଷ୍ୟକୁ ମାନବିକତା, ସ୍ନେହ ଓ ଆତ୍ମିକ ସମ୍ପର୍କର ଗଭୀରତା ସ୍ମରଣ କରାଏ । ଏକ ସ୍ନେହଭରା ସ୍ପର୍ଶ କେବେ କେବେ ଔଷଧଠାରୁ ମଧ୍ୟ ଅଧିକ ଆଶ୍ୱାସନା ଓ ଶାନ୍ତି ଦେଇପାରେ। ଜଣେ ରୋଗୀ ଯେତେବେଳେ ବେଦନାରେ କଷ୍ଟ ପାଉଥାଏ, ସେତେବେଳେ ଔଷଧ ସହ ଏକ ସ୍ନେହଭରା ହାତର ସ୍ପର୍ଶ ତାଙ୍କ ମନରେ ଜୀବନ ପ୍ରତି ନୂତନ ଆଶା ଜଗାଇଦିଏ। ସ୍ପର୍ଶ ଚିକିତ୍ସା କୌଣସି ନୂତନ ପଦ୍ଧତି ନୁହେଁ। ପ୍ରାଚୀନ କାଳରୁ ମଣିଷ ସ୍ନେହପୂର୍ଣ୍ଣ ସ୍ପର୍ଶକୁ ଆରୋଗ୍ୟର ଏକ ମାଧ୍ୟମ ଭାବେ ବ୍ୟବହାର କରୁଥିଲା। ଆୟୁର୍ବେଦ, ଯୋଗ ଓ ପ୍ରାଚୀନ ଭାରତୀୟ ଚିକିତ୍ସା ପଦ୍ଧତିରେ ମସାଜ ବା ହସ୍ତଚାଳନା ଦ୍ୱାରା ଶରୀରର ଶକ୍ତିକେନ୍ଦ୍ରଗୁଡ଼ିକୁ ସକ୍ରିୟ କରିବାର ଉଲ୍ଲେଖ ମିଳେ। ଆଧୁନିକ ବିଜ୍ଞାନ ମଧ୍ୟ ଏହାକୁ ସ୍ୱୀକାର କରିଛି ଯେ, ମାନବୀୟ ସ୍ପର୍ଶ ଶରୀରରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆଣେ। ସ୍ପର୍ଶ ମାଧ୍ୟମରେ ଶରୀରରେ "ଅକ୍ସିଟୋସିନ" ଭଳି ହର୍ମୋନର ସ୍ରାବ ବଢ଼େ, ଯାହା ମନକୁ ଶାନ୍ତ କରେ ଓ ଭୟ, ଆତଙ୍କ ଓ ନିଃସଙ୍ଗ ଜୀବନର ଅବସାଦ କମାଇଥାଏ। ସ୍ପର୍ଶ ଚିକିତ୍ସାର ଅନେକ ରୂପ ଅଛି। ମସାଜ ଥେରାପି, ରେଇକି, ଆକ୍ୟୁପ୍ରେସର, ହାତଧରି ସାନ୍ତ୍ୱନା ଦେବା, କିମ୍ବା ଏକ ଆଶ୍ୱାସନାମୟ ଆଲିଙ୍ଗନ— ସବୁ ଏହାର ଅଂଶ। ଏହି ଚିକିତ୍ସା ଶରୀରର ପେଶୀକୁ ଶିଥିଳ କରେ, ରକ୍ତସଞ୍ଚାଳନକୁ ସୁଧାରେ ଓ ମନକୁ ପ୍ରଶାନ୍ତ କରେ। ଅନେକ ହସ୍ପିଟାଲରେ ଆଜିକାଲି ରୋଗୀଙ୍କ ମାନସିକ ସ୍ୱସ୍ଥତା ପାଇଁ ଏହାକୁ ସହାୟକ ଚିକିତ୍ସା ଭାବରେ ବ୍ୟବହାର କରାଯାଉଛି। ସ୍ପର୍ଶ ଚିକିତ୍ସାର ସବୁଠୁ ବଡ଼ ଶକ୍ତି ରହିଛି ଏହାର ମାନବୀୟତାରେ। ଏହା କେବଳ ଶରୀରକୁ ନୁହେଁ, ମନକୁ ମଧ୍ୟ ସ୍ପର୍ଶ କରେ। ଏକ ସ୍ନେହପୂର୍ଣ୍ଣ ସ୍ପର୍ଶ ଅନେକ ଅକଥିତ ବେଦନାକୁ ହ୍ରାସ କରିପାରେ। କେବେ କେବେ ଶବ୍ଦରେ ଯାହା କହିହେବ ନାହିଁ, ଏକ ନିରବ ସ୍ପର୍ଶ ତାହାକୁ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରକାଶ କରିଦିଏ। ଆଜିର ଯନ୍ତ୍ରମୟ ଜୀବନରେ ମଣିଷ ଧୀରେ ଧୀରେ ଭାବନାରୁ ଦୂରେଇଯାଉଛି। ପରିବାରରେ ଏକସଙ୍ଗେ ବସି ଆଳାପ କରିବାର ସମୟ କମିଯାଇଛି, ସମ୍ପର୍କରେ ଆତ୍ମୀୟତାର ଅଭାବ ଦେଖାଯାଉଛି। ମୋବାଇଲ ଓ ସାମାଜିକ ଗଣ ମାଧ୍ୟମର ଭିଡ଼ ମଧ୍ୟରେ ମଣିଷ ଅନେକ ସମୟରେ ଭିତରୁ ନିର୍ଜନ ଓ ନିଃସଙ୍ଗ ହୋଇପଡୁଛି। ଏପରି ପରିସ୍ଥିତିରେ ସ୍ପର୍ଶ ଚିକିତ୍ସା ଏକ ନିରବ ସାନ୍ତ୍ୱନା ଭଳି କାମ କରେ। ଏହା ମନକୁ କହେ— "ତୁମେ ଏକା ନୁହଁ, ସାଙ୍ଗରେ କେହି ଜଣେ ଅଛି ନିଶ୍ଚୟ' କହିବା ବାହୁଲ୍ୟ ଯେ ସ୍ପର୍ଶ ଚିକିତ୍ସା ବୃଦ୍ଧ ବୃଦ୍ଧା ମାନଙ୍କର ଶାରୀରିକ ତଥା ମାନସିକ ସୁସ୍ଥତା ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ବୃଦ୍ଧ ମଣିଷମାନେ, ଅନେକ ସମୟରେ ନିଜକୁ ଅବହେଳିତ ଓ ଅବାଞ୍ଛିତ ଅନୁଭବ କରନ୍ତି । ନିଜକୁ ପରିବାର ଉପରେ ବୋଝ ବୋଲି ଭାବନ୍ତି। ବଞ୍ଚିବାର ଆଗ୍ରହ ହଜାଇ ଦିଅନ୍ତି । ସେମାନଙ୍କ ପାଇଁ ଏକ ଆତ୍ମୀୟ ସ୍ପର୍ଶ ଅପାର ଶାନ୍ତି ନେଇଆସେ। ପଦେ ଭଲ ମନ୍ଦ କଥା, ଅତୀତର ସୁମଧୁର ସ୍ମୃତି ଚାରଣ, ପରାମର୍ଶ ବା ଉପଦେଶ ଯାଚନା ସେମାନଙ୍କୁ ଅମୂଲ୍ୟ ସମ୍ପଦ ପାଇଲା ପରି ଲାଗେ । ଆଗେ ଏକାନ୍ନବର୍ତ୍ତୀ ପରିବାର ମାନଙ୍କରେ ପରିବାରର ବୟୋଜ୍ୟେଷ୍ଠ ବୃଦ୍ଧ ବୃଦ୍ଧା ମାନଙ୍କୁ ରାତିରେ ଶୋଇବା ପୂର୍ବରୁ ମୋଡାଘଷା କରାଯାଉଥିଲା । ଝିଅଟିଏ ବିବାହ କରି ଶାଶୁ ଘରକୁ ଯିବା ବେଳେ ମା', ଜେଜେମା' ଝିଅକୁ କାନେ କାନେ ଉପଦେଶ ଦେଉଥିଲେ ପ୍ରତିଦିନ ବୃଦ୍ଧ ଶ୍ୱଶୁର ଓ ଶାଶୁଙ୍କୁ ମୋଡାଘଷା କରିବା ପାଇଁ । ଏପରିକି ଜଣେ ଜଣେ ବୁଢା ବୁଢୀଙ୍କର ଏମିତି ଅଭ୍ୟାସରେ ପଡି ଯାଏ ଯେ ଟିକିଏ ମୋଡାଘଷା ନହେଲେ ତାଙ୍କୁ ନିଦ ହୁଏନି । ସେଇ କିଛି ସମୟର ମୋଡାଘଷା କେବଳ କଷ୍ଟ ଲାଘବ ପାଇଁ ବା ନିଦ ହେବା ପାଇଁ ଉଦ୍ଦିଷ୍ଟ ନଥିଲା, ବରଂ ସେହି କିଛି ସମୟ ବୁଢା ବାପ ଓ ପୁଅ ବା ଶାଶୁ ବୁଢୀ ଓ ବୋହୂଙ୍କ ଭିତରେ ଏକ ଅନ୍ତରଙ୍ଗ ସମ୍ପର୍କ ଗଢିବାରେ ସାହାଯ୍ୟ କରୁଥିଲା । ସେହି ସାଧାରଣ ପ୍ରକ୍ରିୟାଟି ଅସାଧାରଣ ଉପଲବ୍ଧି ସୃଷ୍ଟି କରୁଥିଲା । ସ୍ପର୍ଶର ମହାର୍ଘ ଅନୁଭବ ଢାଳି ଦେଉଥିବା ଲୋକଟି ଗଭୀର ଆତ୍ମସନ୍ତୋଷ ଲାଭ କରୁଥିଲା ତଥା ସେବାକୁ ଅତି ସନ୍ତୃପ୍ତ ଆତ୍ମାରେ ସାଉଁଟି ନେଉଥିବା ମଣିଷଟି ସେଇ ଆପଣାର ମଣିଷଟି ଉପରେ ନିଜର ସବୁ ସ୍ନେହ ଓ ଆଶୀର୍ବାଦ ଢାଳି ଦେବା ସହ ନିଜର ଆତ୍ମ ବିଶ୍ୱାସ ଏବଂ ପରିବାରରେ ନିଜର ମହତ୍ତ୍ୱ ଓ ମର୍ଯ୍ୟାଦା ସମ୍ପର୍କରେ ସଚେତନ ହେଉଥିଲା । ହୁଏତ ପୁରୁଷ ପୁରୁଷ ଧରି ଏହି ପାରିବାରିକ ସ୍ପର୍ଶ ଚିକିତ୍ସା ବୁଢା ବୁଢୀଙ୍କୁ ଦୀର୍ଘାୟୁ ହେବାରେ ଏବଂ ନୀରୋଗ ରହିବାରେ ମୁଖ୍ୟ ଭୂମିକା ନେଇଥିଲା। ଆଜି ସେ ସମୟ ନାହିଁ । ସେ ମାନସିକତା ଠାରୁ ମଧ୍ୟ ଆମେ ନିଜକୁ ମୁକ୍ତ କରି ସାରିଛୁ । ଆଜି କାଲି ବୟସ୍କ ମଣିଷ ମାନେ ମୋଡା ଘଷା କଥା କହିବାକୁ ସଙ୍କୋଚ କରିବେ । କହିଲେ ବି ପୁଅ ଝିଅ ବୋହୂ ମାନେ ଆଗେଇ ଆସିବେନି । ମର୍ଣ୍ଣିଂ ୱାକ୍, ଯୋଗ, ବ୍ୟାୟାମ ଆଦି ବିକଳ୍ପର ବ୍ୟବସ୍ଥା କରିଦେବେ । କିନ୍ତୁ...ସେଇ ପରିସ୍ଥିତିରେ ସମ୍ବେଦନଶୀଳ ପୁଅ ଟିଏ ବା ଝିଅ ଟିଏ ଦିନରେ ଅନ୍ତତଃ ଥରେ ଦିଥର ଯଦି ନିଜ ଆତୁ ବୃଦ୍ଧ ବାପା ମାଆଙ୍କ ଦେହ ଆଉ ମନ କଥା, ଔଷଧ, ଖାଇବାକୁ ଇଚ୍ଛା ଥିବା ଖାଦ୍ୟ, କେଉଁଠିକୁ ବୁଲି ଯିବାର ଆଗ୍ରହ, କିଛି ଚଳନ୍ତି ସାମଜିକ ବା ରାଜନୈତିକ ଘଟଣା ଉପରେ ଆଲୋଚନା, ଏମିତିକି ପରିବା, ମାଛ ଆଦିର ଦରଦାମ ବା ପାଣିପାଗ ବିଷୟରେ ଆଲୋଚନା କରି ସେମାନଙ୍କର ପାରିବାରିକ ଗୁରୁତ୍ୱ ତଥା ନେତୃତ୍ୱ ସମ୍ପର୍କରେ ସଚେତନ କରାଇଥାନ୍ତି । ଘରୁ ବାହାରକୁ ଗଲାବେଳେ ସେମାନଙ୍କୁ କହି ବା ପାଦ ସ୍ପର୍ଶ କରି ଏବଂ ଫେରିଲା ପରେ ଦେଖାକରି ଭଲ ମନ୍ଦ ପଚାରିବା ବା ଆବଶ୍ୟକ ସ୍ଥଳେ କପାଳ କିମ୍ବା ହାତ ପାପୁଲି ମୁଠାଇ ଧରିବା ବା କୁଣ୍ଢାଇ ପକାଇବା ମଧ୍ୟ ସ୍ପର୍ଶ ଚିକିତ୍ସା ଅନ୍ତର୍ଗତ ।

ଶେଷରେ କୁହାଯାଇ ପାରେ, ସ୍ପର୍ଶ ଚିକିତ୍ସା ହେଉଛି ଏକ ନିରବ ଭାଷା, ଯାହା ହୃଦୟରୁ ହୃଦୟକୁ ସଂଯୋଗ କରେ। ଏହା ଆମକୁ ଶିଖାଏ ଯେ କେବେ କେବେ ଏକ ସ୍ନେହଭରା ସ୍ପର୍ଶ ସବୁଠାରୁ ଶକ୍ତିଶାଳୀ ଓ ମୂଲ୍ୟବାନ ଔଷଧ ଠାରୁ ମଧ୍ୟ ଅଧିକ ପ୍ରଭାବଶାଳୀ ହୋଇପାରେ । ଏହି ସହାନୁଭୂତି ପୂର୍ଣ୍ଣ ସ୍ପର୍ଶ ଯଦି ଆମ ସମ୍ପର୍କ ଓ ସମାଜରେ ଅବିରତ ରହେ, ତେବେ ଜୀବନ ଅଧିକ ସୁନ୍ଦର, ସ୍ୱସ୍ଥ ଓ ସାର୍ଥକ ହୋଇଉଠିବ। ଆସନ୍ତୁ, ସମାଜକୁ ବୟସ୍କ ମିତ୍ର କରିବା ଯୋଜନା ଆରମ୍ଭ କରିବା ଏହି ସ୍ପର୍ଶ ଚିକିତ୍ସା ମାଧ୍ୟମରେ, ଘର, ପରିବାର, ସାହି, ପଡିଶାରେ ଥିବା ଆଉ ପରିଚିତ ଅପରିଚିତ ପ୍ରତ୍ୟେକ ବୟସ୍କଙ୍କ ଠାରୁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୨ ଜୁଲାଇ ୨୦୨୬ ବୁଧବାର

# ଆଭା

## ଚଳିତବର୍ଷ ଶ୍ରାବଣ ମାସ ସୋମବାରରେ ସୃଷ୍ଟି ହେଉଛି ଏହି ବିରଳ ସଂଯୋଗ



**ହାଇଦ୍ରାବାଦ:** ଆଉ କିଛି ଦିନ ପରେ ହିନ୍ଦୁ ଧର୍ମର ପବିତ୍ରତମ ମାସ ଶ୍ରାବଣ ମାସ ଆସିବାକୁ ଯାଉଛି । ଶ୍ରାବଣ ମାସ ଆସନ୍ତା ଜୁଲାଇ ୩୦ କିମ୍ବା ୩୧ ତାରିଖରେ ଆରମ୍ଭ ହେଉଛି ଭକ୍ତମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖା ଦେଉଥିଲା । ପଞ୍ଚାଙ୍ଗ ଅନୁସାରେ ଆସନ୍ତା ଜୁଲାଇ ୩୦ (ଗୁରୁବାର)ରୁ ଶ୍ରାବଣ ମାସ ଆରମ୍ଭ ହେବ । ଯାହାକି ୨୮ ଅଗଷ୍ଟ (ଶୁକ୍ରବାର) ରକ୍ଷାବନ୍ଧନ ଅବସରରେ ଶେଷ ହେବ । ଚଳିତବର୍ଷ ଶ୍ରାବଣ ମାସରେ ସମ୍ପୂର୍ଣ୍ଣ ୪ଟି ସୋମବାର ପଡିବାକୁ ଯାଉଛି । ଏସମ୍ପର୍କରେ ଲକ୍ଷ୍ନୌର ପ୍ରସିଦ୍ଧ ଜ୍ୟୋତିଷାଚାର୍ଯ୍ୟ ସୂଚନା ଦେଇଛନ୍ତି । ସେ କହିଛନ୍ତି, 'ଧାର୍ମିକ ଏବଂ ଜ୍ୟୋତିଷ ଉଭୟ ଦୃଷ୍ଟିକୋଣରୁ, ୨୦୨୬ ମସିହାରେ ଶ୍ରାବଣ ମାସ ଅତ୍ୟନ୍ତ ଶୁଭ ମାସ ଅଟେ। ଶ୍ରାବଣ ମାସ ଜୁଲାଇ ୩୦ ତାରିଖରେ ଆରମ୍ଭ ହେବାକୁ ଯାଉଛି । ଏହି ସମୟରେ ଅତ୍ୟନ୍ତ ଅନୁକୂଳ ସ୍ୱର୍ଗୀୟ ସଂଯୋଗ ଦେଖିବାକୁ ମିଳିବ । ଶ୍ରାବଣ ମାସର ତୃତୀୟ ସୋମବାର - ଅଗଷ୍ଟ ୧୭ ତାରିଖରେ ଏକ ବିରଳ ସଂଯୋଗ ଦେଖା ଦେବ । ଏହି ଅବସର ଅନେକ ବର୍ଷ ପରେ ସୃଷ୍ଟି ହେଉଛି । ଏହି ଦିନରେ ନାଗ ପଞ୍ଚମୀ ତିଥି ମଧ୍ୟ ପଡୁଛି।' ଏପରି ଏକ ବିରଳ ସଂଯୋଗ ବହୁ ବର୍ଷ ପରେ ଘଟୁଛି ବୋଲି ଜ୍ୟୋତିଷ କହିଛନ୍ତି । ଏହି ପବିତ୍ର ଦିନରେ, ଯେକୌଣସି ଭକ୍ତ ଶିବଲିଙ୍ଗରେ ଜଳ ଅର୍ପଣ କରନ୍ତି କିମ୍ବା ରୁଦ୍ରାଭିଷେକ କରନ୍ତି, ତାଙ୍କୁ ଜୀବନର ସମସ୍ତ ଦୁଃଖ, ରୋଗ ଏବଂ କଷ୍ଟରୁ ମୁକ୍ତି ମିଳିବ ।

## ଶରୀରରୁ ଏହି ଭିଟାମିନ କମିଲେ ହୋଇଯିବେ ଅନ୍ଧ



ଆମ ଶରୀରରେ ଥିବା ପ୍ରତ୍ୟେକ ପୋଷକ ତତ୍ତ୍ୱର ନିଜସ କିଛି ଗୁରୁତ୍ୱ ରହିଛି ଯଦି ଆମେ ଆମର ଦୃଷ୍ଟି ଶକ୍ତିକୁ ସୁସ୍ଥ ରଖିବାକୁ ଚାହିଁବା, ତେବେ ଆମକୁ ଭିଟାମିନ ଏ ଖାଦ୍ୟ ଖାଇବାକୁ ପଡିବ, ଯାହାକି ସାଧାରଣତଃ ନାଲି, ହଳଦିଆ ଏବଂ କିଛି ସବୁଜ ଫଳ ଏବଂ ପନିପରିବାରେ ପ୍ରଚୁର ପରିମାଣରେ ମିଳିଥାଏ ଜିଏମ୍ଏସ ହସ୍ପିଟାଲ୍, ଗ୍ରେଟର ନୋଏଡାରେ କାର୍ଯ୍ୟ କରୁଥିବା ଜଣେ ପ୍ରସିଦ୍ଧ ଡାଏଟିସିଆନ ଡାକ୍ତର ଆୟୁଷୀ ଯାଦବ ସ୍ପଷ୍ଟ କରିଛନ୍ତି ଯେ, ଆମ ଶରୀର ପାଇଁ ଭିଟାମିନ ଏ କାହିଁକି ଗୁରୁତ୍ୱପୂର୍ଣ୍ଣ ଏବଂ କେଉଁ ଖାଦ୍ୟ ମାଧ୍ୟମରେ ଆମେ ଏହି ପୁଷ୍ଟିକର ଖାଦ୍ୟ ପାଇପାରିବା।

ଆମକୁ କେତେ ଭିଟାମିନ ଏ ଆବଶ୍ୟକ? ଭିଟାମିନ ଡି ପରି ଆମକୁ ସୂର୍ଯ୍ୟ କିରଣ ମାଧ୍ୟମରେ ଭିଟାମିନ ଏ ମିଳିନାହିଁ, ଅର୍ଥାତ ଖାଦ୍ୟରୁ ଆମକୁ ଏହି ପୁଷ୍ଟିକର ଖାଦ୍ୟ ଆହରଣ କରିବା ଆବଶ୍ୟକ ଭିଟାମିନ ଏ ଅଭାବରୁ ରକ୍ଷା ପାଇବା ପାଇଁ ଜଣେ ସୁସ୍ଥ ବୟସ୍କ ବ୍ୟକ୍ତି ପ୍ରତିଦିନ ହାରାହାରି ୭୦୦ ରୁ ୯୦୦ ମାଇକ୍ରୋଗ୍ରାମ (ଏମସିଜି) ଭିଟାମିନ ଏ ଆବଶ୍ୟକ କରିଥାନ୍ତି ଆ ପାଇଁ ଭିଟାମିନ ଏ ଅତ୍ୟନ୍ତ ଜରୁରୀ :- ଏହି ପୋଷକ ତତ୍ତ୍ୱର ଅଭାବ ହେଲେ ବଣିଷ ଦୃଷ୍ଟିହୀନତାର ଶିକାର ହୁଏ ଏହା ଫଳରେ ବ୍ୟକ୍ତିଙ୍କୁ ରାତିରେ କିଛି ଦୃଶ୍ୟ ହୋଇନଥାଏ ବା ଧୁଆଁ ଧୁଆଁ ଦେଖାଯାଏ । ଏହି ଖାଦ୍ୟରୁ ଭିଟାମିନ ଏ ମିଳିବ :- ଡାଏଟିସିଆନ ଡାକ୍ତର ଆୟୁଷୀ ଯାଦବଙ୍କ କହିବାନୁସାରେ, ଆମେ ଏପରି ଖାଦ୍ୟ ଖାଇବା ଉଚିତ ଯାହାଦ୍ୱାରା ଆମର ଦୈନନ୍ଦିନ ଆବଶ୍ୟକତା ଅନୁଯାୟୀ ଭିଟାମିନ ଏ ର ଆବଶ୍ୟକତା ପୂରଣ ହେବ ଆସନ୍ତୁ ଜାଣିବା ସେହି ଖାଦ୍ୟ ବିଷୟରେ ଯଥା : କମଳା ଏବଂ ହଳଦିଆ ପନିପରିବା, ଫୋର୍ଟିଫାଇଡ ଶସ୍ୟ, ସବୁଜ ପନିପରିବା, କୋଡ ଲିଭର ତେଲ, ଅଣ୍ଡା, କ୍ଷୀର, ଗାଜର, ପାଳଙ୍ଗ, କନ୍ଦମୂଳ, ଅମୃତଭଣ୍ଡା ଦହି, ସୋୟାବିନ ଖାଇବା ଉଚିତ୍।

## ହଜମ ସମସ୍ୟା ସହ ଓଜନ ହ୍ରାସ ପାଇଁ ବେଶ ଉପକାରୀ ହେଙ୍ଗୁ ପାଣି



ଭାରତୀୟ ରୋଷେଇ ଘରେ ହେଙ୍ଗୁକୁ ଏକ ମୂଲ୍ୟବାନ ଉପାଦାନ ଭାବରେ ବିବେଚନା କରାଯାଏ। ଏହା କେବଳ ମସଲାରେ ବ୍ୟବହୃତ ହୁଏ ନାହିଁ ଆୟୁର୍ବେଦରେ, ହେଙ୍ଗୁକୁ ଏକ ଔଷଧ ଭାବରେ ବିବେଚନା କରାଯାଏ। ଖାଲି ପେଟରେ ଚା କିମ୍ବା କଫି ବଦଳରେ 'ହେଙ୍ଗୁ ପାଣି' ସହିତ ଆପଣଙ୍କ ଦିନ ଆରମ୍ଭ କରିବା ଆପଣଙ୍କ ଶରୀର ପାଇଁ ଏକ ବରଦାନ ହୋଇପାରେ। ଆୟୁର୍ବେଦ ହେଙ୍ଗୁକୁ ଏହାର ପାଚନ ଏବଂ ଔଷଧୀୟ ଗୁଣ ପାଇଁ ସ୍ୱୀକୃତି ଦିଏ। ସକାଳେ ପ୍ରଥମେ ଏହି ଉଷୁମ ପାଣିରେ ମିଶ୍ରଣ କରି ସେବନ କରିବା ଶରୀରକୁ ଭିତରୁ ସଫା କରିବାରେ ସାହାଯ୍ୟ କରେ ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରେ। ଆସନ୍ତୁ ଆମେ ଖାଲି ପେଟରେ ହେଙ୍ଗୁ ପାଣି ପିଇବାର ଲାଭ ବିଷୟରେ ଜାଣିବା ।

ଆଜିର ସମୟରେ, ଖରାପ ଖାଦ୍ୟପେୟ ଅଭ୍ୟାସ ଯୋଗୁଁ ଗ୍ୟାସ୍, ଏସିଡିଟି ଏବଂ ପେଟ ଫୁଲିବା ଭଳି ସମସ୍ୟା ଅତ୍ୟନ୍ତ ସାଧାରଣ। ହେଙ୍ଗୁରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି ଯାହା ପାଚନ ଏନଜାଇମକୁ ସକ୍ରିୟ କରେ। ଖାଲି ପେଟରେ ଏହାକୁ ସେବନ କରିବା ଦ୍ୱାରା ପେଟ ଓଜନିଆ ହେବା ହ୍ରାସ ହୁଏ ଏବଂ ପାଚନ ଶକ୍ତି ଉନ୍ନତ ହୁଏ। ଯଦି ଆପଣ ଓଜନ ବୃଦ୍ଧି ସମସ୍ୟା ସହିତ ସଂଘର୍ଷ କରୁଛନ୍ତି, ତେବେ ହେଙ୍ଗୁ ପାଣି ଏକ ଉତ୍କୃଷ୍ଟ ଡିଟକ୍ସ ପାନୀୟ ପ୍ରମାଣିତ ହୋଇପାରେ। ଏହା ଶରୀରର ମେଟାବୋଲିଜିମ୍ ହାରକୁ ବୃଦ୍ଧି କରେ, ଯାହା ଦ୍ୱାରା କ୍ୟାଲୋରୀ ଦହନ ଦ୍ରୁତ ହୁଏ। ଏହା କ୍ଷତିକାରକ ବିଷାକ୍ତ ପଦାର୍ଥକୁ ମଧ୍ୟ ବାହାର କରିଦିଏ, ଯାହା ଦ୍ୱାରା ଚର୍ବି ଦହନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ହେଙ୍ଗୁରେ ଇନସୁଲିନ୍ କ୍ଷରଣକୁ ବଢାଇବା ଗୁଣ ଅଛି, ଯାହା ସନ୍ତୁଳିତ ରକ୍ତ ଶର୍କରା ସ୍ତର ବଜାୟ ରଖିବାରେ ସାହାଯ୍ୟ କରେ। ଏହା ସହିତ, ଏଥିରେ କୌମାରିନ ନାମକ ଏକ ତତ୍ତ୍ୱ ଥାଏ, ଯାହା ରକ୍ତକୁ ପତଳା କରିବାରେ ଏବଂ ରକ୍ତ ସଞ୍ଚାଳନକୁ ଉନ୍ନତ କରିବାରେ ସାହାଯ୍ୟ କରେ, ଯାହା ଦ୍ୱାରା ଉଚ୍ଚ ରକ୍ତଚାପରୁ ମୁକ୍ତି ମିଳିଥାଏ। କେବଳ ଗୋଟିଏରୁ ଦୁଇ ଚାମଚ ହେଙ୍ଗୁ ପାଉଡରକୁ ଏକ ଗ୍ଲାସ୍ ଉଷୁମ ପାଣିରେ ମିଶ୍ରଣ କରନ୍ତୁ। ଏହାକୁ ଭଲ ଭାବରେ ଗୋଳାନ୍ତୁ ଏବଂ ସକାଳେ ଦାନ୍ତ ଘଷିବା ପରେ ଖାଲି ପେଟରେ ଧୀରେ ଧୀରେ ପିଅନ୍ତୁ। ସ୍ୱାଦ ବୃଦ୍ଧି କରିବା ପାଇଁ ଆପଣ ଅଳ୍ପ ଲେମ୍ବୁ ରସ କିମ୍ବା କଳା ଲୁଣ ମଧ୍ୟ ମିଶାଇ ପାରିବେ।

## ଖାଲିପେଟରେ ଖାଇବେନି ଚା, ଦହି,ଟମାଟ, ପିଜୁଳି

ସୁସ୍ଥ ରହିବାକୁ ହେଲେ ଆମକୁ ଅନେକ ପ୍ରକାରର ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଉପଯୁକ୍ତ ଖାଦ୍ୟ, ବ୍ୟାୟାମ, ଭଲ ନିଦ ଏବଂ ଜଙ୍କଫୁଡ୍ ଠାରୁ ଦୂରରେ ରହିବା ବହୁତ ଭଲ। ଠିକ୍ ସମୟରେ ସଠିକ୍ ଖାଦ୍ୟ ଖାଇବା ମଧ୍ୟ ଜରୁରୀ ଅଟେ। ବିଶେଷକରି କିଛି ଖାଦ୍ୟପଦାର୍ଥ ରହିଛି ଯାହାକୁ ଆଦୌ ଖାଲି ପେଟରେ ଖାଇବା ଉଚିତ୍ ନୁହେଁ ବୋଲି ଆୟୁର୍ବେଦ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଜାଣନ୍ତୁ ଏ ସମ୍ପର୍କରେ :-

**ଚା କିମ୍ବା କଫି:**
ପ୍ରାୟତଃ ଲୋକମାନେ ଚା କିମ୍ବା କଫି ସହିତ ସକାଳ ଆରମ୍ଭ କରିବାକୁ ପସନ୍ଦ କରନ୍ତି। କିନ୍ତୁ ଖାଲି ପେଟରେ ଚା କିମ୍ବା ଖଫି ପିଇବା ଦ୍ୱାରା ଏସିଡିଟି ସମସ୍ୟା ଦେଖା ଦେଇଥାଏ। ତେଣୁ ଚା କିମ୍ବା କଫି ପିଇବା ସମୟରେ ସର୍ବଦା ରୁଟି ଏବଂ ବିସ୍କୁଟ ଖାଆନ୍ତୁ, ଏହା ଆପଣଙ୍କ ପେଟକୁ ଠିକ୍ ରଖିବ।

**ମସଲାଯୁକ୍ତ ଖାଦ୍ୟ:**
ଖାଲି ପେଟରେ ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟରେ ସମସ୍ୟା ହୋଇପାରେ। ଏଥିଯୋଗୁ ଅମ୍ଳତା କିମ୍ବା ଯନ୍ତ୍ରଣା ଆରମ୍ଭ ହୋଇଥାଏ। ମସଲାଯୁକ୍ତ ଖାଦ୍ୟର ପେଟରେ ଅଦୃଶ୍ୟତା ସମସ୍ୟା ସୃଷ୍ଟି କରିଥାଏ ।

**ଦହି:**
ଖାଲି ପେଟରେ ଦହି ଖାଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ। କାରଣ ଏହା ପ୍ରବଳ ଥଣ୍ଡା। ତେଣୁ ଖାଲି ପେଟରେ ଦହି ଖାଇବା ମନା।

**ଟମାଟୋ :**
ଟମାଟୋ ଗରମ ତେଣୁ ଗରମ ପାଗ କିମ୍ବା ଖାଲି ପେଟରେ ଟମାଟୋ ଖାଇବା ଦ୍ୱାରା ପେଟ ଏବଂ ଛାତିରେ ଜ୍ୱଳନ ହୋଇଥାଏ।

**ପିଜୁଳି:**
ପିଜୁଳି ପ୍ରାୟ ଲୋକ ଖାଇଥାନ୍ତି। ମାତ୍ର ଧ୍ୟାନ ରଖିବେ ଖାଲିପେଟରେ ପିଜୁଳି ଆଦୌ ଖାଇବା ଉଚିତ୍ ନୁହେଁ। କାରଣ ଏହାକୁ ଖାଲି ପେଟରେ ଖାଇଲେ ପେଟ ଦରଜ ହେବାର ଯଥେଷ୍ଟ ସମ୍ଭାବନା ଥାଏ।

## ଭାରତର ଏହି କୋଣରେ ଅଛି ଯମରାଜଙ୍କ ମନ୍ଦିର: ଯିବାକୁ ଡରନ୍ତି ଲୋକେ

ଭାରତରେ ଅନେକ ଆଶ୍ଚର୍ଯ୍ୟଜନକ ଜିନିଷ ରହିଛି। ଆମ ଦେଶର ହିମାଚଳ ପ୍ରଦେଶରେ ମୃତ୍ୟୁର ଦେବତା ଯମରାଜଙ୍କର ଏକ ଅନନ୍ୟ ମନ୍ଦିର ରହିଛି। ଯେଉଁ ମନ୍ଦିରକୁ ଯିବାକୁ ଲୋକମାନେ ଭୟ କରନ୍ତି। ନିକଟରେ ବିଜେପି ସାଂସଦ ପ୍ରାର୍ଥୀ ତଥା ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ଏହି ମନ୍ଦିରକୁ ଯାଇ ପୂଜା କରି ପ୍ରଣାମ କରିଥିଲେ। ଯମରାଜଙ୍କ ଏହି ମନ୍ଦିର ଅନେକ ରହସ୍ୟ ଘେରରେ ପରିପୂର୍ଣ୍ଣ। କୁହାଯାଏ ଯେ ମୃତ୍ୟୁ ପରେ ଆତ୍ମା ପ୍ରଥମେ ଏହି ମନ୍ଦିରକୁ ଆସେ।



ଏହି ମନ୍ଦିର ହିମାଚଳ ପ୍ରଦେଶର ଚାମ୍ବା ସହର ନିକଟସ୍ଥ ଏକ ଛୋଟ ସହର ଭରମୌରରେ ଅବସ୍ଥିତ। ଯେଉଁଠାରେ ସବୁବେଳେ ବରଫ ଆଚ୍ଛାଦିତ ହୋଇ ରହିଥାଏ। ଦେଖିବାକୁ ବହୁତ ଛୋଟ ଲାଗୁଥିଲେ ବି ମନ୍ଦିରର ମହାତ୍ମ୍ୟ ସାରା ବିଶ୍ୱରେ ବ୍ୟାପିଛି। ଏହି ମନ୍ଦିରକୁ ପ୍ରବେଶ କରିବାକୁ ଅଧିକାଂଶ ଲୋକେ ଭୟ କରନ୍ତି। ଉଚ୍ଚ ପାହାଡ ମଧ୍ୟରେ ଧର୍ମରାଜ ଯମରାଜଙ୍କ ଏହି ମନ୍ଦିର କେବେ, କିଏ ଏବଂ କିପରି ନିର୍ମାଣ କରିଥିଲା ତାହା ସ୍ପଷ୍ଟ ଭାବେ ଜଣାପଡିନାହିଁ। କିନ୍ତୁ ଇତିହାସ କହେ ଯେ ଚାମ୍ବା ରାଜା ଷଷ୍ଠ ଶତାବ୍ଦୀରେ ଏହି ମନ୍ଦିରର ନବୀକରଣ କରିଥିଲେ। ମନ୍ଦିର ପରିସରରେ ଧର୍ମେଶ୍ୱର ମହାଦେବ ମନ୍ଦିର ରହିଛି। ଯେଉଁଠାରେ ମୃତ୍ୟୁ ପରେ ଆତ୍ମା ଛିଡା ହୁଅନ୍ତି ବୋଲି କୁହାଯାଏ। ନିକଟରେ ଧର୍ମେଶ୍ୱର ମହାଦେବଙ୍କ ମନ୍ଦିର ଅଛି, ଯାହା ବିଭିନ୍ନ ଧାତୁରେ ନିର୍ମିତ ଚାରୋଟି ଅଦୃଶ୍ୟ କବାଟ ଦ୍ୱାରା ସୁରକ୍ଷିତ ବୋଲି କୁହାଯାଏ। ଆତ୍ମମାନଙ୍କୁ ସେମାନଙ୍କର କାର୍ଯ୍ୟ ଉପରେ ଆଧାର କରି ଏହି ଦ୍ୱାର ଗୁଡିକ ପ୍ରବେଶ କରାନ୍ତି ବୋଲି କୁହାଯାଏ।

ବିଶ୍ୱାସ ରହିଛି ଯେ ଏହି ମନ୍ଦିରଗୁଡିକର ନିର୍ମାଣ ପେଶା ଯାଇଥିବା ଡାଲି ଓ ଲହୁଣିରୁ ନିର୍ମିତ ହୋଇଛି। ନିକଟରେ ଥିବା ଏକ ବନ୍ଦ ଦ୍ୱାର ଗୁପ୍ତ ଗୁମ୍ଫା ଆଡକୁ ଯାଇଥିବା କୁହାଯାଏ। ଅତୀତରେ ଦାବି କରାଯାଉଥିଲା ଯେ ଏହି ଗୁମ୍ଫାକୁ ଯାଉଥିଲେ ସେ ଆଉ ଫେରିନଥିଲେ। ମନ୍ଦିର କର୍ତ୍ତୃପକ୍ଷ ବର୍ତ୍ତମାନ ପ୍ରବେଶ ଦ୍ୱାରକୁ ସବୁବେଳେ ବନ୍ଦ ରଖନ୍ତି। ମଧ୍ୟରାତ୍ରୀରେ ଏହି ମନ୍ଦିର ପରିସରରେ ରହସ୍ୟମୟ ଶବ୍ଦ ଶୁଭୁଥିବା ସ୍ଥାନୀୟ ଲୋକେ ଦାବି କରନ୍ତି।

## ବିଶ୍ୱର ସବୁଠୁ ଦାମୀ ନେଲ୍‌ପଲିସ୍‌ର ମୂଲ୍ୟ

ବ୍ଲାକ୍ ଡାଇମଣ୍ଡ ଭାବେ ସୁପରିଚିତ ବିଶ୍ୱର ସବୁଠୁ ବ୍ୟୟବହୁଳ ନେଲ୍ ପଲିସ୍‌ର ମୂଲ୍ୟ ୩ଟି ମର୍ସିଡିଜ୍ କାର୍‌ର ମୂଲ୍ୟଠାରୁ ଅଧିକ। ଅର୍ଥାତ୍ ୧ କୋଟି ଟଙ୍କାରୁ ବେଶୀ ବୋଲି ଡିଏନ୍ଏ ରିପୋର୍ଟରେ ଉଲ୍ଲେଖ ଅଛି । ଲସ୍ ଏଞ୍ଜେଲସ୍‌ର ଡିଜାଇନର୍ ଏଜେଚର୍ ପଗୋସିଆନ୍ ନାମରେ ଜଣେ ଡିଜାଇନର୍‌ଙ୍କଦ୍ୱାରା ପ୍ରସ୍ତୁତ ବିଶ୍ୱର ସବୁଠୁ ବ୍ୟୟବହୁଳ ବୋଲି କୁହାଯାଉଥିବା ଏହି ନେଲ୍ ପଲିସ୍‌ର ନାଁ ହେଉଛି ଏଜେଚର୍। ବିଳାସମୟ ସାମଗ୍ରୀ ପାଇଁ ପଗୋସିଆନ୍ ସମଗ୍ର ବିଶ୍ୱରେ ସୁପରିଚିତ।

ଏଜେଚର୍ କହନ୍ତି, କଳାହୀରା ହେଉଛି ସବୁଠୁ ସୁନ୍ଦର ରତ୍ନ। ଦିନେ ମୁଁ ଭାବିଲି, ଏହାକୁ ନଖରେ ପ୍ରଦର୍ଶନ କରା ନ ଯିବ କାହିଁକି? ତେଣୁ, ଏଥିପ୍ରତି ଧ୍ୟାନ ଦେଇ ମୁଁ ବ୍ଲାକ୍ ଡାଇମଣ୍ଡ ନେଲ୍ ପଲିସ ପ୍ରସ୍ତୁତ କଲି। ଏହା ଠିକ୍ ଗହଣା ପରି ଚମତ୍କାର। ଦୂରରୁ ଏହି ନେଲ୍ ପଲିସ୍ ସାଧାରଣ ନେଲ୍ ପଲିସ ପରି ଦେଖାଯାଉଥିଲେ ବି ପାଖକୁ ଆସି ଦେଖିଲେ ଜଣାପଡ଼ିବ ଏଥିର ଲୁଚି ରହିଛି ୨୬୭ କ୍ୟାରେଟ୍ କଳା ହୀରା। ଯାହାର ମୂଲ୍ୟ ୧,୬୩,୬୬,୦୦୦ ଟଙ୍କା ୧୪.୭ ମିଲିମିଟର୍ ବିଶିଷ୍ଟ। ଏହି ବିଳାସମୟ ନେଲ୍ ପଲିସ୍‌ରେ ମିଶିଛି ଖଣ୍ଡେ କଳାହୀରା। ଗୋଟିଏ ଶିଶି ନେଲ୍ ପଲିସ୍‌ର ମୂଲ୍ୟ ହେଉଛି ୧,୫୯,୮୩,୭୫୦ ଟଙ୍କା। ସୂଚନାଯୋଗ୍ୟ, ଏତିକି ଅର୍ଥ ବିନିମୟରେ ୩ଟି ମର୍ସିଡିଜ୍-ବେଞ୍ଜ୍ ଜିଏଲ୍ଏ କାର୍ କିଣାଯାଇ ପାରିବ। ଏହି କାର୍ ଗୋଟିକର ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା।

ପ୍ରାପ୍ତ ସୂଚନା ଅନୁସାରେ, ଏ ପର୍ଯ୍ୟନ୍ତ ମାତ୍ର ୨୫ଜଣ ଲୋକ ଏହି ବ୍ଲାକ୍ ଡାଇମଣ୍ଡ ବା କଳାହୀରା ମିଶ୍ରିତ ନେଲ୍ ପଲିସ୍ କିଣିଛନ୍ତି।

## ମୌସୁମୀ ରତ୍ତୁରେ ଡାଳିମ୍ବ ଦୂର କରେ ରକ୍ତହୀନତା

ଅନେକ ଲୋକ ଜୁସ୍ ଦୋକାନକୁ ଗଲେ ମିକ୍ସ ଜୁସ୍ ପିଇବାକୁ ପସନ୍ଦ କରିଥାନ୍ତି। ଆମକୁ ଏପରି ଲାଗିଥାଏ ଯେ ମିକ୍ସ ଜୁସ୍‌ରେ ସବୁ ପ୍ରକାର ଫଳ ମିଶୁଥିବାରୁ ବିଭିନ୍ନ ଭିଟାମିନ୍ ମିଳିଥାଏ।ମାତ୍ର ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ମିକ୍ସ ଜୁସ୍ ଅପେକ୍ଷା କୌଣସି ଗୋଟାଏ ଫଳର ଜୁସ୍ ପିଇବା ଆପଣଙ୍କ ପାଇଁ ବେଶି ଲାଭପ୍ରଦ ପ୍ରମାଣିତ ହୋଇପାରେ। ତେବେ ଚାଲନ୍ତୁ ଜାଣିବା କେଉଁ ଜୁସ୍ ପିଇଲେ କେଉଁ ସବୁ ଲାଭ ମିଳେ। **ସେଓ ରସ:** ଆପଣ ତ ଏକଥା ନିଶ୍ଚୟ ଜାଣିଥିବେ ଯେ ଦୈନିକ ଗୋଟାଏ ସେଓ ଖାଇବା ଦ୍ୱାରା ଡାକ୍ତରଙ୍କ ଠାରୁ ଦୂରେଇ ରହି ହେବ ବୋଲି ଏକ କଥା ରହିଛି। ତେଣୁ ଆପଣ ଯଦି ସେଓ ରସ ପିଇଲେ ତେବେ ନିରୋଗ ରହିବେ।ଏଥିରେ ସନ୍ଦେହ ନାହିଁ। ଏହାଛଡ଼ା ଆପଣ ଏଥିରେ କ୍ଷୀର ମିଶାଇ ଆପେଲ୍ ସେକ୍ ମଧ୍ୟ କରିପାରନ୍ତି। **ମୌସୁମି ରସ:** ମୌସୁମି ଜୁସ୍ ପିଇଲେ ଚେହେରାରେ ବୟସ୍କପଣ ସହଜରେ ଦିଶେନାହିଁ। ଡାଏଟ୍ ଥିବା ଲୋକମାନେ ବିଶେଷ କରି ମୌସୁମି ଜୁସ୍ ପିଇଥାନ୍ତି। ଏହା ଦ୍ୱାରା କେଶ ଝଡ଼ିବା ସମସ୍ୟା ବି ଦୂର ହୋଇଥାଏ। **ଡାଳିମ୍ବ ରସ:** ଯଦି ଆପଣ କୌଣସି ପ୍ରକାରର ରକ୍ତହୀନତା ରୋଗର ଶିକାର ହୋଇଛନ୍ତି ତେବେ ଆପଣଙ୍କ ପାଇଁ ଡାଳିମ୍ବ ରସ ଭଲ। ଦୈନିକ ଗୋଟିଏ ଗ୍ଲାସ ଡାଳିମ୍ବ ରସ ପିଇବା ଦ୍ୱାରା ଆପଣ ନିଜର ସମସ୍ୟା ଦୂରେଇ ଦେଇପାରିବେ। **ସପୁରୀ ରସ:** ସପୁରୀ ରସ ଆଖି ଓ ପୂରା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହୋଇଥାଏ। ଆପଣ ଏହି ଜୁସ୍ ପିଇଲେ ହଜମ ଭଲ ହେବା ଦ୍ୱାରା ଶରୀରକୁ ପ୍ରଚୁର ପରିମାଣର ଭିଟାମିନ୍ ସି ମିଳିଥାଏ।



## ଅମୃତଭଣ୍ଡା ଖାଇଲେ ହୋଇଥାଏ ଭଲ ନିଦ, ରହିନଥାଏ କୌଣସି ମାନସିକ ସମସ୍ୟା

କୋଲାଇନ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ଯାହା ଅମୃତଭଣ୍ଡାରେ ମିଳିଥାଏ । ଯଦିଓ ଏହା ଶରୀର ଭିତରେ ମଧ୍ୟ ଉତ୍ପନ୍ନ ହୁଏ, କିନ୍ତୁ ତୁମେ ଏହା ସହ ଜଡିତ ଜିନିଷ ଖାଇବା ଉଚିତ । ଯାହା ଦ୍ୱାରା ଶରୀରରେ ଏହାର ଅଭାବ ହୋଇନଥାଏ । ଅନେକ ଥର ଲୋକମାନେ ଆବଶ୍ୟକ ଅନୁଯାୟୀ କୋଲାଇନ ଗ୍ରହଣ କରିବାରେ ସକ୍ଷମ ହୁଅନ୍ତି ନାହିଁ। ତେବେ ଆସନ୍ତୁ ଜାଣିବା ଏହି ଜିନିଷ ଆମ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ଏବଂ ଆମେ ଏହାକୁ କିପରି ହାସଲ କରିପାରିବା।

କୋଲାଇନ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ଶରୀରର ସାଧାରଣ କାର୍ଯ୍ୟ ପାଇଁ କୋଲାଇନ ଆବଶ୍ୟକ, ଏହା ଆପଣଙ୍କ ଯକୃତରୁ ଅଳ୍ପ ପରିମାଣରେ ମଧ୍ୟ ମୁକ୍ତ ହୋଇଥାଏ । ଏହା ସ୍ନାୟୁ ପ୍ରଣାଳୀ, ମେଟାବୋଲିଜିମ୍, ମସ୍ତିଷ୍କ ବିକାଶ ଏବଂ ମାଂସପେଶୀ ଗତି ପାଇଁ ଗୁରୁତ୍ୱପୂର୍ଣ୍ଣ । କୋଲାଇନ ଆପଣଙ୍କୁ ଭଲ ନିଦ ଦେଇଥାଏ। ଶୋଇବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଶୋଇବା ସମୟରେ ଶରୀର ନିଜକୁ ସଜାଡ଼ିଥାଏ, ଏବଂ ମସ୍ତିଷ୍କ ସ୍ମୃତିର ପ୍ରକ୍ରିୟା ଏବଂ ସଂରକ୍ଷଣ ପାଇଁ କାର୍ଯ୍ୟ କରେ । ନିଦ୍ରାର ଅଭାବ କିମ୍ବା ନିଦ୍ରାର ଗୁଣବତ୍ତା ଅନେକ ସମସ୍ୟା ସୃଷ୍ଟି କରିପାରେ, ଯେପରିକି ଲଘୁଚାପ, ଥକାପଣ, ଉତ୍ତେଜନା, କରୋନା ରୋଗ, ହୃଦରୋଗ ଆଶଙ୍କା ବଢିଯାଏ।

**ଶୋଇବା ପାଇଁ କୋଲାଇନ ଯୁକ୍ତ ଖାଦ୍ୟ ଖାଆନ୍ତୁ**

୧.ପାଚିଲା ଅମୃତଭଣ୍ଡା: ଏହା ଏକ ଅତି ସାଧାରଣ ଫଳ ଯାହା ସାଧାରଣତ ଭଲ ହଜମ ପାଇଁ ଆଯାଏ, ଯେଉଁ କାରଣରୁ ପେଟରେ କୌଣସି ସମସ୍ୟା ନଥାଏ ଏହି ଫଳ ଖାଇବା ଦ୍ୱାରା ଶରୀର କୋଲାଇନ ପାଇଥାଏ, ଯାହା ସାହାଯ୍ୟରେ ଆପଣ ଶାନ୍ତିପୂର୍ଣ୍ଣ ନିଦ ପାଇପାରିବେ।

୨. ଅଣ୍ଡା: ଅଣ୍ଡାକୁ କୋଲାଇନ୍‌ର ଏକ ସମୃଦ୍ଧ ଉତ୍ସ ଭାବରେ ବିବେଚନା କରାଯାଏ, ବିଶେଷତ ଯଦି ଆପଣ ହଳଦିଆ ହଳଦିଆ ଖାଆନ୍ତି, ତେବେ ଆପଣ ଏହି ପୁଷ୍ଟିକର ଖାଦ୍ୟର ଅଭାବ ପାଇବେ ନାହିଁ ଏବଂ ଆପଣଙ୍କ ନିଦ ମଧ୍ୟ ଭଲ ରହିବ । ଗୋଟିଏ ବଡ ଅଣ୍ଡାରେ ପ୍ରାୟ ୧୪୭ ମିଗ୍ରା କୋଲାଇନ ଥାଏ।

୩. ଚିକେନ୍: ଚିକେନ ସାଧାରଣତ ପ୍ରୋଟିନ ପାଇବା ପାଇଁ ଶରୀରକୁ ମଜବୁତ କରିଥାଏ, କିନ୍ତୁ ଯଦି ଆପଣ ଏହାକୁ ନିୟମିତ ପରିମାଣରେ ଖାଆନ୍ତି, ତେବେ ଆପଣ କୋଲାଇନ ପାଇବେ ୧୦୦ ଗ୍ରାମ। ରନ୍ଧା ଚିକେନ୍‌ରେ ପ୍ରାୟ ୭୩ ମିଗ୍ରା କୋଲିନ ଥାଏ।

## କ୍ୟାପ୍‌ସିକମ୍ ଓ ସିମ୍‌ଲା ଲଙ୍କା ସ୍ୱାସ୍ଥ୍ୟ ପାଇଁ ଭଲ

ଓଜନ ବୃଦ୍ଧି ଆଜିକାଲି ଏକ ସାଧାରଣ ସମସ୍ୟା । ଅଧିକାଂଶ ଲୋକ ଖାଦ୍ୟକୁ ନିୟନ୍ତ୍ରଣ କରି ନିଜ ଓଜନକୁ ଆୟତ୍ତରେ ରଖିଥାନ୍ତି । କିନ୍ତୁ କିଛି ଲୋକ ଖାଦ୍ୟ ନିୟନ୍ତ୍ରଣ ନକରି କେବଳ ବିକଳ୍ପ ଖାଦ୍ୟ ଖୋଜିଥାନ୍ତି ତାହା ବି କିଛି ମାତ୍ରାରେ ଫଳପ୍ରଦ ହୋଇଥାଏ।



ଆପଣ ତ ଜାଣନ୍ତି ଯେ କ୍ୟାପସିକମ୍ ଓ ସିମ୍‌ଲା ଲଙ୍କା ଗୋଟାଏ ଗୋଟାଏ ଲୋକପ୍ରିୟ ପରିବା, ଯାହା ଓଜନ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସବୁଜ, ନାଲି ଏବଂ ହଳଦିଆ ଆଦି ଅନେକ ରଙ୍ଗରେ କ୍ୟାପସିକମ ଉପଲବ୍ଧ। ଏଥିରେ ସମସ୍ତ ପ୍ରକାରର ଭିଟାମିନ ଏବଂ ମିନେରାଲ୍ସ ଭରପୂର ପରିମାଣର ଅଛି। ଯେଉଁମାନଙ୍କର ପେଟ ବଢୁଛି, ସେମାନେ ଏହାକୁ ଖାଇ ଓଜନ ହ୍ରାସ କରିପାରିବେ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ମେଟାବୋଲିକ ସ୍ୱାସ୍ଥ୍ୟ ପାଇଁ କ୍ୟାପସିକମ ଓ ସିମ୍‌ଲା ଲଙ୍କା ଖାଇବା ଭଲ। ବିଶେଷକରି ଯେଉଁମାନଙ୍କ ଓଜନ ବୃଦ୍ଧି ପାଉଛି ସେମାନଙ୍କ ପାଇଁ ଏହି ଦୁଇ ପରିବା ଖୁବ ଉପକାରୀ।

ଓଜନ ହ୍ରାସ କରିବାକୁ ଦିନସାରା କ୍ୟାଲୋରି ହ୍ରାସ କରିବାକୁ ପଡ଼େ। ଯେଉଁଥିପାଇଁ ଏପରି ଖାଦ୍ୟ ଖାଇବା ଉଚିତ। ଯେଉଁଥିରେ ଅଧିକ କ୍ୟାଲୋରି ନାହିଁ । କ୍ୟାପ୍ସିକମ ଓ ସିମ୍‌ଲା ଲଙ୍କାରେ ଖୁବ କମ୍ କ୍ୟାଲୋରି ଥାଏ, ଏହା ଓଜନ ହ୍ରାସ ପାଇଁ ଉତ୍କୃଷ୍ଟ ବିକଳ୍ପ। ଏହାକୁ ଖାଇବା ଦ୍ୱାରା କ୍ୟାଲୋରି ବୃଦ୍ଧିରୁ ମୁକ୍ତିମିଳିଥାଏ। କ୍ୟାପ୍‌ସିକମ୍ ଓ ସିମ୍‌ଲା ଲଙ୍କା ପୁଷ୍ଟିକର ଫାଇବରରେ ଭରପୂର। ଏହା ଉତ୍ତମ ହଜମ କରିଥାଏ ଏବଂ ପେଟକୁ ଭଲ ରଖେ। ଏହି ଦୁଇ ଖାଦ୍ୟକୁ ଖାଇଲେ ଅତିରିକ୍ତ ଚର୍ବି ଶୀଘ୍ର କ୍ଷୟ ହୋଇଥାଏ। ସେଥିପାଇଁ ଏହି ପନିପରିବା ଓଜନ ହ୍ରାସ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହୋଇପାର।

## ମାତ୍ରାଧିକ କେଶ ଝଡୁଥିଲେ ଖାଆନ୍ତୁ ଏହି ସବୁ ଖାଦ୍ୟ

ଆଜିକାଲି କେଶ ଝଡ଼ିବା ସମସ୍ୟା ପ୍ରାୟ ସମସ୍ତଙ୍କର କେଶ ଝଡ଼ିବାର ଅନେକ କାରଣ ଥାଏ। ଅତ୍ୟଧିକ ପ୍ରଦୂଷଣ, ହର୍ମୋନ୍ ପରିବର୍ତ୍ତନ, କିମ୍ବା ଭିଟାମିନ୍ ଅଭାବରୁ କେଶ ଝଡ଼ିଥାଏ। ଶରୀରର ଆଉ କିଛି ସମସ୍ୟା ହେଲେ ଯେତିକି ଚିନ୍ତା ହୋଇନଥାଏ କେଶ ଝଡ଼ିଥିଲେ କିନ୍ତୁ ଗଭୀର ମାତ୍ରାରେ ଦୁଃଖ ଲାଗିଥାଏ। କିପରି ଭାବେ ଏହି ସମସ୍ୟାକୁ ରୋକାଯାଇ ପାରିବ ସେ ବିଷୟରେ ଚିନ୍ତା କରି କରି ବେଳ ସରିଯାଏ। କେଶ ଝଡ଼ିବା ଦୁଃଖରେ ଆସି ଆମେ ଅନେକ ପ୍ରକାରର ଜିନିଷ କେଶରେ ପ୍ରୟୋଗ କରିଥାଉ ମାତ୍ର ମନେ ରଖନ୍ତୁ କେଶ ଝଡ଼ିବା ସମସ୍ୟା ଉପରୁ ନୁହେଁ; ବରଂ ଭିତରୁ ହୋଇଥାଏ। ପ୍ରୋଟିନ୍‌ର ଅଭାବରେ ହିଁ କେଶ ଝଡ଼ିଥାଏ। ତେବେ ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ। ମାତ୍ର ଏପରି କିଛି ଖାଦ୍ୟ ଅଛି, ଯାହାକୁ ଦୈନିକ ଖାଇବା ଦ୍ୱାରା କେଶ ଝଡ଼ିବା ସମସ୍ୟାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରେ। ଦିନକୁ ଅତି କମ୍‌ରେ ଗୋଟିଏ ପାଚିଲା କଦଳୀ ଖାଆନ୍ତୁ କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି ।

# ଚାମ୍ପିଅନ ସ୍ପେନ୍ ଦଳକୁ ଭବ୍ୟ ସ୍ୱାଗତ

**ମାଡ୍ରିଡ୍**

ସ୍ପେନ୍‌ର ବିଶ୍ୱ ଚାମ୍ପିଅନ ଫୁଟବଲ ଦଳ ମଙ୍ଗଳବାର ସ୍ୱଦେଶ ଫେରିଛି। ଦଳକୁ ସ୍ୱାଗତ କରିବା ପାଇଁ ପାଖାପାଖି ୨୦ ଲକ୍ଷ ପ୍ରଶଂସକ ମାଡ୍ରିଡ୍ ରାସ୍ତାରେ ଏକତ୍ରିତ ହୋଇଥିଲେ। ଦଳର ୨୬ ଖେଳାଳି ଓ କୋଚିଂ ଷ୍ଟାଫ୍ ରାଜଧାନୀରେ ପହଞ୍ଚିବା ପରେ ଦେଶର ରାଜ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଏହାପରେ ସେମାନେ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜଙ୍କୁ ଭେଟିଥିଲେ। ପରେ ଦଳକୁ ଏକ ଖୋଲା ବସରେ ପ୍ରଶଂସକଙ୍କ ମଧ୍ୟରେ ସେଣ୍ଟ୍ରାଲ ମାଡ୍ରିଡ୍ ନିଆଯାଇଥିଲା।

ଉକ୍ତ ବସ୍‌ରେ ଫୁଟବଲରଙ୍କ ଫଟୋ ସହିତ 'ଷ୍ଟାର୍ସ ଶାଇନ ଟୁଗେଦର' ଉଲ୍ଲେଖ ଥିଲା। ସେହିଭଳି ଖେଳାଳିଙ୍କ ଶାର୍ଟରେ ସୋମସ କାମ୍ପେଓ୍ୱାନ୍ସ (ଆମେ ଚାମ୍ପିୟନ) ଉଲ୍ଲେଖ ରହିଥିଲା। ବିଶ୍ୱକପ୍ ଟ୍ରଫି ଧରିଥିବା ଖେଳାଳିମାନେ ପ୍ରଶଂସକଙ୍କ ସହ ଫଟୋ ଉଠାଇବା ସହ ଡ୍ୟାନ୍ସ କରିଥିଲେ। ଏହାପରେ ଦଳକୁ ପ୍ରଧାନମନ୍ତ୍ରୀଙ୍କ ବାସଭବନ ମନକ୍ଲୋଆ ପାଲେସଠାରୁ ସିବେଲେସ ସ୍କୋୟାର ନିଆଯାଇ ଥିଲା, ସେଠାରେ ବିଜୟ ଉତ୍ସବ ପାଇଁ ୧,୨୦,୦୦୦ ପ୍ରଶଂସକ ଏକତ୍ରିତ ହୋଇଥିଲେ। ଏହା ରିୟଲ ମାଡ୍ରିଡ୍ ପାଇଁ ପାରମ୍ପରିକ ଉତ୍ସବ ସ୍ଥଳ। ସେଠାରେ ପ୍ରସ୍ତୁତ ମଞ୍ଚରେ ପ୍ରତି ଖେଳାଳି ସେମାନେ ବାଛିଥିବା ଗୀତରେ ଏଣ୍ଟ୍ରି କରିଥିଲେ। ୨୫ତମ ଜନ୍ମଦିନ ପାଳନ କରୁଥିବା ଆଲେକ୍ସ ବାଏନା ବିଶ୍ୱକପ୍ ଟ୍ରଫି ସହ ମଞ୍ଚରେ ପ୍ରବେଶ କରିଥିଲେ। ଖେଳାଳିଙ୍କ ସହ ଗାୟକ ଆଇଟାନା, ଆନା ମେନା ଓ ଲୋଲା ଇଣ୍ଡିଗୋ ପ୍ରଶଂସକଙ୍କୁ ଏଣ୍ଟରଟେନ କରିଥିଲେ। ଶେଷରେ ସମ୍ପୂର୍ଣ୍ଣ ସ୍ପେନ ଦଳ ଟ୍ରଫି ଉଠାଇ କାର୍ଯ୍ୟକ୍ରମ ଶେଷ କରିଥିଲେ।


ଓଡ଼ିଶା ସରକାର  24001/308/2627

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଘୋଷଣା**

**No RDM-LAA-MBJ-0011-2024-17730    R&DM, Dated: 14.05.2025**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ତେନ୍ତୁଳିଗାଁ, ଥାନା- ବୈଶିଙ୍ଗା, ନଂ ୨୨୨, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ତେନ୍ତୁଳିଗାଁ ସବ୍‌ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା. ୩୩୮୨୫/ ତା.୦୧.୧୦.୨୦୨୪ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ ତେନ୍ତୁଳିଗାଁ, ଥାନା- ବୈଶିଙ୍ଗା, ନଂ ୨୨୨, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥାଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥାଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- ମୟୂରଭଞ୍ଜ    ତହସିଲ- ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ୍ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତେନ୍ତୁଳିଗାଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୪.୨୬ | ଏକର ୨.୫୫ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- ମୟୂରଭଞ୍ଜ    ତହସିଲ- ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ୍ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୭.୧୧.୨୦୨୪

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା-୧୦୨/୨୦୨୩

ଏ. ୨.୫୫ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ତେନ୍ତୁଳିଗାଁ ସବ୍-ମାଇନର ନିମନ୍ତେ ମୌଜା- ତେନ୍ତୁଳିଗାଁ, ଥାନା- ବୈଶିଙ୍ଗା, ନଂ-୨୨୨, ତହସିଲ- ବେତନଟୀ, ଜିଲ୍ଲା : ମୟୂରଭଞ୍ଜ**

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 3 | 333 | 0.74 | 0.07 | ଶାରଦ ଅଣଜଳସେଚିତ ଦୁଇ | ଅଚ୍ୟୁତାନନ୍ଦ ମନ୍ତ୍ରୀ ପି:ଫକିର ମନ୍ତ୍ରୀ ଜା: ଖଣ୍ଡାୟତ ବା: ନିଜଗାଁ |
| | 461 | 0.95 | 0.06 | ଶାରଦ ଅଣଜଳସେଚିତ ଦୁଇ | |
| | 297 | 0.50 | 0.12 | ଶାରଦ ଅଣଜଳସେଚିତ ତିନି | |
| | 296 | 0.48 | 0.12 | ଶାରଦ ଅଣଜଳସେଚିତ ତିନି | |
| 24 | 341 | 0.36 | 0.08 | ଶାରଦ ଅଣଜଳସେଚିତ ଦୁଇ | କମଳ ଲୋଚନ ପ୍ରଧାନ ପି:କୈଳାସ ଚନ୍ଦ୍ର ପ୍ରଧାନ ଜା: ଖଣ୍ଡାୟତ ବା: ନିଜଗାଁ |
| 28 | 337 | 0.51 | 0.10 | ଶାରଦ ଅଣଜଳସେଚିତ ତିନି | କାହ୍ନୁ ସରେନ୍ ପି:ସୁରେନ୍ଦ୍ର ସରେନ୍ ଜା: ସାନ୍ତାଳ ବା: ମଧୁଖୁଣ୍ଟା |
| 32 | 463 | 1.64 | 0.20 | ଶାରଦ ଅଣଜଳସେଚିତ ଦୁଇ | ଖଗେଶ୍ୱର ପଣ୍ଡା,ଶୁଶିଲ କୁମାର ପଣ୍ଡା, ବସନ୍ତ କୁମାର ପଣ୍ଡା,ହେମନ୍ତ କୁମାର ପଣ୍ଡା ପି: ପୁରୁଷୋତ୍ତମ ପଣ୍ଡା ଜା: ବ୍ରାହ୍ମଣ ବା:ନିଜଗାଁ |
| 46 | 338 | 0.91 | 0.10 | ଶାରଦ ଅଣଜଳସେଚିତ ତିନି | ଚାନ୍ଦନୀ ଦଲାଇ ସ୍ୱା:ରମାନାଥ ଦଲାଇ ଜା: ଖଣ୍ଡାୟତ ବା: ନିଜଗାଁ |
| 71 | 336 | 0.67 | 0.09 | ଶାରଦ ଅଣଜଳସେଚିତ ଏକ | ନବିନ ଚନ୍ଦ୍ର ମହାନ୍ତ ପି:ଦୁର୍ଲଭ ମହାନ୍ତ ଜା: କୁଡୁମି ବା: ମଧୁଖୁଣ୍ଟା |
| 103 | 342 | 0.28 | 0.06 | ଶାରଦ ଅଣଜଳସେଚିତ ଦୁଇ | ବସୁମତୀ ଦାସ ସ୍ୱା:ଅର୍ଦ୍ଧେନ୍ଦୁ ଶେଖର ଓଝା ଜା: ବୈଶ୍ୟ ବା: ଅଁଳା |
| 139 | 334 | 0.53 | 0.06 | ଶାରଦ ଅଣଜଳସେଚିତ ଦୁଇ | ରତିକାନ୍ତ ପଣ୍ଡା, ପି. ଅନ୍ତର୍ଯ୍ୟାମି ପଣ୍ଡା, ଜା. ବ୍ରାହ୍ମଣ, ବା. ନିଜ ଗାଁ |
| 163 | 285 | 0.13 | 0.01 | ଶାରଦ ଅଣଜଳସେଚିତ ତିନି | ସନାତନ ନାୟକ ପି:ଦାମୋଦର ନାୟକ ଜା: ଖଣ୍ଡାୟତ ବା: ବଇଁଚାନୂଆଗାଁ, ଥାନା ରାସଗୋବିନ୍ଦପୁର |
| 200/19 | 451 | 0.85 | 0.15 | ଶାରଦ ଅଣଜଳସେଚିତ ଦୁଇ | ମନୋରଞ୍ଜନ ପାତ୍ର ପି:ରାମଚନ୍ଦ୍ର ପାତ୍ର ଜା: ଖଣ୍ଡାୟତ ବା: କମାରଡିହା,ଥା.ରାସଗୋବିନ୍ଦପୁର |
| 200/34 | 335 | 0.99 | 0.10 | ଶାରଦ ଅଣଜଳସେଚିତ ଏକ | ରତିକାନ୍ତ ରାଉତ ପି:ବିଷ୍ଣୁ ରାଉତ ଜା: ଖଣ୍ଡାୟତ ବା: ନିଜଗାଁ |
| 200/53 | 516/838 | 0.69 | 0.08 | ଶାରଦ ଅଣଜଳସେଚିତ ଦୁଇ | ସୁରେଶ ମହାନ୍ତ ପି:କାଳିଚରଣ ମହାନ୍ତ ଜା: କୁଡୁମି ବା: ତୋଟାପଡା,ଥା.ରାସଗୋବିନ୍ଦପୁର |
| 200/57 | 516/841 | 1.46 | 0.52 | ଶାରଦ ଅଣଜଳସେଚିତ ଦୁଇ | ଶରତ ଚନ୍ଦ୍ର ପ୍ରଧାନ ପି:ନଟବର ପ୍ରଧାନ ଜା: ଖଣ୍ଡାୟତ ବା: ଅଁଳା |
| 200/62 | 261 | 0.20 | 0.01 | ଶାରଦ ଅଣଜଳସେଚିତ ଦୁଇ | ମଞ୍ଜୁଦୋରୀ ମହାନ୍ତ ସ୍ୱା:ନିରଞ୍ଜନ ମହାନ୍ତ ଜା: କୁଡୁମି ବା: ମଧୁଖୁଣ୍ଟା |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| 73 | 646 | 1.05 | 0.35 | ଶାରଦ ଅଣଜଳସେଚିତ ଦୁଇ | ନରେନ୍ଦ୍ର ମୋହନ ପାଢ଼ୀ ପି:ଦୁର୍ଗାଚରଣ ପାଢ଼ୀ ଜା: ବ୍ରାହ୍ମଣ ବା: ନିଜଗାଁ |
| 196 | 648 | 1.32 | 0.27 | ଶାରଦ ଅଣଜଳସେଚିତ ଦୁଇ | ହରିଶ୍ଚନ୍ଦ୍ର ନାୟକ, ସ୍ୱର୍ଣ୍ଣଲତା ନାୟକ, ଜସ୍ମିତା ନାୟକ, ଅନ୍ନପୂର୍ଣ୍ଣା ନାୟକ ପି: ଜନାର୍ଦ୍ଦନ ନାୟକ, ପଦ୍ମାବତୀ ନାୟକ ସ୍ୱା: ଜନାର୍ଦ୍ଦନ ନାୟକ ଜା: ଖଣ୍ଡାୟତ ବା: ନିଜଗାଁ |
| ମୋଟ | ୧୯ ପ୍ଲଟକୁ | ଏ. ୧୪.୨୬ ଡେ.ମି. | ଏ. ୨.୫୫ ଡେ.ମି. | | |

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0083


# ହକି ବିଶ୍ୱକପ୍ ୨୦୨୬ ପାଇଁ ଭାରତୀୟ ଦଳ ଘୋଷଣା : ଓଡ଼ିଶାର ୨ ଷ୍ଟାର୍ ଖେଳାଳି ସାମିଲ

**ନୂଆଦିଲ୍ଲୀ**




ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ବେଲଜିୟମ୍ ଓ ନେଦରଲାଣ୍ଡ୍‌ସରେ ଖେଳାଯିବାକୁ ଥିବା ହକି ବିଶ୍ୱକପ୍ ପାଇଁ ହକି ଇଣ୍ଡିଆ ମଙ୍ଗଳବାର ଦଳ ଘୋଷଣା କରିଛି। ଅଭିଜ୍ଞ ଡିଫେଣ୍ଡର ତଥା ଡ୍ରାଗ୍ ଫ୍ଲିକର ହର୍ମନପ୍ରୀତ୍ ସିଂହ ଦଳର ନେତୃତ୍ୱ ନେବେ। ଘୋଷିତ ୨୦ ଜଣିଆ ଦଳରେ ଦୁଇ ଓଡ଼ିଆ ପୁଅ ଅମିତ ରୋହିଦାସ ଏବଂ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଭାରତୀୟ ହକି ନୂଆ ଅଧ୍ୟାୟ ଲେଖିବ ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲ୍‌ଟନ୍ ଆତ୍ମବିଶ୍ୱାସର ସହ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ପୁଲ୍ 'ଡି'ରେ ସ୍ଥାନ ପାଇଥିବାବେଳେ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ୱେଲ୍ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ହର୍ମନପ୍ରୀତ୍‌ଙ୍କ ଦଳରେ ଭେଟେରାନ୍ ମିଡ୍‌ଫିଲ୍ଡର ତଥା ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ କରିଥିବା ମନପ୍ରୀତ୍ ସିଂହଙ୍କ ଅଭିଜ୍ଞତା ସହିତ ଏକାଧିକ ଯୁବ ଖେଳାଳିଙ୍କ ଉପସ୍ଥିତି ମଧ୍ୟ ରହିଛି। କେବଳ ଖ୍ୟାତି ଅନୁସାରେ ନୁହେଁ ପ୍ରଦର୍ଶନ ଆଧାରରେ ଏକ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ଦଳରେ ନିଆଯାଇଛି ବୋଲି ପ୍ରଶିକ୍ଷକ ଫୁଲ୍‌ଟନ୍ ପ୍ରକାଶ କରିଛନ୍ତି।

ଗୋଲକିପିଂ ଦାୟିତ୍ୱ ମୋହିତ ଏଚ୍‌ଏସ ଏବଂ ସୂରଜ କରକେରାଙ୍କ ଉପରେ ରହିଛି। ରକ୍ଷଣଭାଗ ସମ୍ଭାଳିବେ ଜର୍ମାନପ୍ରୀତସିଂହ, ହର୍ମନପ୍ରୀତ୍ ସିଂହ, ଅମିତ ରୋହିଦାସ, ଯୁଗରାଜ ସିଂହ, ସଂଜୟ, ସୁମିତ ଓ ଯାଶଦୀପ ସିୱାଚ୍। ସେହିଭଳି ଦଳର ମଧ୍ୟଭାଗ ଦାୟିତ୍ୱ ତୁଲାଇବେ ମନପ୍ରୀତ୍ ସିଂହ, ହାର୍ଦ୍ଦିକ ସିଂହ, ବିବେକ ସାଗର ପ୍ରସାଦଙ୍କ ସହିତ ନୀଳକାନ୍ତ ଶର୍ମା ଏବଂ ଦୁଇ ଯୁବ ତାରକା ରାଜିନ୍ଦର ସିଂହ, ଆଦିତ୍ୟ ଆର୍ଜୁନ ଲାଲାଗେ। ଦଳର ଆକ୍ରମଣ ଦାୟିତ୍ୱ ତଥା ଫରୱାର୍ଡ ଭାବେ ଖେଳିବେ ମନଦୀପ୍ ସିଂହ, ଦିଲପ୍ରୀତ୍ ସିଂହ, ଅଭିଷେକ, ସୁଖଜିତ୍ ସିଂହ ଓ ଶିଳାନନ୍ଦ ଲାକ୍ରା।

ପୁଲ୍ 'ଡି'ରେ ଭାରତ ସହିତ ୱେଲ୍ସ, ପାକିସ୍ତାନ ଓ ଇଂଲଣ୍ଡ ରହିଛନ୍ତି। ନେଦରଲାଣ୍ଡ୍ ?ସର ଆମଷ୍ଟଲଭିନଠାରେ ଭାରତ ନିଜ ସମସ୍ତ ପୁଲ୍ ମ୍ୟାଚ୍ ଖେଳିବ। ଜୁଲାଇ ୧୫ରେ ୱେଲ୍ସ, ୧୭ରେ ଇଂଲଣ୍ଡ ଏବଂ ୧୯ ତାରିଖରେ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବ ହର୍ମନପ୍ରୀତ୍‌ଙ୍କ ଦଳ। ଭାରତ ପୁରୁଷ ହକି ବିଶ୍ୱକପ୍‌ର ପ୍ରଥମ ୩ ସଂସ୍କରଣରେ ପଦକ ଜିତିବା ପରଠାରୁ ୫୧ ବର୍ଷ ହେଲାଣି ସଂଘର୍ଷ କରି ଆସୁଛି। ଏହି ଅଲୋଡ଼ା ଧାରାକୁ ପରିବର୍ତ୍ତନ କରିବାକୁ ହର୍ମନପ୍ରୀତ୍ ଓ ଫୁଲଟନ୍ ଆଶାବାଦୀ ଅଛନ୍ତି। ସୂଚନାଯୋଗ୍ୟ, ଭାରତ ୧୯୭୧ରେ କାଂସ୍ୟ, ୧୯୭୩ରେ ରୌପ୍ୟ ଏବଂ ୧୯୭୫ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ବିଗତ ଦୁଇ ସଂସ୍କରଣ ଓଡ଼ିଶାରେ ଖେଳାଯାଇଥିଲେ ମଧ୍ୟ ଭାରତ ପଦକ ପର୍ଯ୍ୟନ୍ତ ପହଞ୍ଚିପାରିନଥିଲା।

# ଟି-୨୦ ସିରିଜ୍ ଆରମ୍ଭ ପୂର୍ବରୁ ଭାରତକୁ କଡ଼ା ଚେତାବନୀ ଦେଲେ ଜିମ୍ବାୱେ ଅଧିନାୟକ

**ନୂଆଦିଲ୍ଲୀ**



ଭାରତ ଟି-୨୦ ବିଶ୍ୱକପ୍ ୨୦୨୬ ଚାମ୍ପିଅନ୍ ହେବା ପରେ କ୍ରିକେଟ୍‌ର ଏହି ସବୁଠାରୁ ଛୋଟ ଫର୍ମାଟ୍‌ରେ ଗୋଟିଏ ହେଲେ ବି ମ୍ୟାଚ୍ ଜିତିନାହିଁ। ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଭାରତୀୟ ଟି-୨୦ ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳିଥିବା ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଦଳକୁ କ୍ରମାଗତ ଦୁଇଟି ସିରିଜ୍‌ରେ ଐତିହାସିକ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ଭାରତ ଆୟରଲାଣ୍ଡରେ ଦୁଇଟି ଏବଂ ଇଂଲଣ୍ଡରେ ଚାରିଟି ଟି-୨୦ ମ୍ୟାଚ୍ ହାରିଛି। ଇଂଲଣ୍ଡରେ ପ୍ରଥମ ଟି-୨୦ ମ୍ୟାଚ୍ ବର୍ଷା ଯୋଗୁଁ ଧୋଇ ଯାଇଥିଲା। ଏହି ସବୁ ମଧ୍ୟରେ ଶ୍ରେୟସ ବ୍ରିଗେଡ୍‌କୁ ବର୍ତ୍ତମାନ ଆସନ୍ତା ଗୁରୁବାର (୨୩ ଜୁଲାଇ) ଠାରୁ ଜିମ୍ବାୱେ ଗସ୍ତରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଅଛି।

ଆଗାମୀ ସିରିଜ୍ ପୂର୍ବରୁ ଜିମ୍ବାୱେ ଅଧିନାୟକ ସିକନ୍ଦର ରଜା ଟିମ୍ ଇଣ୍ଡିଆକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଭାରତ ଜିମ୍ବାୱେକୁ ହାଲୁକା ଭାବେ ନେବାର ପରିଣାମ ଭୋଗିପାରେ, କାରଣ ଦୁଇ ଦଳ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଜିମ୍ବାୱେ ଅଧିନାୟକ ରଜା ଷ୍ଟାର୍ ସ୍ପୋର୍ଟସକୁ କହିଛନ୍ତି, 'ଏହି ସିରିଜ୍‌ରେ ଦୁଭୟ ଦେଶ ପାଖରେ ସମାନ ସୁଯୋଗ ରହିବ। ଆମକୁ ଆମ ଦଳ ଉପରେ ପୂର୍ଣ୍ଣ ଭରସା ଅଛି। ଆମ ଦଳ କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରୁଛି ଏବଂ ସେଥିପାଇଁ ମୁଁ ପୂର୍ଣ୍ଣ ବିଶ୍ୱାସର ସହ କହିପାରିବି ଯେ ଏହି ସିରିଜ୍ ବେଶ୍ ରୋମାଞ୍ଚକର ହେବ।'

# ମାରାଡୋନାଙ୍କ ଦୁଃଖରେ ଦୁଃଖୀ ମେସି

**ବୁଏନସ ଏରିସ୍**



ଫୁଟ୍‌ବଲ୍ ଦୁନିଆ ପୁଣି ମନେ ପକାଇଛି ଅନ୍ୟତମ ମହାନ ଖେଳାଳି ଡିଏଗୋ ମାରାଡୋନାଙ୍କୁ। ୩୬ ବର୍ଷ ତଳେ ମାରାଡୋନା ଯେଭଳି କ୍ରମାଗତ ଟ୍ରଫି ଜିତିବାର ଦୁଃଖରେ ଭାଙ୍ଗିପଡ଼ିଥିଲେ ରବିବାର ସେହିଭଳି ଦୁଃଖରେ ବୁଡ଼ିଯାଇଥିଲେ ଲିଓନେଲ୍ ମେସି। ୧୯୯୦ ଫାଇନାଲ୍‌ରେ ରୋମର ଷ୍ଟାଡିଓ ଅଲିମ୍ପିକୋରେ ଜର୍ମାନୀ ନିକଟରୁ ହାରି ଆର୍ଜେଣ୍ଟିନା ଟ୍ରଫି ଟେକି ଧରିବାରୁ ବଞ୍ଚିତ ହୋଇଥିଲେ।

ମାରାଡୋନାଙ୍କ ଆଖିରେ ଏତେ ଲୁହ ଆସିଯାଇଥିଲା ଯେ ତାଙ୍କୁ ବୁଝାଇବା ଭଳି ସ୍ଥିତି ନଥିଲା। ପ୍ରାୟ ୪ ଦଶନ୍ଧି ପରେ ସମାନ ସ୍ଥିତିରେ ରହିଥିଲେ ମେସି। ନ୍ୟୁୟର୍କ ନ୍ୟୁଜର୍ସିର ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ସମାନ ୦-୧ ବ୍ୟବଧାନର ସ୍ପେନ୍‌ଠାରୁ ଆର୍ଜେଣ୍ଟିନା ହାରିଯିବା ପରେ ମେସି ବି ପଡ଼ିଆରେ ଲୋଟିପଡ଼ିଥିଲେ। ସାଥି ଖେଳାଳି, ପ୍ରତିଦ୍ୱନ୍ଦ୍ୱୀ, ପ୍ରଶିକ୍ଷକ ସମସ୍ତଙ୍କ ସାନ୍ତ୍ୱନା ବି କୌଣସି ଫରକ ପକାଇପାରି ନଥିଲା। ଏହି ଦୁଇ ମହାନ ଖେଳାଳି କ୍ରମାଗତ ଟ୍ରଫି ହାତେଇବାରୁ ବଞ୍ଚିତ ହୋଇଥିଲେ। ୧୯୮୬ରେ ମାରାଡୋନା ବିଶ୍ୱକପ୍ ଜିତିବା ପରେ ୧୯୯୦ରେ ଏହାକୁ ଦୋହରାଇପାରିନଥିଲେ। ସମାନ ଭାବେ ମେସି ୨୦୨୨ରେ ଜିତିବା ପରେ ୨୦୨୬ରେ ଏଥିରୁ ବଞ୍ଚିତ ହୋଇଛନ୍ତି।

ଆଉ ଏକ ପରିସଂଖ୍ୟାନ ବି ସମାନ କାହାଣୀ ଦେଖାଉଛି। ରବିବାର ମେସିଙ୍କ ଦଳ ସ୍ପେନ୍ ବିପକ୍ଷରେ ବଲ୍ ନିୟନ୍ତ୍ରଣରେ ୩୫ ପ୍ରତିଶତ ରଖିଥିଲେ। ୧୯୯୦ ଫାଇନାଲ୍‌ରେ ମାରାଡୋନାଙ୍କ ଦଳ ଜର୍ମାନୀ ବିପକ୍ଷରେ ମଧ୍ୟ ୩୯ ପ୍ରତିଶତରେ ବଲ୍ ନିୟନ୍ତ୍ରଣ କରି ପଛରେ ପଡ଼ିଯାଇଥିଲେ। ରବିବାର ରାତିରେ ସ୍ପେନ୍ କିନ୍ତୁ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରିଥିଲା। ମ୍ୟାଚ୍‌ର ୧୧୬ ମିନିଟ୍ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ଗୋଟିଏ ବି ସଟ୍ ସ୍ପେନ୍ ଗୋଲ୍‌ପୋଷ୍ଟ ପହଞ୍ଚିପାରି ନଥିଲା। ସେତେବେଳକୁ ସ୍ପେନ୍ ୨୦ତମ ସଟ୍‌ରେ ସଫଳ ହୋଇ ଫେରାନ୍ ଟୋରେସଙ୍କ ଜରିଆରେ ବାଜି ମାରି ନେଇଥିଲା।

# ନିଟ୍ ପ୍ରବେଶିକା ପରୀକ୍ଷା-୨୦୨୬ରେ ସରସ୍ୱତୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗରର ଅଭୂତପୂର୍ବ ସଫଳତା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ସଂଚାଳନା କରାଯାଇଥିବା 'ନିଟ୍-୨୦୨୬' ଯୁଗ୍ମ ପ୍ରବେଶିକା ପରୀକ୍ଷାଫଳ ଗତ ୧୬ ତାରିଖ ଗୁରୁବାର ଦିନ ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ, ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସରସ୍ୱତୀ ବିଦ୍ୟା ମନ୍ଦିର ନୀଳକଣ୍ଠନଗରର ଶ୍ରେଣୀକକ୍ଷରେ ମେଡିକାଲ ପାଠ୍ୟକ୍ରମ ପାଇଁ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀ ଏହି ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଅଭୁତପୂର୍ବ ସଫଳତାର ସହ କୃତକାର୍ଯ୍ୟ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଆନୁପାତିକ ଭିତ୍ତିରେ ପୁନର୍ବାର ଓଡ଼ିଶାରେ ଏହା ସଫଳତାର ସର୍ବୋତ୍ତମ ସ୍ଥାନ ଅଧିକାର କରିଛି। ଏହି ଅନୁଷ୍ଠାନରେ ଅଧ୍ୟୟନରତ ଆର୍ଥିକ ଅନଗ୍ରସର, ନିମ୍ନ ମଧ୍ୟବିତ୍ତ, କୃଷକ ଏବଂ ଶ୍ରମିକ ପରିବାରରୁ ଆସିଥିବା ବହୁ ଛାତ୍ରଛାତ୍ରୀ ନିଜର ଉତ୍କର୍ଷତା ପ୍ରତିପାଦନ କରିବା ସହ ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। କୃତ କାର୍ଯ୍ୟ ହୋଇଥିବା କିଛି ଛାତ୍ରଛାତ୍ରୀ ଯୁକ୍ତ ଦୁଇ ବିଜ୍ଞାନରେ କମ୍ ନମ୍ବର ରଖିଥିବା ସତ୍ତ୍ୱେ ଶୃଙ୍ଖଳା, ଶୈକ୍ଷିକ ପରିବେଶ ଏବଂ ଉଚ୍ଚକୋଟୀର ଶିକ୍ଷାଦାନ ପଦ୍ଧତି ଦ୍ୱାରା କୃତକାର୍ଯ୍ୟ ହୋଇଛନ୍ତି। ସଦ୍ୟ ମିଳିଥିବା ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ ଏହି ଅନୁଷ୍ଠାନରୁ ୬୦୦ରୁ ଉର୍ଦ୍ଧ୍ୱ ୧୮ ଜଣ, ୫୫୦ରୁ ଉର୍ଦ୍ଧ୍ୱ ୯୦ ଜଣ ଏବଂ ୫୦୦ରୁ ଉର୍ଦ୍ଧ୍ୱ ୨୦୨ ଜଣ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି।

# ଦିଲ୍ଲୀ କ୍ୟାପିଟାଲ୍ସର କ୍ରିକେଟରଙ୍କ ଉପରେ ଦୁଷ୍କର୍ମ ଅଭିଯୋଗ ଅଭିଷେକ ପୋରେଲଙ୍କୁ ଗିରଫ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ**




ଯୁବ ୱିକେଟକିପର ବ୍ୟାଟ୍ସମ୍ୟାନ ଅଭିଷେକ ପୋରେଲଙ୍କ ମୁସ୍କିଲ ବଢିବାର ନଜର ଆସୁଛି। କୋଲକାତା ହାଇକୋର୍ଟ ଦୁଷ୍କର୍ମ କେସ୍‌ରେ ପୋରେଲଙ୍କ ସମେତ ଦୁଇ ଜଣ ଲୋକଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୋଗରା ପୁଲିସକୁ ପୋରେଲଙ୍କ ଇଲେକ୍ଟ୍ରୋନିକ ଡିଭାଇସ ଜବତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ଅଭିଯୋଗ କରୁଥିବା ମହିଳାଙ୍କ ଫଟୋ ଓ ଭିଡିଓ ଯେମିତି ସେୟାର କରାଯାଇ ପାରିବ ନାହିଁ। ତାଙ୍କ ନାଁରେ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ କରିବାର ଅଭିଯୋଗ ଅଛି।

ଛାତ୍ରୀ ଅଭିଯୋଗ କରିଛନ୍ତି ଯେ, କ୍ରିକେଟର ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ବନ୍ଧ ରଖିଥିଲେ ଏବଂ ଦୁହିଁଙ୍କର ବ୍ୟକ୍ତିଗତ ମୁହୂର୍ତ୍ତକୁ ରେକର୍ଡ କରି ନେଇଥିଲେ। ୨୩ ବର୍ଷୀୟ ପୋରେଲ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ପକ୍ଷରୁ ଖେଳନ୍ତି। ସେ ଆଇପିଏଲ ୨୦୨୬ରେ ଡିସି ପାଇଁ ୪ଟି ମ୍ୟାଚ୍ ଖେଳିଥିଲେ। ସେ ଘରୋଇ କ୍ରିକେଟରେ ବଙ୍ଗଳାର ପ୍ରତିନିଧିତ୍ୱ କରନ୍ତି।

ହାଇକୋର୍ଟ ନିଜ ଆଦେଶରେ କହିଛନ୍ତି, ୬ ଜୁଲାଇ, ୨୦୨୬ ତାରିଖରେ ପୁଲିସ ରିପୋର୍ଟରେ କୁହାଯାଇଛି ଯେ, ଆବେଦନକାରୀଙ୍କ ଠାରୁ କିଛି ତଥ୍ୟ ସମ୍ବଳିତ ଏକ ପେନ୍ ଡ୍ରାଇଭ୍/ଷ୍ଟୋରେଜ୍ ଡିଭାଇସ୍ ଜବତ କରାଯାଇ ଥିଲା। ତେଣୁ ଅଭିଯୁକ୍ତଙ୍କୁ ଧରିବା ଏବଂ ଇଲେକ୍ଟ୍ରୋନିକ୍ ଡିଭାଇସ୍ ଜବତ କରିବା ଆବଶ୍ୟକ ଯାହା ଦ୍ୱାରା ତଥ୍ୟ ଅନ୍ୟମାନଙ୍କ ସହ ସେୟାର ନହୁଏ। ପୁଲିସ ଅଧିକାରୀମାନେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସେମାନେ ଗ୍ରହଣ କରନ୍ତି ନାହିଁ। ସମ୍ବନ୍ଧିତ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ, ସେମାନେ ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରନ୍ତୁ ଏବଂ ଡିଭାଇସ ଜବତ କରନ୍ତି, ଯାହାକି ଡାଟା ସେୟାର କରାଯାଇ ପାରିବ ନାହିଁ।

ମିଡିଆ ରିପୋର୍ଟ ମୁତାବିକ, ପୋରେଲ (ଅଭିଯୋଗ ଆଧାରରେ) ଜାନୁଆରୀ ୨୦୨୩ ମସିହାରେ ଛାତ୍ରୀଙ୍କୁ ସଂପର୍କ କରିଥିଲେ, ଏହାପରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇ ଥିଲା। ତାଙ୍କ ଉପରେ ଅଭିଯୋଗ ଯେ, ଯେବେ ଛାତ୍ରୀଙ୍କ ମାତା ପିତା ବାହାରେ ଥିଲେ, ସେ ତାଙ୍କୁ ମନକୁଣ୍ଡୁରେ ଥିବା ତାଙ୍କ ଫ୍ଲାଟକୁ ନେଇ ଥିଲେ। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ, ପୋରେଲ ତାଙ୍କୁ ଶାରୀରିକ ସଂପର୍କ ରଖିବାକୁ ବାଧ କରି ଥିଲେ। ପରେ ଦୁହିଁଙ୍କ ପରିବାର ବିବାହକୁ ନେଇ କଥାବାର୍ତ୍ତା ହୋଇ ଥିଲେ। ଛାତ୍ରୀ ଜଣଙ୍କ ଗତ ମାସରେ ଅଭିଯୋଗ ରୁଜୁ କରାଇ ଥିଲେ। ଅଭିଯୋଗ ଅନୁସାରେ, ଛାତ୍ରୀ ଜଣଙ୍କ ଅଭିଯୋଗ କରିଛନ୍ତି ଯେ, ଉଭୟ ଗତ ତିନି ବର୍ଷ ହେବ ସଂପର୍କରେ ଥିଲେ ଏବଂ ଗତ ବର୍ଷ ସେମାନଙ୍କ ମଧ୍ୟରେ ମତଭେଦ ହୋଇଛି, ଯାହାପରେ ପୋରେଲ ତାଙ୍କ ଠାରୁ ଦୂରେଇ ଯିବା ଆରମ୍ଭ କରିଥିଲେ।

# ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ସ୍କ୍ୱାଡ୍ ଘୋଷଣା, ଦଳକୁ ଫେରିଲେ ୩ ଷ୍ଟାର୍ ଖେଳାଳି

**ନୂଆଦିଲ୍ଲୀ**

ବାଂଲାଦେଶ ବିପକ୍ଷରେ ଅଗଷ୍ଟରେ ହେବାକୁ ଥିବା ଦୁଇଟି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ନିଜର ୧୩ ଜଣିଆ ଦଳ ଘୋଷଣା କରିଛି। ଏହି ସିରିଜ୍‌ର ଦୁଇଟି ଯାକ ମ୍ୟାଚ୍ ଡାରୱିନ୍ ଏବଂ ମ୍ୟାକେ ଠାରେ ଖେଳାଯିବ। ଅଧିନାୟକ ପ୍ୟାଟ୍ କମିନ୍ସ, ଦ୍ରୁତ ବୋଲର ଜୋଶ୍ ହେଜଲଉଡ୍ ଏବଂ ଅଭିଜ୍ଞ ସ୍ପିନର ନାଥନ୍ ଲାୟନ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଦଳକୁ ଫେରିଛନ୍ତି। ଆଘାତ ଜନିତ ସମସ୍ୟା କାରଣରୁ ଏହି ତିନିଜଣ ଯାକ ଖେଳାଳି ସିଡ୍‌ନୀ ଟେଷ୍ଟରେ ଖେଳିପାରି ନଥିଲେ। ଏହି ଖେଳାଳିମାନଙ୍କ ପ୍ରତ୍ୟାବର୍ତ୍ତନ ଯୋଗୁଁ ଗତ ଆଶେସ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ମାଇକେଲ୍ ନେସରଙ୍କୁ ଦଳରୁ ବାଦ୍ ଦିଆଯାଇଛି। ତେବେ ମାଇକେଲ୍ ନେସର, ଟଡ୍ ମର୍ଫି ଓ ବ୍ରେଣ୍ଡନ୍ ଡଗେଟ୍‌ଙ୍କୁ ବ୍ୟାକଅପ୍ ଖେଳାଳି ଭାବରେ ଦଳରେ ରଖାଯାଇଛି।

ଉସ୍‌ମାନ ଖଓ୍ୱାଜାଙ୍କ ଅବସର ପରେ ଅଷ୍ଟ୍ରେଲିଆ ଟେଷ୍ଟ ଦଳର ୫ ନମ୍ବର ସ୍ଥାନରେ ଏପର୍ଯ୍ୟନ୍ତ କାହାକୁ ସାମିଲ କରାଯାଇ ନାହିଁ। ଆଶା କରାଯାଉଛି ଯେ କାମେରନ୍ ଗ୍ରୀନ୍‌ଙ୍କୁ ୫ ନମ୍ବରରେ ବ୍ୟାଟିଂ କରିବା ପାଇଁ ପ୍ରମୋଶନ ଦିଆଯିବ। ଜ୍ୟାକ୍ ୱେଦରଲ୍ଡ ଏବଂ ଟ୍ରେଭିସ୍ ହେଡ୍‌ଙ୍କ ଯୋଡ଼ି ହିଁ ଓପନିଂ କରିବେ, ଯେତେବେଳେ କି ମାର୍ନସ ଲାବୁସେନ୍ ତୃତୀୟ ଏବଂ ଷ୍ଟିଭ୍ ସ୍ମିଥ୍ ଚତୁର୍ଥ ନମ୍ବରରେ ଖେଳିବେ। ଜୋଶ୍ ଇଂଲିସ୍‌ଙ୍କୁ ବ୍ୟାକଅପ୍ ବ୍ୟାଟ୍ସମ୍ୟାନ୍ ଏବଂ ୱିକେଟ୍‌କିପର ଭାବରେ ଦଳରେ ସ୍ଥାନ ମିଳିଛି।

ଜୋଶ୍ ହେଜଲଉଡ୍‌ଙ୍କ ପ୍ରତ୍ୟାବର୍ତ୍ତନ ଯୋଗୁଁ ଅଧିନାୟକ କମିନ୍ସଙ୍କ ପାଇଁ ପ୍ଲେଇଙ୍ଗ ଇଲେଭେନ୍ ଚୟନ କରିବା ଏକ କଷ୍ଟକର କାମ ହେବ। ସ୍କଟ୍ ବୋଲାଣ୍ଡ ଏବଂ ମିଚେଲ୍ ଷ୍ଟାର୍କ ଉଭୟ ଚମତ୍କାର ଫର୍ମରେ ଅଛନ୍ତି। ବୋଲାଣ୍ଡ ବିଗତ କିଛି ସମୟ ମଧ୍ୟରେ ନିରନ୍ତର ଭାବେ ୱିକେଟ୍ ହାସଲ କରିଛନ୍ତି। ଏଭଳି ପରିସ୍ଥିତିରେ ହେଜଲଉଡ୍ ଏବଂ ବୋଲାଣ୍ଡଙ୍କ ମଧ୍ୟରୁ କାହାକୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିବ, ତାହା ଦେଖିବା ବେଶ୍ ଆକର୍ଷଣୀୟ ହେବ। ୩୭ ବର୍ଷୀୟ ବୋଲାଣ୍ଡଙ୍କ ଫିଟନେସ୍ ମଧ୍ୟ ଚମତ୍କାର ରହିଛି। ସେ ଏପର୍ଯ୍ୟନ୍ତ ଆଘାତ ଜନିତ ସମସ୍ୟା କାରଣରୁ ବହୁତ କମ୍ ମ୍ୟାଚ୍ ମିସ୍ କରିଛନ୍ତି। ସେ ୧୯ଟି ମ୍ୟାଚ୍‌ରେ ୧୮.୫୮ ହାରରେ ୮୨ଟି ଟେଷ୍ଟ ଉଇକେଟ୍ ନେଇଛନ୍ତି।

ହେଜଲଉଡ୍ ହାମଷ୍ଟ୍ରିଙ୍ଗ୍ ଆଘାତ ଯୋଗୁଁ ସମ୍ପୂର୍ଣ୍ଣ ଆଶେସ ସିରିଜ୍ ଖେଳିପାରି ନଥିଲେ। ଅଧିନାୟକ କମିନ୍ସ ମଧ୍ୟ ପିଠି ଜନିତ ସମସ୍ୟା କାରଣରୁ ବିଗତ ଏକ ବର୍ଷ ମଧ୍ୟରେ ବହୁତ କମ୍ ମ୍ୟାଚ୍ ଖେଳିପାରିଛନ୍ତି, ଯେତେବେଳେ କି ନାଥନ୍ ଲାୟନ ଆଡିଲେଡ୍‌ରେ ହାମଷ୍ଟ୍ରିଙ୍ଗ୍ ସର୍ଜରୀ ପରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। କମିନ୍ସ ଗତ ଜୁଲାଇରୁ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପାଇଁ ମାତ୍ର ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଜାତୀୟ ସେଲେକ୍ଟର ଜର୍ଜ ବେଲି ଜଣାଇଛନ୍ତି ଯେ ଏହି ସମସ୍ତ ଖେଳାଳି ମେଡିକାଲ୍ ଟିମ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଠିନ ପରିଶ୍ରମ କରି ସମ୍ପୂର୍ଣ୍ଣ ଫିଟ୍ ହୋଇସାରିଛନ୍ତି।

ବାଂଲାଦେଶ ଟେଷ୍ଟ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ସ୍କ୍ୱାଡ୍: ପ୍ୟାଟ୍ କମିନ୍ସ (ଅଧିନାୟକ), ସ୍କଟ୍ ବୋଲାଣ୍ଡ, ଆଲେକ୍ସ କେରୀ, କାମେରନ୍ ଗ୍ରୀନ୍, ଜୋଶ୍ ହେଜଲଉଡ୍, ଟ୍ରେଭିସ୍ ହେଡ୍, ଜୋଶ୍ ଇଂଲିସ୍, ମାର୍ନସ ଲାବୁସେନ୍, ନାଥନ୍ ଲାୟନ, ଷ୍ଟିଭ୍ ସ୍ମିଥ୍, ମିଚେଲ୍ ଷ୍ଟାର୍କ, ଜ୍ୟାକ୍ ୱେଦରଲ୍ଡ, ବ୍ୟୁ ୱେବଷ୍ଟର।

ପ୍ରଥମ ଟେଷ୍ଟ: ଅଗଷ୍ଟ ୧୩- ୧୭, ୨୦୨୬ (ମାରାରା କ୍ରିକେଟ୍ ଗ୍ରାଉଣ୍ଡ, ଡାରୱିନ୍)। ଦ୍ୱିତୀୟ ଟେଷ୍ଟ: ଅଗଷ୍ଟ ୨୨ – ୨୬, ୨୦୨୬ (ଗ୍ରେଟ୍ ବାରିୟର ରୀଫ୍ ଆରେନା, ମ୍ୟାକେ)


WORKS DEPARTMENT  34001/513/2627
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-11/2026-27

1. Number of works - (05)
2. Approximate estimated cost: - 2.14 lakh to 7.96 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 27.07.2026 to 05.08.2026
5. Last Date / Time of receipt of bid in the portal :- Dt. 05.08.2026 up to 5.00 PM
6. Date of Opening of bid:- Dt. 06.08.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR-34001/34025/1/26-27/0009



**OFFICE OF THE MUNICIPAL COUNCIL, TALACHER**
**'e' – Procurement Notice**  13001/1244/2627
**Tender Reference No. TCRM-10/2026-27**
**Bid Identification No.2026_ORULB_136393**
No. 2524 / Dt. 20.07.2026

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Goods work as mentioned in the website. |
| 2) | No. of works | :- | 1 Nos. |
| 3) | Estimated Cost | :- | Item Rate |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | dt.21.07.2026 at 4.00 PM |
| 6) | Last date & time for receipt of Bid in the portal | :- | dt.03.08.2026 at 5.00 PM |
| 7) | Date of Opening Bid | :- | dt.04.08.2026 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talacher Municipality |
| 9) | The bidders have to participate in ONLINE bidding only. | | |

Further details can be seen from the procurement portal i.e. www.tendersorissa.gov.in

Sd/- Executive Officer
Talacher Municipality

OIPR-13001/13077/1/26-27/0023



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅଶୋଧିତ ତୈଳ...

ପ୍ରଭାବିତ ହୋଇ ତାହାର ଦର ବୃଦ୍ଧି ପାଉଛି।

ଚଳିତ ବର୍ଷ ଫେବ୍ରୁଆରୀରେ ଇରାନ ସହ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଆରମ୍ଭ ହେବା ପରେ ଅଶୋଧିତ ତୈଳ ଦରରେ ହଠାତ୍ ବୃଦ୍ଧି ଦେଖାଦେଇଥିଲା। ଏପ୍ରିଲ୍ ବେଳକୁ ତେଲର ବ୍ୟାରେଲ ପିଛା ଦାମ୍ ୧୨୬ ଡଲାରକୁ ବୃଦ୍ଧି ପାଇଥିଲା ଓ ସେହି ସ୍ତରରେ ତାହା ଦୀର୍ଘଦିନ ପର୍ଯ୍ୟନ୍ତ ରହିଥିଲା। ତାହାର ପ୍ରଭାବରେ ଭାରତରେ ମଧ୍ୟ ପେଟ୍ରୋଲ ଓ ଡିଜେଲ ଦରରେ ଲିଟରକୁ ୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା। ନିକଟରେ ଆମେରିକା ଓ ଇରାନ ମଧ୍ୟରେ ଅନ୍ତରୀଣ ଚୁକ୍ତି ହେବା ପରେ ଅଶୋଧିତ ତେଲ ଦର ହ୍ରାସ ପାଇ ବ୍ୟାରେଲକୁ ୭୨ ଡଲାର ହୋଇଯାଇଥିଲା। ମାତ୍ର ପୁଣି ଉତ୍ତେଜନା ବଢ଼ିବା ପରେ ତେଲ ଦର ବଢୁଥିବାରୁ ଆମଦାନୀ ଉପରେ ଅତ୍ୟଧିକ ନିର୍ଭରଶୀଳ ଥିବା ଦେଶ ଭାରତ ପାଇଁ ଚିନ୍ତା ବଢ଼ିଯାଇଛି।

## ଏଚ୍‌ସିଏଲ୍ ସ୍ଥାପନ...

ଆରଏଜି ଇଣ୍ଡଷ୍ଟ୍ରିଜ୍ ଖୋର୍ଦ୍ଧାରେ ୫୨ କୋଟି ଟଙ୍କା ଓ ଶ୍ରୀ ମହାବୀର ଫେରୋ ଆଲୟଜ ସୁନ୍ଦରଗଡ଼ରେ ୧୦୫ କୋଟି ଟଙ୍କା ନିବେଶ କରିବେ। ଏନଭିରୋକେୟାର ଇନଫ୍ରାସଲ୍ୟୁସନ୍ ଅନୁଗୋଳରେ ୩୫୧ କୋଟି ଟଙ୍କା ନିବେଶରେ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରିବ। ଇଏଫ୍‌ବାଇଓଏନଡିଏକ୍ସ ଖୋର୍ଦ୍ଧାରେ ମେଡିକାଲ ଡିଭାଇସ୍ ନିର୍ମାଣ କରିବ। ରସାୟନ କ୍ଷେତ୍ରରେ ଗଞ୍ଜାମରେ ଟ୍ରାନ୍ସପେକ୍ ୩୪୩ କୋଟି ଟଙ୍କା, ଯାଜପୁରରେ ତିରୁପତି ମାଇକ୍ରୋଟେକ୍ ୭୦ କୋଟି ଟଙ୍କା ଓ ମୟୂରଭଞ୍ଜରେ କ୍ରେବ୍ସ ଇଣ୍ଟରନ୍ୟାସନାଲ୍ ୬୮.୦୧ କୋଟି ଟଙ୍କା ନିବେଶ କରିବେ। ଜିଜିବି ବ୍ୟାଟେରୀ ଇଣ୍ଡିଆ ତରଫରୁ କଟକରେ ୨୦୨.୫୦ କୋଟି ଟଙ୍କା ନିବେଶରେ ଏକ ଜିଙ୍କ ଆନୋଡ୍ ବ୍ୟାଟେରୀ କାରଖାନା ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି।

## ଦୋଷୀଙ୍କୁ କଠୋରତମ...

ପ୍ରଶ୍ନପତ୍ର ଲିକ୍ ଘଟଣାକୁ ପ୍ରଧାନମନ୍ତ୍ରୀ 'ଘୋର ପାପ' ବୋଲି ବର୍ଣ୍ଣନା କରି କହିଛନ୍ତି, ଏହି ମାମଲାରେ ସମ୍ପୃକ୍ତ ସମସ୍ତ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍‌କୁ ପଠାଯାଇଛି।

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ...

ରଣନୀତି ଏବଂ ଜାତୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଦେଶବ୍ୟାପୀ ଚର୍ଚ୍ଚାରେ ଥିବା ଶିକ୍ଷାଗତ ଏବଂ ପ୍ରଶାସନିକ ବିବାଦକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ବିଜେଡି ଏକ ସ୍ପଷ୍ଟ ଓ ଆକ୍ରମଣାତ୍ମକ ରଣନୀତି ପ୍ରସ୍ତୁତ କରିଛି।

ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଘଟିଥିବା ବିଭିନ୍ନ ବିଭ୍ରାଟ ଓ ଅନିୟମିତତାକୁ ଆଧାର କରି ଦଳ ସଂସଦରୁ ଆରମ୍ଭ କରି ରାଜରାସ୍ତା ପର୍ଯ୍ୟନ୍ତ ବିରୋଧ ଓ ଆନ୍ଦୋଳନକୁ ଆହୁରି ଜୋରଦାର କରିବ।

## ଅଗଷ୍ଟ ୩-୫...

ଗସ୍ତକୁ ନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରସ୍ତୁତ ଖସଡ଼ା କାର୍ଯ୍ୟସୂଚୀ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି।

ଗସ୍ତ ସମୟରେ ସୁରକ୍ଷା, ଯାତାୟାତ, ଆବାସ, ସ୍ୱାସ୍ଥ୍ୟସେବା ଓ କାର୍ଯ୍ୟକ୍ରମ ସ୍ଥଳର ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରି ତାହାର ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟ ପ୍ରଶାସନ, ପୋଲିସ, ସ୍ଥାନୀୟ ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ରାଷ୍ଟ୍ରପତିଙ୍କ ଗସ୍ତକୁ ସଫଳ ଓ ସୁରକ୍ଷିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ଖସଡ଼ା କାର୍ଯ୍ୟସୂଚୀ ଅନୁଯାୟୀ ଆବଶ୍ୟକ ପରିବର୍ତ୍ତନ ପରେ ରାଷ୍ଟ୍ରପତିଙ୍କ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇବ।

## ଆଗାମୀ ପଞ୍ଚାୟତ...

ସମଗ୍ର ପ୍ରକ୍ରିୟାର ତଦାରଖ କରିବେ। ଏ ସମସ୍ତ ପ୍ରକ୍ରିୟା ଜୁଲାଇ ୩୧ ସୁଦ୍ଧା ସାରିବାକୁ ଆଲୋଚନା ହୋଇଥିଲା।

ବୈଠକରେ ସର୍ଭେ ପ୍ରକ୍ରିୟା, ବୁଥ୍ ଓ ୱାର୍ଡ ସୀମା ନିର୍ଦ୍ଧାରଣ, ଦାବି ଓ ଆପତ୍ତି ଫର୍ମ ସଂଗ୍ରହ, ସର୍ଭେ ତଥ୍ୟର ଡିଜିଟାଇଜେସନ୍ ଏବଂ ସମୟସୀମା ଅନୁଯାୟୀ କାର୍ଯ୍ୟକ୍ରମ ସମ୍ପାଦନ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଆସନ୍ତା ଜାନୁଆରୀ ୧, ୨୦୨୭ରେ ଖସଡ଼ା ଭୋଟର ତାଲିକା ପ୍ରକାଶ ଏବଂ ଫେବୃଆରୀ ୧୦, ୨୦୨୭ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବା ଲକ୍ଷ୍ୟ ରଖାଯାଇଛି। ଭୋଟର ତାଲିକାକୁ ସଂଶୋଧନ ଓ ନିରୁପାଦିକ କରିବା ପାଇଁ ପ୍ରଶାସନିକ ସ୍ତରରେ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟକୁ କଡ଼ାକଡ଼ି ଭାବେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ବା ବଞ୍ଚିତ ନହୁଅନ୍ତି, ସେଥିପାଇଁ ନୂତନ ଆବେଦନକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ସହ ମୃତ, ସ୍ଥାନାନ୍ତରିତ କିମ୍ବା ଅଯୋଗ୍ୟ ଭୋଟରଙ୍କ ନାମକୁ ତାଲିକାରୁ ବାଦ୍ ଦେବାକୁ କୁହାଯାଇଛି।ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ କରି ଏକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଚୂଡ଼ାନ୍ତ ଭୋଟର ତାଲିକା ସମୟସୀମା ମଧ୍ୟରେ ପ୍ରକାଶ କରିବାକୁ ଆୟୁକ୍ତ ଗୁରୁତ୍ୱ ଦେଇଛନ୍ତି। ଭୋଟରଙ୍କ ସୁବିଧା ଦୃଷ୍ଟିରୁ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଯେପରି କ୍ରମାନୁସାରେ ଗୋଟିଏ ବୁଥ୍‌ରେ ରହିବ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି, ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ନିୟୋଜିତ ହେବାକୁ ଥିବା ସମସ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ସଠିକ୍ ଓ ପୂର୍ଣ୍ଣାଙ୍ଗ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି।

ଏହି ବୈଠକରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ,ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ କୁମାର ଦାଶଙ୍କ ସମେତ ରାଜ୍ୟର ସମସ୍ତ ପୌର ନିଗମର ଆୟୁକ୍ତ(କମିଶନର), ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଏବଂ ଡେ଼ପୁଟି କଲେକ୍ଟର(ନିର୍ବାଚନ) ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ।

## ଧାରଣା ସ୍ଥଳରୁ ...

କଂଗ୍ରେସ ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ତଫା ଦାବି କରି '୭ ଲୋକ କଲ୍ୟାଣ ମାର୍ଗ' ନିକଟରେ ଧାରଣା ଦେଇଥିଲେ ଏବଂ 'ପ୍ରଧାନମନ୍ତ୍ରୀ ଇସ୍ତଫା ଦିଅନ୍ତୁ', 'ଗୁଣ୍ଡାଗର୍ଦ୍ଦି ଚାଲିବ ନାହିଁ' ଓ 'ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଦିଅନ୍ତୁ' ଭଳି ନାରାବାଜି କରିଥିଲେ। ଧାରଣା ଆରମ୍ଭ ହେବାର କିଛି ସମୟ ପରେ ପୋଲିସ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ ଅନ୍ୟାନ୍ୟ ଅନେକ ନେତାଙ୍କୁ ଅଟକ ରଖିଥିଲା। ଏହା ପୂର୍ବରୁ ଲୋକସଭା ସାଂସଦ ଚରଣଜିତ୍ ସିଂହ ଚନ୍ନି, ସୁଖଜିନ୍ଦର ସିଂହ ରନ୍ଧାୱା, ଶଶିକାନ୍ତ ସେନ୍ଥିଲ ଏବଂ ଅନ୍ୟ ନେତାମାନଙ୍କୁ ମଧ୍ୟ ଅଟକ ରଖାଯାଇଥିଲା।

ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ରୀୟ ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି କରି କହିଛନ୍ତି ଯେ ସରକାର ଏହି ଘଟଣାର ଜବାବ ହିଁ ନେବାକୁ ଚାହୁଁନାହାନ୍ତି କି ସଂସଦରେ ଏହା ଉପରେ ଆଲୋଚନା କରିବାକୁ ଅନୁମତି ଦେଉନାହାନ୍ତି। ପ୍ରିୟଙ୍କା ଗାନ୍ଧୀ କହିଛନ୍ତି ଯେ ବିରୋଧୀ ଦଳ ସଦନରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଚାହୁଁଛନ୍ତି, କିନ୍ତୁ ସେମାନଙ୍କୁ କହିବାକୁ ଦିଆଯାଉ ନାହିଁ। ସେ ଛାତ୍ରଛାତ୍ରୀଙ୍କ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନ ବିଷୟରେ ଉଲ୍ଲେଖ କରି ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

## ବିରୋଧୀଙ୍କ ହଟ୍ଟଗୋଳ ...

ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ପରେ ପୀଠାସୀନ ଅଧିକାରୀ ଦିଲ୍ଲୀ ସାଇକିଆ ସଦସ୍ୟମାନଙ୍କୁ ଗୃହର ମର୍ଯ୍ୟାଦା ବଜାୟ ରଖିବା ଏବଂ ନିଜ ନିଜ ଆସନରେ ବସିବାକୁ ନିବେଦନ କରିଥିଲେ। ସେ କହିଥିଲେ ଯେ ନିୟମ ୩୭୭ ଅନୁଯାୟୀ, ସଦସ୍ୟମାନଙ୍କୁ ଲୋକସଭାରେ ଜନସ୍ୱାର୍ଥର ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯିବା ଉଚିତ। ଏଥିପାଇଁ ପ୍ରାୟ ୨୦ ମିନିଟ୍ ମଧ୍ୟ ଦିଆଯାଇଥିଲା। ଏହା ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ଜାରି ରଖିଥିଲେ ଏବଂ ମଧ୍ୟଭାଗରେ ପହଞ୍ଚିଥିଲେ। ପୀଠାସୀନ ଅଧିକାରୀ ଅନେକ ଥର ଶାନ୍ତି ବଜାୟ ରଖିବା ଏବଂ ଗୃହକୁ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ, କିନ୍ତୁ ହଟ୍ଟଗୋଳ କମିନଥିଲା। ଏହା ପରେ ଲୋକସଭାକୁ ଦିନ ତମାମ ମୁଲତବୀ କରିଦିଆଯାଇଥିଲା।

## ଭୁବନେଶ୍ୱର-କଟକରେ...

ଏହି ଦୁଇ ପାଣିପାଗ ନିୟାମକ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇଥିବାବେଳେ ୫ ଜିଲ୍ଲାରେ ପ୍ରବଳ ଏବଂ ଢେଙ୍କାନାଳରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି।

ତେବେ ଆସନ୍ତା ୨୪ ତାରିଖ ଅର୍ଥାତ୍ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ସହ ବଜ୍ରପାତ ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ବିଶେଷକରି ଆଗାମୀ ୪ ଦିନ ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ଅଧିକ ରହିବା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ୯ ଜଣ ରେଳ କର୍ମଚାରୀ ସୁରକ୍ଷା ପୁରସ୍କାରରେ ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସୁରକ୍ଷିତ ଏବଂ ସୁଚାରୁ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ନିଜର ନିଷ୍ଠା, ସତର୍କତା ଏବଂ ଉଲ୍ଲେଖନୀୟ ଯୋଗଦାନ ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନର ୯ ଜଣ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି । ଖୋର୍ଦ୍ଧା ରୋଡ୍‌ର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ଏହି ପୁରସ୍କାର ପ୍ରଦାନ କରିଛନ୍ତି।
ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବ ଏବଂ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମୀନା ଉପସ୍ଥିତ ଥିଲେ। ସମ୍ମାନିତ କର୍ମଚାରୀମାନେ ହେଲେ- ବିରେନ୍ଦ୍ର କୁମାର ପଣ୍ଡିତ, ମନୀଷ କୁମାର ସିଂହ, ଦୀପକ କୁମାର ବାରିକ, ଡି. କର୍ମକାର, ମହେଶ୍ୱର ପରିଡ଼ା, ଅଶ୍ୱିନୀ କୁମାର ସିଂହ, ସୁମିତ କୁମାର ଶର୍ମା, ଦିବାକର କୁମାର ସିଂହ ଏବଂ ସଂଗ୍ରାମ କୁମାର ବେହେରା।

ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଡି. ସୁନୀଲ ପୁରସ୍କୃତ କର୍ମଚାରୀମାନଙ୍କର କର୍ତ୍ତବ୍ୟପରାୟଣତା, ନିଷ୍ଠା, ସତର୍କତା ଏବଂ ତୁରନ୍ତ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ । ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ଏବଂ ସୁରକ୍ଷିତ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବାରେ ସେମାନଙ୍କର ସମୟୋପଯୋଗୀ ପଦକ୍ଷେପକୁ ସେ ସାଧୁବାଦ ଜଣାଇଥିଲେ। ଏଥିସହ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ ସମୟରେ ସମସ୍ତ ରେଳ କର୍ମଚାରୀଙ୍କୁ ସତର୍କ, ଜାଗ୍ରତ ଏବଂ ପ୍ରତିବଦ୍ଧ ରହିବାକୁ ସେ ଆହ୍ୱାନ ଦେଇଥିଲେ।

# ଏସ୍‌ସିବି ମେଡ଼ିକାଲ ନୂଆ ବିଲ୍ଡିଂ କାମର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**କଟକ, ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ନିର୍ମାଣଧିନ ନୂତନ ବିଲଡିଂର କାମ ଆଗେଇ ଚାଲିଛି । ମଙ୍ଗଳବାର ଏହି ବିଲ୍ଡିଂ ନିର୍ମାଣ ଅଗ୍ରଗତିର ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ ସମୟରେ ମନ୍ତ୍ରୀ ନୂତନ ନିର୍ମାଣଧୀନ ହସ୍ପିଟାଲ ବ୍ଲକ, ପିଜି ହଷ୍ଟେଲ, ରେସିଡେଣ୍ଟ ଡାକ୍ତରମାନଙ୍କ ହଷ୍ଟେଲ ଏବଂ ସହକାରୀ ପ୍ରଫେସରମାନଙ୍କ ବାସଭବନ ବୁଲି ଦେଖିଥିଲେ। ଏହି ପ୍ରକଳ୍ପଗୁଡ଼ିକର ନିର୍ମାଣର ଅଗ୍ରଗତି, କାର୍ଯ୍ୟର ଗୁଣବତ୍ତା ସମ୍ପର୍କରେ ସେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ମନ୍ତ୍ରୀ ହସ୍ପିଟାଲ ପରିସରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ । ହସ୍ପିଟାଲର ପ୍ରତ୍ୟେକ ଭବନରେ ଅଗ୍ନି ନିର୍ବାପକ ଉପକରଣ, ଜରୁରୀକାଳୀନ ନିର୍ଗମନ ପଥ, ଫାୟାର ଆଲାର୍ମ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହିତ ନିୟମିତ ଅଡିଟ୍ ଓ ମକ୍ ଡ୍ରିଲ୍ ଆୟୋଜନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ ଯେ, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ରାଜ୍ୟର ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ହୋଇଥିବାରୁ ଏଠାରେ ରୋଗୀ ସେବାର ମାନ, ଚିକିତ୍ସା ଭିତ୍ତିଭୂମି ଏବଂ ଶିକ୍ଷାନୁକୂଳ ପରିବେଶକୁ ଆହୁରି ଉନ୍ନତ କରିବା ରାଜ୍ୟ ସରକାରଙ୍କ ପ୍ରାଥମିକତା । ପ୍ରତ୍ୟେକ ପର୍ଯ୍ୟାୟରେ ଗୁଣାତ୍ମକମାନ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ, ରୋଗୀଙ୍କ ସୁବିଧା, ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟ ପରିବେଶ ଏବଂ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ରହଣି ସୁବିଧାରେ ଉନ୍ନତି ଆଣିବା ମୁଖ୍ୟ ଉଦ୍ଦେଶ୍ୟ। ନୂତନ ଭିତ୍ତିଭୂମି ସୃଷ୍ଟି ହେଲେ ରୋଗୀ ସେବାର ମାନ ବୃଦ୍ଧି ପାଇବା ସହିତ ରାଜ୍ୟର ଚିକିତ୍ସା ଶିକ୍ଷା



ବ୍ୟବସ୍ଥା ମଧ୍ୟ ଅଧିକ ସୁଦୃଢ଼ ହେବ । ପରିଦର୍ଶନ ସମୟରେ ମନ୍ତ୍ରୀ ହସ୍ପିଟାଲ ପରିସରର ପରିମଳ ବ୍ୟବସ୍ଥା, ରୋଗୀ ସୁବିଧା, ଜଳ ଓ ବିଦ୍ୟୁତ ଯୋଗାଣ, ଯାତାୟତ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ । ଆବଶ୍ୟକତା ଅନୁଯାୟୀ ତୁରନ୍ତ ପଦକ୍ଷେପ ଗ୍ରହଣ କରି ରୋଗୀ ଏବଂ ସେମାନଙ୍କ ପରିଜନଙ୍କୁ ଉନ୍ନତ ଓ ସୁବିଧାଜନକ ସେବା ପ୍ରଦାନ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ଏହି ପରିଦର୍ଶନ ଅବସରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର କଟକ ବିଧାୟକ ଶୌଭିକ ବିଶ୍ୱାଳ, ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିଶନର ଅଶ୍ୱତୀ ଏସ୍., ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କର୍ତ୍ତୃପକ୍ଷ, କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀମାନେ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୫୦୦୦ ଟଙ୍କା ଲାଞ୍ଚ ନେବା ବେଳେ ପଞ୍ଚାୟତ ଅଧିକାରୀଙ୍କୁ ମାଡ଼ିବସିଲା ଭିଜିଲାନ୍ସ

**କଟକ, ନ୍ୟୁଜ ବ୍ୟୁରୋ**

୫୦୦୦ ଟଙ୍କା ଲାଞ୍ଚ ନେବା ବେଳେ ପଞ୍ଚାୟତ ଅଧିକାରୀଙ୍କୁ ମାଡ଼ିବସିଲା ଭିଜିଲାନ୍ସ। ଯାଜପୁରଜିଲ୍ଲା କୋରେଇ ବ୍ଲକ୍ କାଚରା ସାହି ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ପ୍ରଫୁଲ୍ଲ କୁମାର ନାଥ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ପ୍ରେସ୍ ବିବୃତି ଅନୁସାରେ, ଜଣେ ଗୃହହୀନ ବିଧବା ହିତାଧିକାରୀ ଅନ୍ତ୍ୟୋଦୟ ଗୃହ ଯୋଜନା (ଏଜିୱାଇ)ର ଅନ୍ତିମ କିସ୍ତି ପାଇବାକୁ ପଞ୍ଚାୟତ କାର୍ଯ୍ୟାଳୟ ବାରମ୍ବାର ଦୌଡ଼ିଥିଲେ। ନିୟମାନୁସାରେ ନିଜର ଘର ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିଦେଇଥିଲେ, ଏଣୁ ତାଙ୍କୁ ବୋନସ ମଧ୍ୟ ମିଳିବାର ଥିଲା।



ତେବେ ଅର୍ଥର ଅଭାବ ଥବାରୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିକଟରେ ତୁରନ୍ତ କିସ୍ତି ପ୍ରଦାନ କରିବାକୁ ଅନେକ ହାରିଗୁହାରି କହିଥିଲେ। ତେବେ ଏହି କିସ୍ତି ଦେବା ପାଇଁ ପିଇଓ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଜଣେ ଗରିବ ବିଧବାଙ୍କ ଦୁଃଖ କୌଣସି ପ୍ରକାରେ ପିଇଓ ପ୍ରଫୁଲ୍ଲ କୁମାରଙ୍କ ହୃଦୟରେ ଦୟା ସଞ୍ଚାର କରିଥିଲା, ୧୦ହଜାର ଟଙ୍କାକୁ ହ୍ରାସ କରି ୫ ହଜାର ଟଙ୍କା ଦେବା ପାଇଁ ଦାବି କରିଥିଲେ। ଏହି ଟଙ୍କା ନଦେଲେ ଅନ୍ତିମ କିସ୍ତି ଓ ବୋନସ ଟଙ୍କା ବନ୍ଦ କରିଦେବେ ବୋଲି ଧମକ ଦେଇଥିଲେ। ଏଥିରେ ଉକ୍ତ ହିତାଧିକାରୀ ଅନ୍ୟ ଉପାୟ ନପାଇ ଭିଜିଲାନ୍‌ସର ଦ୍ୱାରସ୍ଥ ହୋଇଥିଲେ। ଆଜି ଉକ୍ତ ବିଧବା ମହିଳାଙ୍କ ନିକଟରୁ ପିଇଓ ଉକ୍ତ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍‌ସ ଟିମ୍ ମାଡ଼ିବସିଥିଲା। ଏନେଇ ପିଇଓ ନାଥଙ୍କ ବିରୋଧରେ କଟକ ଭିଜିଲାନ୍‌ସ ଥାନାରେ ୨୬/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଘର ଓ କାର୍ଯ୍ୟାଳୟରେ ଚଢ଼ାଉ ଜାରି ରହିଛି।

# ବର୍ଷା ଯୋଗୁଁ ଫସଲ କ୍ଷୟକ୍ଷତି ନେଇ ଜିଲ୍ଲାକୁ ରିପୋର୍ଟ ମଗାଯାଇଛି : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବର୍ଷା ଯୋଗୁଁ ଫସଲ କ୍ଷୟକ୍ଷତି ନେଇ ଜିଲ୍ଲାକୁ ରିପୋର୍ଟ ମଗାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଫସଲ କ୍ଷୟକ୍ଷତି ନେଇ ବଲାଙ୍ଗୀର ଓ କଟକ ଜିଲ୍ଲାପାଳ ରିପୋର୍ଟ ଦେଇ ସାରିଛନ୍ତି। କ୍ଷତି ସହିଥିବା ଲୋକଙ୍କ ଆକାଉଂଟକୁ କ୍ଷତିପୂରଣ ରାଶି ସିଧା ପଠାଯିବ।



# ପଞ୍ଚାୟତ ଖର୍ଚ୍ଚର କଡ଼ାଗଣ୍ଡା ହିସାବ ରଖିବ ଗ୍ରାମସଭା

## ସିଏଫ୍‌ସି ପାଣ୍ଠିରେ ଗାଡ଼ି କିଣା, ଦରମା, ଧାର୍ମିକ କାର୍ଯ୍ୟକ୍ରମ ମନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଏଣିକି ପଞ୍ଚାୟତ ଖର୍ଚ୍ଚର କଡ଼ାଗଣ୍ଡା ହିସାବ ରଖିବ ଗ୍ରାମସଭା । ଏହାକୁ ଆହୁରି ଶକ୍ତିଶାଳୀ କରିବାକୁ ଯୋଜନା କରିଛନ୍ତି ସରକାର । ସବୁ ପଞ୍ଚାୟତରେ କେନ୍ଦ୍ରୀୟ ଷୋଡ଼ଶ ଅର୍ଥ କମିଶନ(ସିଏଫ୍‌ସି) ପାଣ୍ଠି ଠିକ୍‌ରେ ଖର୍ଚ୍ଚ କରିବାକୁ କଡ଼ା ଯାଞ୍ଚ ହେବ । ଏଥିପାଇଁ ଗ୍ରାମସଭାକୁ ଅଧିକ ଦାୟିତ୍ୱ ଓ କ୍ଷମତା ମିଳିବ । ଗ୍ରାମସଭାରେ ପଞ୍ଚାୟତ ଖର୍ଚ୍ଚର ଟିକିନିଖି ହିସାବ ରଖାଯିବ। କେବଳ ଜିଲ୍ଲାସ୍ତରରେ ନୁହେଁ, ପଞ୍ଚାୟତସ୍ତରରେ ଅଧିକ ପ୍ରଭାବୀ ସୋସିଆଲ ଅଡିଟ୍ ହେବ । ପଞ୍ଚାୟତରେ ହେଉଥିବା ଖର୍ଚ୍ଚ ଜଗିବାକୁ ସ୍ୱତନ୍ତ୍ର ଭିଜିଲାନ୍ସ ସେଲ୍ ଖୋଲାଯିବ। ଏଭଳି ଯୋଜନା କରିଛି ପଞ୍ଚାୟତିରାଜ ବିଭାଗ । ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ ମିଳିଥିବା କେନ୍ଦ୍ରୀୟ ପାଣ୍ଠିକୁ କେଉଁ ବାବଦରେ ଖର୍ଚ୍ଚ କରାଯିବ, ତା'ର ମଧ୍ୟ ତାଲିକା ଦିଆଯାଇଛି । ସିଏଫ ଏଥିପାଇଁ ସାନି ମାନଦଣ୍ଡ ଧାର୍ଯ୍ୟ କରିଛି । କେନ୍ଦ୍ରୀୟ ପାଣ୍ଠିରୁ କୌଣସି ଧାର୍ମିକ କାର୍ଯ୍ୟକ୍ରମ, ମେଳା, ଧାର୍ମିକ ଅନୁଷ୍ଠାନ ପାଇଁ ନିର୍ମାଣ, ବ୍ୟକ୍ତିଗତ ପ୍ରଚାର, କୌଣସି ଦାତବ୍ୟ କାର୍ଯ୍ୟକ୍ରମ, ଭୋଜି ବା ପର୍ବ ପାଳନ, କୌଣସି ଅନୁଷ୍ଠାନକୁ ଦାନ, ଗାଡ଼ି କିଣା ଏବଂ ଦରମା ବା ପାରିଶ୍ରମିକ ପ୍ରଦାନ କରିହେବନି । ପଞ୍ଚାୟତଗୁଡ଼ିକ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଜିପିଡିପି(ଗ୍ରାମ ପଞ୍ଚାୟତ ଡେଭଲପମେଣ୍ଟ ପ୍ଲାନ୍) ଦାଖଲ କରିବାକୁ କୁହାଯାଇଛି । ଜନସଂଖ୍ୟା ଓ ଟାଏଡ୍, ଅନଟାଏଡ୍ ପାଣ୍ଠି ଓ ଏକାଧିକ ମାନଦଣ୍ଡକୁ ବିଚାରକୁ ନେଇ କେଉଁ ପଞ୍ଚାୟତକୁ କେତେ ପାଣ୍ଠି ମିଳିବ, ତାହା ଧାର୍ଯ୍ୟ ହୋଇଛି । ଜନସଂଖ୍ୟା ହିସାବରେ ଯେଉଁ ବର୍ଗର ପଞ୍ଚାୟତକୁ ଯେତେ ଅର୍ଥ ଦେବାକୁ ଧାର୍ଯ୍ୟ ହୋଇଛି, ସେହି ଆଧାରରେ ହିଁ ପଞ୍ଚାୟତଗୁଡ଼ିକ ଆସନ୍ତା ଆର୍ଥିକ ବର୍ଷ ପାଇଁ ପ୍ଲାନ୍ ବା ଯୋଜନା ଦେବେ । କେନ୍ଦ୍ର ଓ ରାଜ୍ୟର ଗାଇଡଲାଇନ୍ ମୁତାବକ ପ୍ରତି ପଞ୍ଚାୟତ ଜିପିଡିପି ପ୍ରସ୍ତୁତ କରିବେ। ଯେଭଳି ବଜେଟ୍‌ରେ ରାଜ୍ୟ ପାଇଁ ବ୍ୟୟବରାଦ ଓ ଆୟ ଉତ୍ସର ହିସାବ ରୁହେ, ଠିକ୍ ସେହିଭଳି ଜିପିଡିପି ହେଉଛି ପଞ୍ଚାୟତର ବଜେଟ୍ । ଏଥିରେ ବର୍ଷକ ପାଇଁ ଗାଁ ବିକାଶର ଟିକିନିଖି ଯୋଜନା ଓ ପ୍ରକଳ୍ପ ବିବରଣୀ ରହିବ। ଜିପିଡିପିକୁ ବିଡିଓ ମଞ୍ଜୁରୀ ଦେବା ପରେ ଏହା ଇ-ଗ୍ରାମ ସ୍ୱରାଜ ପୋର୍ଟାଲରେ ଅପଲୋଡ୍ ହେବ । ଜିପିଡିପି ଦେବା ପରେ ଯାଇ ପ୍ରତି ପଞ୍ଚାୟତକୁ ଅର୍ଥ ମିଳିବ ଓ ଜିପିଡିପି ହିସାବରେ ଖର୍ଚ୍ଚ ହେବ । ୨୦୨୬-୨୭ ଆର୍ଥିକ ବର୍ଷରେ ରାଜ୍ୟର ପଞ୍ଚାୟତଗୁଡିକୁ ୧୪୪୨ କୋଟିର ବେସିକ୍ ଗ୍ରାଣ୍ଟ ମିଳିବ । ବେସିକ୍ ଗ୍ରାଣ୍ଟର ୫୦% ଟାଏଡ୍ ଗ୍ରାଣ୍ଟ ହୋଇଥିବାବେଳେ ଆଉ ୫୦% ଅନଟାଏଡ୍ ଗ୍ରାଣ୍ଟ । ଅର୍ଥାତ୍ ରାଜ୍ୟର ପଞ୍ଚାୟତଗୁଡିକୁ ମୋଟ ୭୨୧.୨୦ କୋଟିର ଟାଏଡ୍ ଗ୍ରାଣ୍ଟ ଓ ୭୨୧.୨୦ କୋଟିର ଅନ-ଟାଏଡ୍ ଗ୍ରାଣ୍ଟ ମିଳିବ । ସମସ୍ତ ପଞ୍ଚାୟତ ସମିତି ବା ବ୍ଲକ୍ ଗୁଡ଼ିକୁ ୨୦୨୬-୨୭ ବର୍ଷ ପାଇଁ ୩୬୦ କୋଟିର ଟାଏଡ ଗ୍ରାଣ୍ଟ ଓ ୩୬୦ କୋଟିର ଅନଟାଏଡ ଗ୍ରାଣ୍ଟ ମିଳିବ। ଜିଲ୍ଲା ପରିଷଦଗୁଡ଼ିକୁ ୧୨୦ କୋଟିର ଟାଏଡ ଗ୍ରାଣ୍ଟ ଓ ୧୨୦ କୋଟିର ଅନ-ଟାଏଡ୍ ଗ୍ରାଣ୍ଟ ମିଳିବ। ପଞ୍ଚାୟତକୁ ମିଳିଥିବା ଟାଏଡ୍ ଗ୍ରାଣ୍ଟକୁ କେବଳ ସଫେଇ, ବର୍ଜ୍ୟ ପରିଚାଳନା, ପାଣି ଯୋଗାଣ ଓ ଏହାର ପରିଚାଳନା ବାବଦରେ ଖର୍ଚ୍ଚ କରି ହେବ । କିନ୍ତୁ ୫୦% ଅନ-ଟାଏଡ୍ ଗ୍ରାଣ୍ଟକୁ ଗ୍ରାମସଭାର ନିଷ୍ପତ୍ତି ମୁତାବକ ଯେ କୌଣସି ବାବଦରେ ଖର୍ଚ୍ଚ କରିହେବ। କିନ୍ତୁ ଏଥିରେ ଏକ ସର୍ତ୍ତ ରଖାଯାଇଛି। ଅନ-ଟାଏଡ୍ ଗ୍ରାଣ୍ଟର ସର୍ବାଧିକ ୨୦% ଅର୍ଥକୁ ରାସ୍ତା ନିର୍ମାଣ ଓ ଏହାର ମରାମତି ପାଇଁ ଖର୍ଚ୍ଚ କରି ହେବ । ଏଥିରୁ ଟଙ୍କାଟିଏ ଅଧିକ ଖର୍ଚ୍ଚ ପାଇଁ ଅନୁମତି ମିଳିବନି । ପୂର୍ବରୁ ଅନଟାଏଡ୍ ଗ୍ରାଣ୍ଟରୁ ଏଥିପାଇଁ ମନଇଚ୍ଛା ଟଙ୍କା ଖର୍ଚ୍ଚ କରି ହେଉଥିଲା। ଅନ-ଟାଏଡ୍ ଗ୍ରାଣ୍ଟରୁ ପଞ୍ଚାୟତଗୁଡିକ ପ୍ରାଥମିକ ସ୍କୁଲ ଓ ଅଙ୍ଗନବାଡ଼ି ମରାମତି, କଲଭର୍ଟ ନିର୍ମାଣ, ଗାଁ ହାଟ ଓ ପାର୍କ, ଖେଳପଡ଼ିଆ, ମାର୍କେଟ କମ୍ପ୍ଲେକ୍ସ ଓ ରାଜସ୍ୱ ସୃଷ୍ଟି କରୁଥିବା ସମ୍ପତ୍ତିର ରକ୍ଷଣାବେକ୍ଷଣ କରିହେବ। ଏବେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଚାଲିଛି । ଏଥିରେ ପଞ୍ଚାୟତରେ କଠିନ ବର୍ଜ୍ୟବସ୍ତୁର ପରିଚାଳନା ସୁବିଧା ସୃଷ୍ଟି ସହ ଓଡିଏଫ ପ୍ଲସ୍ ମଡେଲ ସଫଳତା ହାସଲ କରିବାକୁ ଲକ୍ଷ୍ୟ ରହିଛି । ପଞ୍ଚାୟତ ଗୁଡ଼ିକ ଏବେ ଯେଉଁ ଜିପିଡିପି ତିଆରି କରିବେ, ସେଥିରେ ଗୋଷ୍ଠୀ ପରିମଳ ଓ କଠିନ ବର୍ଜ୍ୟବସ୍ତୁର ପରିଚାଳନା ଭିତ୍ତିଭୂମି ନିର୍ମାଣ ପାଇଁ ଯୋଜନା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ପାଠ୍ୟପୁସ୍ତକ ତ୍ରୁଟି ମାମଲା : ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ୪ ଜଣ ବରିଷ୍ଠ ଅଧିକାରୀ

**କଟକ, ନ୍ୟୁଜ ବ୍ୟୁରୋ**

ପାଠ୍ୟପୁସ୍ତକରେ ତ୍ରୁଟି ମାମଲା । ଆଗୁଆ ଜାମିନ ପାଇଁ ଆଉ ଚାରି ଜଣ ଅଧିକାରୀ ହେଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ । ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ୩ ଜଣ ବରିଷ୍ଠ ଅଧିକାରୀ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି । ଦିଲ୍ଲୀପ କୁମାର ସାହୁ, ପ୍ରଲିପ୍ତା ମିଶ୍ର, ଭାରତୀ ଟୁଡୁ, କିଶୋର କୁମାର କରଙ୍କ ଆଗୁଆ ଜାମିନ ଆବେଦନ କରିଛନ୍ତି। ପୂର୍ବରୁ ପ୍ରକାଶନୀ ସଂସ୍ଥାର ଅନୁପମ ଘୋଷ ଓ ଅସୀମ କୁମାର ଘୋଷ ଆଗୁଆ ଜାମିନ ଆବେଦନ କରିଛନ୍ତି। ପାଠ୍ୟପୁସ୍ତକ ତ୍ରୁଟି ମାମଲା । ବଢ଼ିଲା ଗିରଫଦାରୀ ଭୟ । ଗିରଫଦାରୀ ଭୟରେ ଆଗୁଆ ଜାମିନ ଆବେଦନ କରିଛନ୍ତି ୪ ଜଣ ବରିଷ୍ଠ ଅଧିକାରୀ । ଏହି ବହି ତ୍ରୁଟି ମାମଲାରେ ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ମାମଲାରେ ତଦନ୍ତ କରି ପ୍ରଥମେ ମନୋଜ ପାଢୀଙ୍କୁ ଗିରଫ କରାଯାଇଥିଲା । ଏହାସହିତ ଅନେକ ବ୍ୟକ୍ତିଙ୍କୁ ଜେରା ମଧ୍ୟ କରିଥିଲା କ୍ରାଇମବ୍ରାଞ୍ଚ । ଅନ୍ୟପଟେ କିପରି ବହିରେ ତ୍ରୁଟି ହେଲା, ଏଥିପାଇଁ କିଏ ଦାୟୀ । ସେ ଦିଗକୁ ନେଇ ମଧ୍ୟ କ୍ରାଇମବ୍ରାଞ୍ଚ ଯାଞ୍ଚ ଆରମ୍ଭ କରିଛି ।


**ALL INDIA COUNCIL FOR TECHNICAL EDUCATION**
(A Statutory Body of the Government of India)
Ministry of Education
Nelson Mandela Marg, Vasant Kunj, New Delhi-110070
Ph. No.: 011-29581000, Website:www.aicte.gov.in

Government of India

## AICTE SCHOLARSHIP SCHEMES
## 2026-27

Online proposals are invited from **AICTE approved Institutions/Students studying in AICTE approved institutions/Courses** for the academic year 2026-27 for disbursement of Scholarship through DBT to the eligible admitted students in 2026-27 from 01.06.2026.

| Sl. No. | Name of the Scheme | Online portal for application | Last date for submission of application by the student | Last date for verification/submission of application by the Institute |
|---|---|---|---|---|
| 01. | AICTE Pragati Scholarship Scheme (Degree & Diploma) (Fresh & Renewal) | | | |
| 02. | AICTE Saksham Scholarship Scheme (Degree & Diploma) (Fresh & Renewal) | https://www.scholarships.gov.in | 31.10.2026 | 15.11.2026 |
| 03. | AICTE Swanath Scholarship Scheme (Degree & Diploma) (Fresh & Renewal) | | | |

For details regarding eligibility, terms and conditions, etc. please visit AICTE website: www.aicte.gov.in for respective schemes.

**Advt. No.**
AICTE/SAG Bureau/07(03) 2026

**Shyama Rath**
Member Secretary, AICTE

cbc 21300/11/0006/2627

ଭୁବନେଶ୍ୱର, ୨୨ ଜୁଲାଇ, ବୁଧବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

## ‘ଶ୍ରାବଣୀ’ ଆରମ୍ଭ ହେବାକୁ ଆହୁରି ୧୦ ଦିନ ବାକି

# ଆଗୁଆ ମହାଦେବଙ୍କୁ ଜଳାଭିଷେକ କଲେ କାଉଡ଼ିଆ

ଭୁବନେଶ୍ୱର, ୨୧/୦୭
ନ୍ୟୁଜ ବ୍ୟୁରୋ

ଆହୁରି ୧୦ଦିନ ପରେ ଶ୍ରାବଣ ଜଳଲାଗି ପର୍ବ ‘ଶ୍ରାବଣୀ’ ଆରମ୍ଭ ହେବ। କିନ୍ତୁ ଏବେଠୁ ଭକ୍ତମାନେ ନିଜ ଆରାଧ୍ୟଙ୍କ ଠାରେ ଜଳଲାଗି କରିବାକୁ ବ୍ୟଗ୍ର ହେଲେଣି। ସୋମବାର ଏହିଭଳି ଏକ ରୋଚକ ସ୍ଥିତି ଶ୍ରୀଲିଙ୍ଗରାଜ ମନ୍ଦିରରେ ଦେଖିବାକୁ ମିଳିଥିଲା। ବାଲେଶ୍ୱର ଜିଲ୍ଲାର କିଛି କାଉଡିଆ ଭକ୍ତ ମହାନଦୀରୁ ପାଣି ଉତ୍ତୋଳନ କରି ଶ୍ରୀଲିଙ୍ଗରାଜଙ୍କ ଠାରେ ଲାଗି କରିବାକୁ ଭୋରରେ ମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚି ଥିଲେ । ମନ୍ଦିର ପହୁଡ ଖୋଲିବା



ପରେ ସାହାଣମେଲା ଦର୍ଶନ ବେଳେ ସେମାନେ ଭିତରକୁ ପ୍ରବେଶ କରିଥିଲେ । ଶ୍ରାବଣ ମାସ ଆରମ୍ଭ ନ ହେଉଣୁ ଆସିଥିଲେ ମଧ୍ୟ ସେମାନଙ୍କ ଇଛାକୁ ସମ୍ମାନ ଜଣାଇ ଜଳଲାଗି କରିବାକୁ କେହି ତାଙ୍କୁ ବାଧା ଦେଇ ନଥିଲେ। ଏମିତିକି ଶ୍ରାବଣୀ ପାଉଣା ବାବଦୀୟ ଦେୟ ମଧ୍ୟ ସେମାନଙ୍କଠୁ ମନ୍ଦିର ପ୍ରଶାସନ ତରଫରୁ ଅସୁଲ କରାଯାଇନି। କେବଳ ନଡିଆ ବାବଦ ଟିକଟ କଟାଯାଇଥିବା ଜଣେ ମନ୍ଦିର କର୍ମଚାରୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ବ୍ରାହ୍ମଣ ନିଯୋଗ ସେବାୟତ ଶକ୍ତି ମହାପାତ୍ର କହିଛନ୍ତି ଯେ ଆମର ଏଠି ଆସନ୍ତା ୩୦ ତାରିଖ ଠାରୁ ଜଳଲାଗି ପାଇଁ ବିଧିବଦ୍ଧ ଭାବେ ବ୍ୟବସ୍ଥା ଉପଲବ୍ଧ ହେବ । ତେଣୁ ଏ ବାବଦ ପ୍ରସ୍ତୁତି ବୈଠକ ମଧ୍ୟ ମଙ୍ଗଳବାର ସନ୍ଧ୍ୟାରେ ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି ।

# ମହାପ୍ରଭୁଙ୍କ କନକମୁଣ୍ଡି ଚାନ୍ଦୁଆ କାମ ଆରମ୍ଭ

## ରତ୍ନସିଂହାସନ ଉପରେ ଲାଗିବ : ଶ୍ରୀମସ୍ତକ ଉପରେ ଶୋଭା ପାଇବ

ପୁରୀ,୨୧/୦୭ ନ୍ୟୁଜ ବ୍ୟୁରୋ

ମହାପ୍ରଭୁଙ୍କ କନକମୁଣ୍ଡି ଚାନ୍ଦୁଆ କାମ ସୋମବାର ଆରମ୍ଭ ହୋଇଛି । ବାସେଳି ସାହି ବଡ଼ଓଡ଼ିଆ ମଠ ପରିସରରେ ପ୍ରମୁଖ ମହାପ୍ରଭୁଙ୍କ ଦର୍ଜୀ ସେବକ ପ୍ରକାଶ ମହାପାତ୍ର ଓ ତାଙ୍କ ପୁଅ ଆୟୁଷ ମହାପାତ୍ର ଚାନ୍ଦୁଆ ଅନୁକୂଳ କରିଛନ୍ତି । ରତ୍ନସିଂହାସନ ଉପରେ ଲାଗିବ କନକମୁଣ୍ଡି ଚାନ୍ଦୁଆ । ନୀଳାଦ୍ରି ବିଜେ ମହୋତ୍ସବରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନରେ ବିଜେ ହେବେ । ସେହିଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀମସ୍ତକ ଉପରେ ଶୋଭା ପାଇବ କନକମୁଣ୍ଡି ଚାନ୍ଦୁଆ । ପ୍ରକାଶ କୁହନ୍ତି, କନକମୁଣ୍ଡି ଚାନ୍ଦୁଆ ନିର୍ମାଣରେ ବିଶେଷତ୍ୱ ରହିଛି । ମୁଖ୍ୟତଃ ପଞ୍ଚବର୍ଣ୍ଣ ରଙ୍ଗରେ ପ୍ରସ୍ତୁତ ହେବ



ଏହି ଚାନ୍ଦୁଆ । ଶ୍ରୀଜଗନ୍ନାଥଙ୍କ ମସ୍ତକ ଉପରେ ହଳଦିଆ ରଙ୍ଗ, ଦେବୀ ସୁଭଦ୍ରାଙ୍କ ମସ୍ତକ ଉପରେ ନାଲି ରଙ୍ଗ ଓ ଶ୍ରୀବଳଭଦ୍ରଙ୍କ ମସ୍ତକ ଉପରେ ରହିବ ସବୁଜ କପଡ଼ା ଚଉକ । ଧଳାପଟି, ହଳଦିଆ ପଟି, ଖଣ୍ଡୁଆଳି ପଟି, ସବୁଜ ପଟି, ମୋଡ଼ା ପଟି, ନାଲି ପଟି, କଳା ରଙ୍ଗ ପଟି ପରକୁ ପର ରହି ଚାନ୍ଦୁଆ ତିଆରି ହେବ । ସିଲ୍କ ଓ କଟନ୍ କନାରେ ଚାନ୍ଦୁଆ ପ୍ରସ୍ତୁତ ହେଉଥିବା ସେ କହିଛନ୍ତି । ବଡ଼ଓଡ଼ିଆ ମଠ ପକ୍ଷରୁ ଏହି ସେବା ଯୋଗାଯାଉଥିବା ସେ କୁହନ୍ତି ।

# ଶ୍ରୀମନ୍ଦିରରେ ଲକ୍ଷ୍ମୀଙ୍କ ମନ୍ଦିରକୁ ଘୋର ଅବହେଳା

## ଭଙ୍ଗା ପଲଙ୍କରେ ଶୋଉଛନ୍ତି, ପିନ୍ଧୁଛନ୍ତି ଦଦରା କିରୀଟ

ପୁରୀ, ୨୧/୦୭ ନ୍ୟୁଜ ବ୍ୟୁରୋ

ସାରା ଜଗତର ମାଲିକାଣୀଙ୍କ ପାଇଁ ଭଲ ପଲଙ୍କଟିଏ ନାହିଁ । ଭଙ୍ଗା ପଲଙ୍କରେ ଶୋଉଛନ୍ତି ମହାଲକ୍ଷ୍ମୀ। ସିଂହାସନରେ ଅଧୁଖିଆ ହୋଇ ସଦରା କିରୀଟ ଲାଗି ହେଉଛନ୍ତି। ପୁରୁଣା ତଥା ଭଙ୍ଗା ବିମାନକୁ ସେବକମାନେ ବାରବାର ମରାମତି କରି ଠାକୁରାଣୀଙ୍କୁ ପିନ୍ଧାଉଛନ୍ତି । ପ୍ରଶାସନ ଠାକୁରାଣୀଙ୍କ ଗଜଦନ୍ତ ପଲଙ୍କ ନେଇ କାଠ ପଲଙ୍କଟିଏ ଦେଇଥିଲା। ଏବେ ତାହା ପୁରୁଣା ହୋଇ ଭାଙ୍ଗିଗଲାଣି। କିଛି ବର୍ଷ ପୂର୍ବେ ଠାକୁରାଣୀଙ୍କ ଭଣ୍ଡାରରୁ ୮୦୦ ଗ୍ରାମ୍ ସୁନା ନେଇଥିଲା ପ୍ରଶାସନ। ଗଜଦନ୍ତ ପଲଙ୍କ ମଧ୍ୟ ନେଇଯାଇଛି । ଠାକୁରାଣୀଙ୍କ ଭଙ୍ଗା କିରୀଟ ଓ ପଲଙ୍କର ସ୍ଥିତି ବାବଦରେ ବହୁବାର ଜଣାଯାଇଛି । ହେଲେ ମହାଲକ୍ଷ୍ମୀଙ୍କ ନୂତନ କିରୀଟ ଦେଇ ନାହିଁ ପ୍ରଶାସନ। ଏହିଭଳି ଶ୍ରୀମନ୍ଦିରରେ ଲକ୍ଷ୍ମୀଙ୍କ ମନ୍ଦିରକୁ ବର୍ଷ ବର୍ଷ ହେଲା ଘୋର ଅବହେଳା କରାଯାଉଥିବା ଖୋଦ ମା’ଙ୍କ ସେବକମାନେ ଅଭିଯୋଗ କରିଛନ୍ତି।





ଶ୍ରୀମନ୍ଦିର ଭିତରେ ଶ୍ରୀପୂର୍ଣ୍ଣ ଦେବସ୍ଥଳୀ ଶ୍ରୀହୀନ ଦେଖାଗଲା । ବଡ଼ଦେଉଳ ବାହାର ଚକଚକ କରି ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଅବହେଳିତ ସ୍ଥିତିରେ ଛାଡ଼ିଦେଇଛି। ମନ୍ଦିରରେ ଥିବା ଅନେକ ମହତ୍ତ୍ୱପୂର୍ଣ୍ଣ ଚିତ୍ର ଲିଭିଗଲାଣି ଯାହାର ଯଥେଷ୍ଟ ଆଧ୍ୟାତ୍ମିକ ମହତ୍ତ୍ୱ ରହିଥିଲା। ଜଗମୋହନ ଜନ୍ଦର ରକ୍ଷଣାବେକ୍ଷଣ ଅଭାବରୁ ଚିତ୍ର ଖରାପ ହୋଇଗଲାଣି । ପ୍ରତିଦିନ ହଜାର ହଜାର ଭକ୍ତ ମା’ଙ୍କ କୃପା ଲାଭ କରିବାକୁ ମନ୍ଦିରକୁ ଆସି ମହାଲକ୍ଷ୍ମୀଙ୍କୁ ଦର୍ଶନ କରୁଛନ୍ତି। ମନ୍ଦିରରେ ପଡ଼ିଥିବା ମାର୍ବଲ ପଥର ବିଭିନ୍ନ ସ୍ଥାନରେ ଭାଙ୍ଗିବାରୁ ଖଣ୍ଡିଆ ପଥର ବାଜି ଶ୍ରଦ୍ଧାଳୁମାନେ କ୍ଷତାକ୍ତ ହେଉଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ହୁଏତ ନିଜ ଦାୟିତ୍ୱ ସୁତାଇବାକୁ ଏଭଳି ଅଭିଯୋଗକୁ ଗିଳି ଦେବେ। ଠାକୁରାଣୀଙ୍କ ପ୍ରତି ହେଉଥିବା ଅବହେଳା ସାଧାରଣରେ ମାନୁନାହାନ୍ତି। ହେଲେ ଠାକୁରାଣୀଙ୍କ ଦୈନନ୍ଦିନ ସେବା କରୁଥିବା ସେବକମାନେ ମା’ଙ୍କ ପ୍ରତି ହେଉଥିବା ଅଣଦେଖାକୁ କିପରି ସହିଯିବେ?

## ଓଡ଼ିଶା ହାଇକୋର୍ଟଙ୍କ ସହ ଏକମତ ହେଲେ ସୁପ୍ରିମ୍‌କୋର୍ଟ

# ‘ଅପଟ୍-ଆଉଟ୍’ ବ୍ୟବସ୍ଥା ସାରା ଦେଶରେ ଲାଗୁ ପାଇଁ ସିବିଏସ୍‌ଇକୁ ନିର୍ଦ୍ଦେଶ

କଟକ, ୨୧/୦୭
ନ୍ୟୁଜ ବ୍ୟୁରୋ

ଛାତ୍ରଛାତ୍ରୀଙ୍କ ପାଇଁ ଉଦିଷ୍ଟ ଅପାର (ଅଟୋମେଟଡ୍ ପରମାନେଣ୍ଟ ଏକାଡେମିକ ଆକାଉଣ୍ଟ୍ ରେଜିଷ୍ଟ୍ରି) ଆଇଡି ସଂପୂର୍ଣ୍ଣ ଇଚ୍ଛାଧୀନ ବୋଲି ଓଡ଼ିଶା ହାଇକୋର୍ଟ ଦେଇଥିବା ଏକ ରାୟ ସହ ଏକମତ ହୋଇଛନ୍ତି ସୁପ୍ରିମ୍‌କୋର୍ଟ। ଓଡ଼ିଶା ହାଇକୋର୍ଟଙ୍କ ଏହି ରାୟକୁ ଆଧାର କରି ସୁପ୍ରିମ୍‌କୋର୍ଟ ଅପାର ଆଇଡି ବ୍ୟବସ୍ଥାକୁ ସାରା ଦେଶରେ ଇଚ୍ଛାଧୀନ ବା ଅପଟ୍-ଆଉଟ୍’ ମଡେଲ୍‌ରେ ଲାଗୁ କରିବାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ)କୁ ନିର୍ଦ୍ଦେଶ ଦେବାକୁ ଯାଉଛନ୍ତି । ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୋମାଲ୍ୟା ବାଗ୍‌ଚି ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ



ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ହାଇକୋର୍ଟଙ୍କ ରାୟରେ ସହମତି ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ଅପାର ଆଇଡି ହାସଲ କରିବା ବାଧ୍ୟତାମୂଳକ କରାଯାଇଥିବା ଅଭିଯୋଗ କରି ଅଭିଷେକ ବକ୍ସି ନାମକ ଜଣେ ବ୍ୟକ୍ତି ସୁପ୍ରିମକୋର୍ଟରେ ଏହି ମାମଲା ଦାୟର କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ଯୁକ୍ତିରେ ଦର୍ଶାଇଥିଲେ ଯେ, ଅପାର ଆଇଡି ଯୋଜନାକୁ ଇଚ୍ଛାଧୀନ ବୋଲି କୁହାଯାଉଥିଲେ ମଧ୍ୟ ବ୍ୟବହାରିକ କ୍ଷେତ୍ରରେ ଏହା ବାଧ୍ୟତାମୂଳକ ହୋଇପଡ଼ିଛି । ବିଶେଷ କରି ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସିବିଏସ୍‌ଇ ରେକର୍ଡରେ ସାମିଲ ହେବା ପାଇଁ ଆଧାର-ଲିଙ୍କଡ୍ ଅପାର ଆଇଡି ବାଧ୍ୟତାମୂଳକ କରାଯାଇଛି, ଯାହାକି ଛାତ୍ରଛାତ୍ରୀଙ୍କ ଗୋପନୀୟତାର ଅଧିକାରକୁ ଉଲ୍ଲଂଘନ କରୁଛି । ସୁପ୍ରିମକୋର୍ଟ ଏହି ଅବସରରେ କହିଛନ୍ତି ଯେ, ସମ୍ପ୍ରତି ଦେଶରେ ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ଲାଗୁ ହୋଇଛି। କୌଣସି କର୍ତ୍ତୃପକ୍ଷ ଏହି ଆଇନକୁ ଉଲ୍ଲଂଘନ କରିପାରିବେ ନାହିଁ । ଓଡ଼ିଶା ହାଇକୋର୍ଟ ଯେଉଁ ‘ଅପଟ୍-ଆଉଟ୍’ ବ୍ୟବସ୍ଥା (ଅର୍ଥାତ୍ ଛାତ୍ରଛାତ୍ରୀ ଚାହିଁଲେ ଏଥିରୁ ବାଦ୍ ପଡ଼ିପାରିବେ) ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ତାହାକୁ ସାରା ଦେଶରେ କାର୍ଯ୍ୟକାରୀ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେବାକୁ ଯାଉଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅପାର ଆଇଡି ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ‘ୱାନ୍ ନେସନ୍, ୱାନ୍ ଷ୍ଟୁଡେଣ୍ଟ ଆଇଡି’ ଅଧୀନରେ ଆସୁଛି। ଅପାର ହେଉଛି ୧୨ ଅଙ୍କ ବିଶିଷ୍ଟ ଏକ ସ୍ୱତନ୍ତ୍ର ଆଜୀବନ ଏକାଡେମିକ୍ ପରିଚୟ ନମ୍ବର । ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମାର୍କସିଟ୍, ସାର୍ଟିଫିକେଟ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମର ରେକର୍ଡ ଡିଜିଲକରରେ ସଂରକ୍ଷିତ ରଖାଯାଏ । ଏହି ନିଷ୍ପତ୍ତି ଦ୍ୱାରା ଛାତ୍ରଛାତ୍ରୀମାନେ ଏବେ ଏହି ସେବାରେ ସାମିଲ ହେବେ କି ନହେବେ ସେ ନେଇ ନିଷ୍ପତ୍ତି ନେଇପାରିବେ, ଯାହା ତଥ୍ୟ ସୁରକ୍ଷା ଦୃଷ୍ଟିରୁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି।

## ରେଭେନ୍ସାରେ ରେକର୍ଡ କଟ୍-ଅଫ୍

# ଅର୍ଥନୀତି (ସମ୍ମାନ)ରେ ୯୯.୬୭% : ଦ୍ୱିତୀୟ ମେଧା ତାଲିକାରେ ସର୍ବାଧିକ

ଭୁବନେଶ୍ୱର, ୨୧/୦୭
ନ୍ୟୁଜ ବ୍ୟୁରୋ

ଓଡ଼ିଶାର ସ୍ନାତକ (ୟୁଜି) ଆଡମିଶନ ପାଇଁ ଶିକ୍ଷାବର୍ଷ ୨୦୨୬-୨୭ର ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇଛି। ଏହି ଦ୍ୱିତୀୟ ମେଧା ତାଲିକାରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସର୍ବକାଳୀନ ଓ ସର୍ବାଧିକ କଟ୍-ଅଫ୍ ସହ ଶୀର୍ଷ ସ୍ଥାନରେ ରହିଛି ବୋଲି ଜଣାପଡ଼ିଛି। ବିଶେଷକରି ଅର୍ଥନୀତି ବିଷୟରେ କଟ୍-ଅଫ୍ ୯୯.୬୭ ପ୍ରତିଶତରେ ପହଞ୍ଚିଛି, ଯାହାକୁ ରାଜ୍ୟର ଇତିହାସରେ ଦ୍ୱିତୀୟ ମେଧା ତାଲିକାର ସର୍ବାଧିକ କଟ୍-ଅଫ୍ ବୋଲି କୁହାଯାଉଛି। ଏହା ପ୍ରମାଣ କରୁଛି ଯେ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଚାହିଦା କ୍ରମାଗତ ଭାବେ ବଢୁଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପକ୍ଷରୁ କୁହାଯାଇଛି ଯେ, ଦ୍ୱିତୀୟ ପର୍ଯ୍ୟାୟରେ କଳା ବିଭାଗର ଅର୍ଥନୀତିରେ ୯୯.୬୭% କଟ୍-ଅଫ୍ ସର୍ବାଧିକ ରହିଛି। ସେହିପରି ବିଜ୍ଞାନ ବିଭାଗର ଫିଜିକ୍ସରେ ୯୬.୧୭%, ବଟାନୀରେ ୯୪.୩୩% ଏବଂ ବାଣିଜ୍ୟ ବିଭାଗରେ ୯୩.୬୭% କଟ୍-ଅଫ୍ ରହିଛି। ଅନ୍ୟପକ୍ଷରେ, ବିଜେବି (ସ୍ୱୟଂଶାସିତ) ମହାବିଦ୍ୟାଳୟର ସେଲ୍ଫ-ଫାଇନାନ୍ସିଂ କମ୍ପ୍ୟୁଟର ସାଇନ୍ସ ପାଇଁ କଟ୍-ଅଫ୍ ୯୨% ରହିଥିବାବେଳେ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏ-ଏଲଏଲବି ପାଇଁ କଟ୍-ଅଫ୍ ୮୮.୮୩% ରହିଛି। ଦ୍ୱିତୀୟ ମେଧା ତାଲିକାରେ ବିଭାଗ ଭିତ୍ତିକ ଚୟନିତ ପ୍ରାର୍ଥୀଙ୍କ ସଂଖ୍ୟା ଯଥାକ୍ରମେ; ବିଜ୍ଞାନରେ ୧୩,୩୩୧, କଳାରେ ୨୩,୮୧୫, ବାଣିଜ୍ୟରେ ୨,୯୧୫, ଶାସ୍ତ୍ରୀରେ ୨୮୬, ସେଲ୍ଫ-ଫାଇନାନ୍ସିଂ ପାଠ୍ୟକ୍ରମରେ ୧,୧୬୮ ଏବଂ ଆଇନ ପାଠ୍ୟକ୍ରମରେ ୬୩ ଜଣ ବୋଲି ଜଣାପଡ଼ିଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଏଥର ଦ୍ୱିତୀୟ ମେଧା ତାଲିକାରେ ମୋଟ ୪୧,୫୭୮ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୭,୭୩୭ ଜଣ ପୁରୁଷ, ୨୩,୮୩୯ ଜଣ ମହିଳା ଏବଂ ୨ ଜଣ ଟ୍ରାନ୍ସଜେଣ୍ଡର ରହିଛନ୍ତି। ସେପଟେ ଉଚ୍ଚଶିକ୍ଷା ବିଭାଗ ପରାମର୍ଶ ଦେଇଛି ଯେ, ଦ୍ୱିତୀୟ ମେଧା ତାଲିକାରେ ଚୟନିତ ହୋଇ ‘ଫ୍ରିଜ୍’ ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀମାନେ ୨୧ ଜୁଲାଇ ସକାଳ ୧୦ଟାରୁ ୨୩ ଜୁଲାଇ ସନ୍ଧ୍ୟା ୫ଟା ମଧ୍ୟରେ ନିଜର ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବେ। ଏନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କାହ୍ନୁ ଚରଣ ମଲ୍ଲିକ କହିଛନ୍ତି, ‘ଦ୍ୱିତୀୟ ପର୍ଯ୍ୟାୟରେ ଏତେ ଉଚ୍ଚ କଟ୍-ଅଫ୍ ହେବା ବିଶ୍ୱବିଦ୍ୟାଳୟ ପାଇଁ ଗର୍ବର ବିଷୟ। ଅନେକ ମେଧାବୀ ଛାତ୍ରଛାତ୍ରୀ ରେଭେନ୍ସାରେ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଯେଉଁମାନେ ଭଲ ନମ୍ବର ରଖି ଅନ୍ୟ କଲେଜରେ ନାମଲେଖା କରିଥିଲେ, ସେମାନେ ସ୍ଲାଇଡ୍-ଅପ୍ ପ୍ରକ୍ରିୟା ମାଧ୍ୟମରେ ରେଭେନ୍ସାକୁ ଆସିବାକୁ ଚାହୁଁଛନ୍ତି। ଏହି କାରଣରୁ କଟ୍-ଅଫ୍ ମାର୍କ ଅଧିକ ରହୁଛି।’ ସୂଚନାଯୋଗ୍ୟ ଯେ, ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ରାଜ୍ୟରେ ମୋଟ ୨,୮୭,୫୧୯ଟି ସିଟ୍ ଉପଲବ୍ଧ ଥିବାବେଳେ, ଫେଜ୍-୧ରେ ୨,୩୭,୨୦୦ଜଣ ଆବେଦନ କରିଥିଲେ। ପ୍ରଥମ ମେଧା ତାଲିକାରେ ୧,୭୮,୭୮୨ ଜଣ ଚୟନିତ ହୋଇଥିବା ବେଳେ, ସେଥିମଧ୍ୟରୁ ୮୮,୪୮୦ ଜଣ ନାମଲେଖା ସମ୍ପୂର୍ଣ୍ଣ କରିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୨୧/୦୭/୨୦୨୬
୨,୪୪,୯୧୫/- ଟଙ୍କା
ସୁନା:- ୦୨ଗ୍ରାମ୍ ୦୦୦ ମିଲିଗ୍ରାମ
ରୂପା:- ୦୪ଗ୍ରାମ୍ ୮୫୦ ମିଲିଗ୍ରାମ

# ଇଆରପିସିସି ବୈଠକ: ଆନ୍ତଃରାଜ୍ୟ ଅପରାଧ, ନକ୍ସଲ ଦମନ ଉପରେ ଆଲୋଚନା

ଭୁବନେଶ୍ୱର, ୨୧/୦୭ ନ୍ୟୁଜ ବ୍ୟୁରୋ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ ଆଞ୍ଚଳିକ ପୋଲିସ ସମନ୍ୱୟ କମିଟି (ଇଆରପିସିସି)ର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଓଡ଼ିଶା ପୋଲିସର ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଆରକ୍ଷୀ ମହାନିର୍ଦ୍ଦେଶକ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫଏସ୍), କେନ୍ଦ୍ରୀୟ ପୋଲିସ ସଂଗଠନ (ସିପିଓଏସ୍) ଏବଂ ବିଭିନ୍ନ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ବୈଠକର ପ୍ରାରମ୍ଭରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ସମସ୍ତ ପ୍ରତିନିଧି ଓ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସମନ୍ୱୟ ବୈଠକ ଆୟୋଜନର ଦାୟିତ୍ୱ ଓଡ଼ିଶା ପୋଲିସକୁ ପ୍ରଦାନ କରିଥିବାରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ନିଜ ସ୍ୱାଗତ ଅଭିଭାଷଣରେ ଡିଜିପି ଶ୍ରୀ ଖୁରାନିଆ କହିଥିଲେ ଯେ, ବର୍ତ୍ତମାନ ସମୟରେ ସଂଘଟିତ ଅପରାଧ, ସାଇବର ଅପରାଧ, ମାଦକ ଦ୍ରବ୍ୟ ଚୋରାଚାଲାଣ, ମାନବ ଚାଲାଣ ଏବଂ ବାମପନ୍ଥୀ ଉଗ୍ରବାଦ (ଏଲଡବ୍ଲ୍ୟୁଇ) ଭଳି ସୁରକ୍ଷାଜନିତ ଆହ୍ୱାନ କୌଣସି ଗୋଟିଏ ରାଜ୍ୟର ସୀମା ମଧ୍ୟରେ ସୀମିତ ନୁହେଁ। ଏହି ଆହ୍ୱାନଗୁଡ଼ିକର ସଫଳ ମୁକାବିଲା ପାଇଁ ରାଜ୍ୟମାନଙ୍କ ମଧ୍ୟରେ ନିରନ୍ତର ଗୁଇନ୍ଦା ସୂଚନାର ଆଦାନପ୍ରଦାନ, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ପାରସ୍ପରିକ ବିଶ୍ୱାସ ଓ ମିଳିତ କାର୍ଯ୍ୟ ଶୈଳୀର ପ୍ରମୁଖ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଦିନିକିଆ ବୈଠକରେ ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କର ନିୟମିତ ଅନୁଧ୍ୟାନ ଓ ପୁନର୍ବାସ, ଆନ୍ତଃରାଜ୍ୟ ନିଶା କାରବାର ବିରୋଧରେ ମିଳିତ ଅଭିଯାନ, ସାଇବର ଅପରାଧର ମୁକାବିଲା ପାଇଁ ରାଜ୍ୟମାନଙ୍କ ମଧ୍ୟରେ ତ୍ୱରିତ ସୂଚନା ବିନିମୟ, ଜିରୋ ଏଫ୍‌ଆଇଆର୍‌ର ଶୀଘ୍ର ହସ୍ତାନ୍ତର ଓ ସମୟସୀମା ମଧ୍ୟରେ ତଦନ୍ତ, ରେଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଏବଂ ବେଆଇନ ଅନୁପ୍ରବେଶ ରୋକିବା ପାଇଁ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତି ସମେତ ବିଭିନ୍ନ ସମସାମୟିକ ସୁରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଆନ୍ତଃରାଜ୍ୟ ଅପରାଧୀମାନଙ୍କ ବିରୋଧରେ ମିଳିତ ଅଭିଯାନ, ଗୁଇନ୍ଦା ସୂଚନାର ରିୟଲ୍-ଟାଇମ୍ ବିନିମୟ, ପ୍ରଯୁକ୍ତିଭିତ୍ତିକ ପୋଲିସିଂ ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ଅଧିକ ସମନ୍ୱିତ କାର୍ଯ୍ୟପଦ୍ଧତି ଗ୍ରହଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଭବିଷ୍ୟତରେ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ପାଇଁ ନିୟମିତ ବ୍ୟବଧାନରେ ଏଭଳି ସମନ୍ୱୟ ବୈଠକ ଆୟୋଜନ କରିବାକୁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା। ବୈଠକ ଶେଷରେ ଡିଜିପି ଶ୍ରୀ ଖୁରାନିଆ ଆଶା ପ୍ରକାଶ କରିଥିଲେ ଯେ, ଏହି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଏବଂ ସୁପାରିଶଗୁଡ଼ିକ ପୂର୍ବ ଭାରତରେ ଆଇନଶୃଙ୍ଖଳାର ସୁଦୃଢ଼ୀକରଣ, ଆନ୍ତଃରାଜ୍ୟ ଅପରାଧ ନିୟନ୍ତ୍ରଣ ଏବଂ ଜାତୀୟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୁଇନ୍ଦା) ଆର ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ ଏବଂ ସ୍ୱତନ୍ତ୍ର ଗୁଇନ୍ଦା ବିଭାଗ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା ‘ଉତ୍କଳ ଦୀପିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


## କାରାଗାର ବିକାଶ ବୋର୍ଡର ୪ର୍ଥ ବୈଠକ

# ଆଧୁନିକ ସୁରକ୍ଷା ବ୍ୟବସ୍ଥା ଓ ବନ୍ଦୀମାନଙ୍କ କଲ୍ୟାଣ ପାଇଁ ବହୁମୁଖୀ ପଦକ୍ଷେପ ସଂପର୍କରେ ପରାମର୍ଶ

ଭୁବନେଶ୍ୱର,୨୧/୦୭
ନ୍ୟୁଜ ବ୍ୟୁରୋ

ରାଜ୍ୟ କାରାଗାର ବିକାଶ ବୋର୍ଡ (ପିଡିବି)ର ୪ ର୍ଥ ବୈଠକ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କାରାଗାର ବିକାଶ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଆଧୁନିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ କାଗାଗାର ସଂସ୍କାର, ବନ୍ଦୀମାନଙ୍କ କଲ୍ୟାଣ ପାଇଁ ଶିକ୍ଷା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, କାଗାଗାରରୁ ମୁକ୍ତି ପରେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ କାରାଗାର କର୍ତ୍ତୃପକ୍ଷଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗଗୁଡ଼ିର ସହଯୋଗ କାମନା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। କାରାଗାର ମହାନିର୍ଦ୍ଦେଶକ ତଥା ସଂଶୋଧନାତ୍ମକ ସେବା ନିର୍ଦ୍ଦେଶକ ସୁଶାନ୍ତ କୁମାର ନାଥ, କାରାଗାରଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗତ ଏକ ବର୍ଷ ମଧ୍ୟରେ କାରାଗାର ନିର୍ଦ୍ଦେଶାଳୟ ପକ୍ଷରୁ ଗ୍ରହଣ



କରାଯାଇଥିବା ବିଭିନ୍ନ ନୂତନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ । ପ୍ରମୁଖ ପଦକ୍ଷେପ ମଧ୍ୟରେ ଭିଡିଓ ଆନାଲିଟିକ୍ସ ସୁବିଧା ସହିତ କୃତ୍ରିମ ବୁଦ୍ଧିମତା (ଏ.ଆଇ) ଆଧାରିତ ସିସିଟିଭି ବ୍ୟବସ୍ଥା ୨୦ଟି କାରାଗାରରେ ସ୍ଥାପନ କରାଯାଇଛି । କାରାଗାର ପରିସୀମା ପ୍ରାଚୀରର ଉଚ୍ଚତା ବୃଦ୍ଧି, କଣ୍ଟାଯୁକ୍ତ ସର୍ପିଳ ତାର ଜାଲି ଲଗାଇବା ସହିତ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ଡ୍ରୋନ୍, ବଡି-ୱର୍ନ କ୍ୟାମେରା, କାରାଗାରକୁ ପ୍ରବେଶ କରୁଥିବା ବ୍ୟକ୍ତି କିମ୍ବା ବନ୍ଦୀଙ୍କ ଶରୀରରେ ଲୁଚାଇ ରଖାଯାଇଥିବା ଧାତୁ ଜିନିଷ (ଛୁରୀ, ମୋବାଇଲ, ଅସ୍ତ୍ର ଇତ୍ୟାଦି) ଚିହ୍ନଟ କରିବା ପାଇଁ ହ୍ୟାଣ୍ଡ ହେଲ୍ ମେଟାଲ ଡିଟେକ୍ଟର, ପ୍ରବେଶ ଦ୍ୱାରରେ ଫ୍ରେମ୍ ଆକୃତିର ଧାତୁ ଚିହ୍ନଟକାରୀ ଯନ୍ତ୍ର (ଡିଏସ୍‌ଏମଡି) ଦ୍ୱାରା ସତର୍କ ସୂଚନା ବ୍ୟବସ୍ଥା, ଡିପ୍ ସର୍ଚ୍ଚ ମେଟାଲ୍ ଡିଟେକ୍ଟର, ନନ୍-ଲିନିୟର୍ ଜଙ୍କସନ୍ ଡିଟେକ୍ଟର (ମୋବାଇଲ୍ ଫୋନ୍ ଚିହ୍ନଟ ପାଇଁ) ଇତ୍ୟାଦି ଆଧୁନିକ ସୁରକ୍ଷା ଉପକରଣର ବ୍ୟବହାର ନିମନ୍ତେ ପଦକ୍ଷେପ ନିଆଯାଇଛି । କାରାଗାରଗୁଡ଼ିକରେ କାରାଗାର ଗୁଇନ୍ଦା ୟୁନିଟ୍ ସ୍ଥାପନ ଏବଂ କାରାଗାର କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱରେ ଅଧିକ ସଂଖ୍ୟକ ଦୋଷୀ ସାବ୍ୟସ୍ତ ଅଥଚ ବିଶ୍ୱସନୀୟ ବନ୍ଦୀମାନଙ୍କୁ କାରାଗାର ଭିତରେ ଶୃଙ୍ଖଳା ରକ୍ଷା, ବନ୍ଦୀଙ୍କ ଗତିବିଧି ଉପରେ ନଜର ରଖିବା, ପରିଷ୍କାର-ପରିଚ୍ଛନ୍ନତା, ଇତ୍ୟାଦି ଆଭ୍ୟନ୍ତରୀଣ ସହାୟକ କାର୍ଯ୍ୟରେ ନିୟୋଜିତ କରାଯାଉଛି । ଗତ ଏକ ବର୍ଷ ମଧ୍ୟରେ ବନ୍ଦୀମାନଙ୍କର ଉନ୍ନତ ଜୀବନଯାପନ ବ୍ୟବସ୍ଥା ସୁନିଶ୍ଚିତ କରିବା ସହିତ କାରାଗାରରୁ ମୁକ୍ତ ହେବା ପରେ ସେମାନଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ୭୪ଟି କାରାଗାର ପାଇଁ ୧୧୮ ଜଣ ସମର୍ପିତ ଯୋଗ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି । ୩୬ଟି କାରାଗାରରେ ୬୧ ଜଣ ସମର୍ପିତ ମାନସିକ ସ୍ୱାସ୍ଥ୍ୟ ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି । ବନ୍ଦୀମାନଙ୍କୁ ବିଭିନ୍ନ ଉତ୍ପାଦନମୂଳକ କାର୍ଯ୍ୟରେ ନିୟୋଜିତ ରଖିବା ପାଇଁ ୯୬ଟି ମାଇକ୍ରୋ ଇଣ୍ଡଷ୍ଟ୍ରି ସ୍ଥାପନ କରାଯାଇଛି। ସେମାନଙ୍କର ଦକ୍ଷତା ବିକାଶ ଓ ବୃତ୍ତିମୂଳକ ପ୍ରଶିକ୍ଷଣ ପାଇଁ ସ୍ୱତନ୍ତ୍ର ଅଭିଯାନ ସ୍ୱରୂପ ୨୦୨୫ ମସିହାରେ ୧,୬୩୬ ଜଣ ବନ୍ଦୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । କାରାଗାରରେ ଉତ୍ପାଦିତ ସାମଗ୍ରୀଗୁଡ଼ିକର ମାନକୀକରଣ ଏବଂ ବ୍ରାଣ୍ଡିଂ, ଜାମୁଝରୀ ଖୋଲା କାରାଗାର (ଓପନ ଏୟାର ଜେଲ)ରେ ସ୍ୱତନ୍ତ୍ର ଔଷଧୀୟ ବୃକ୍ଷରୋପଣ ପ୍ରକଳ୍ପ, ବନ୍ଦୀମାନଙ୍କ ପାଇଁ ହାଇକୋର୍ଟରେ ଅପିଲ୍ ପିଟିସନ୍ ଏବଂ ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଆବେଦନ (ଏସଏଲପି) ଦାଖଲ ସୁନିଶ୍ଚିତ କରିବା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ସ୍ୱରୂପ ୨,୪୧୮ଟି ଅପିଲ୍ ଏବଂ ୨୫୬ଟି ଏସଏଲପି ଦାଖଲ କରାଯାଇଛି । ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ବିଶେଷ କାରଣରେ ବନ୍ଦୀଙ୍କୁ ନିର୍ଦ୍ଦିଷ୍ଟ ସର୍ତ୍ତରେ କିଛି ଦିନ ପାଇଁ କାରାଗାରରୁ ବାହାରକୁ ଯିବାର ଅନୁମତି ଦିଆଯାଇଥିବା (ପାରୋଲରେ ଯାଇଥିବା) ଏବଂ ଭଲ ଆଚରଣ ପାଇଁ ବନ୍ଦୀଙ୍କୁ ନିୟମିତ ବ୍ୟବଧାନରେ କିଛି ଦିନ ପାଇଁ ଛୁଟି ଦିଆଯାଇଥିବା କ୍ଷେତ୍ରରେ (ଫର୍ଲୋ) ଫେରାର ସନ୍ଦେହଭୁକ୍ତ ବନ୍ଦୀମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ନିଆଯାଇଛି । ୨୦୨୫-୨୬ ମସିହାରେ ଏକ ସ୍ୱତନ୍ତ୍ର ଶିକ୍ଷା ଅଭିଯାନରେ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ (ଏନଆଇଓଏସ), ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗୋ), ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ଅଧୀନରେ ମାଟ୍ରିକ୍‌ରୁ ସ୍ନାତକୋତର ପର୍ଯ୍ୟନ୍ତ ବିଭିନ୍ନ ପାଠ୍ୟକ୍ରମରେ ୨୧୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ବୈଠକରେ କାରାଗାର ଭିତ୍ତିଭୂମିରେ ଉନ୍ନତି ପାଇଁ ଭୁବନେଶ୍ୱର, ଯାଜପୁର ଏବଂ ଭଦ୍ରକ ସମେତ ବିଭିନ୍ନ ସ୍ଥାନରେ ନୂତନ ମଡେଲ୍ କାରାଗାର ନିର୍ମାଣ, ବନ୍ଦୀ କଲ୍ୟାଣ ଏବଂ ଉନ୍ନତ ଜୀବନଯାପନ ବ୍ୟବସ୍ଥା ସ୍ୱରୂପ ବନ୍ଦୀମାନଙ୍କ ଖାଦ୍ୟ ଖର୍ଚ୍ଚ, ରାତ୍ରି ଭୋଜନ, ବିଶୁଦ୍ଧ ଓ ନିରାପଦ ପାନୀୟ ଜଳର ବ୍ୟବସ୍ଥା, ବନ୍ଦୀମାନଙ୍କ ମଜୁରୀ, କାରାଗାର ଭିତରେ ନିଶାମୁକ୍ତି କେନ୍ଦ୍ର ସ୍ଥାପନ, କଟକ ଚୌଦ୍ୱାର କାରାଗାରରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସ୍ଥାପନ ଇତ୍ୟାଦି ସଂପର୍କରେ ବିସ୍ତୃତ ଆଲୋଚନା ହୋଇଛି। କାରାଗାର ପ୍ରଶାସନର ଅନ୍ୟାନ୍ୟ ବିକାଶମୂଳକ ପ୍ରସଙ୍ଗ, ଯଥା-କାରାଗାର ସୁରକ୍ଷାକର୍ମୀଙ୍କ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ବୃଦ୍ଧି, ଅଧିକ ସଂଖ୍ୟକ “ଓପନ ଏୟାର ଜେଲ” ଖୋଲିବା ଇତ୍ୟାଦି ସଂପର୍କିତ କାରାଗାର ବିକାଶ ଓ ଅନ୍ୟାନ୍ୟ ସଂସ୍କାରମୂଳକ ପଦକ୍ଷେପ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡଃ. ପବିତ୍ର ମୋହନ ସାମଲଙ୍କ ସମେତ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଉଚ୍ଚ ଶିକ୍ଷା, ବିଭାଗ କମିଶନର ତଥା ଶାସନ ସଚିବ, ନିର୍ଦ୍ଦେଶକ, ସମାଜ କଲ୍ୟାଣ ବୋର୍ଡ ନିର୍ଦ୍ଦେଶିକା ପ୍ରମୁଖ ଉପସ୍ଥିତ ଥିଲେ।